


ଦୁଲୀପ ଟ୍ରଫି
ଓପନର ପ୍ରଥମ ସିଂହ ୧୨୨
ପୃଷ୍ଠା ୬

# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live   mail Id: sancharodisha@gmail.com
RNI NO :ODIODI/2001/04811   Postal Regd No : BN/249/15-17

Vol. 32 | ISSUE 177 | ଭାଗ ୩୨ | ସଂଖ୍ୟା ୧୭୭ | Bhubaneswar | Sunday 15 September 2024 | Page 8 ₹ 4.00 | ଭୁବନେଶ୍ୱର | ରବିବାର ୧୫ ସେପ୍ଟେମ୍ବର ୨୦୨୪ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


## ସେନାରେ ସାମିଲ ହେବ ମାଉଣ୍ଟେନ୍ ଟ୍ୟାଙ୍କ୍ 'ଜୋରୱାର'



**ନୂଆଦିଲ୍ଲୀ, ୧୪।୯:** ପୂର୍ବ ଲଦାଖରେ ଚୀନ୍‌ର ଅନୁପ୍ରବେଶ ଓ ରୁଷିଆ-ୟୁକ୍ରେନ ଯୁଦ୍ଧରୁ ଶିକ୍ଷାଲାଭ କରିବା ପରେ ଡିଆରଡିଓ ପକ୍ଷରୁ ପ୍ରଥମ 'ମାଉଣ୍ଟେନ୍ ଟ୍ୟାଙ୍କ' ଜୋରୱାର (ସାହସୀ) କୁ ବିକଶିତ କରାଯାଇଛି। ଶୁକ୍ରବାର ଏହାର ପ୍ରଥମ ପର୍ଯ୍ୟାୟ ପରୀକ୍ଷଣ ସଫଳ ହୋଇଛି। ଆଉ ଦୁଇ ପର୍ଯ୍ୟାୟ ପରୀକ୍ଷଣ ପରେ ଜୋରୱାର୍‌କୁ ସେନାରେ ସାମିଲ କରାଯିବ। ଜୋରୱାର ହେଉଛି ଏକ ହାଲକା ଅତ୍ୟାଧୁନିକ ଟ୍ୟାଙ୍କ। ଏହାକୁ ହେଲିକପ୍ଟରରେ ନିଆଯାଇ ଅତି ଉଚ୍ଚ ସ୍ଥାନରେ ମୁତୟନ କରାଯାଇପାରିବ। ମରୁ ଅଞ୍ଚଳରେ ପରୀକ୍ଷା ସମୟରେ ଏହା ଯଥେଷ୍ଟ ସଫଳ ହୋଇଥିବା ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଆଗାମୀ ଦିନରେ ପ୍ରାୟ ୩୫୦ ଜୋର୍‌ୱାର ଟ୍ୟାଙ୍କ ସେନାରେ ସାମିଲ କରାଯିବ। ଜାମ୍ମୁର ଡୋଗ୍ରା ବଂଶରୁ ରାଜା ଗୁଲାବ ସିଂହଙ୍କ ସେନାପତି ଜୋରୱାର୍ ସିଂହ କହ୍‌ଲୁରିଆଙ୍କ ନାମରେ ଏହା ନାର ନାମକରଣ କରାଯାଇଛି। ଜୋର୍‌ୱାର୍ ସିଂହ ଲଦାଖ ଦଖଲ କରି ଡୋଗ୍ରା ସାମ୍ରାଜ୍ୟ ବିସ୍ତାରରେ ସହଯୋଗ କରିଥିଲେ। ■

## ୧୭ରେ ଭୁବନେଶ୍ୱରର ସବୁ ଶିକ୍ଷାନୁଷ୍ଠାନ ଛୁଟି

### ସରକାରୀ ଅଫିସ ପ୍ରଥମାର୍ଦ୍ଧ ବନ୍ଦ

**ଭୁବନେଶ୍ୱର, ୧୪।୯ (ସଂଚାର ବ୍ୟୁରୋ):** ପ୍ରଧାନମନ୍ତ୍ରୀ ସେପ୍ଟେମ୍ବର ୧୭ ତାରିଖରେ ଭୁବନେଶ୍ୱରରେ ସୁଭଦ୍ରା ଯୋଜନାର ଶୁଭାରମ୍ଭ କରୁଛନ୍ତି। ଏଥିପାଇଁ ବିପୁଳ ଜନ ସମାଗମକୁ ଦୃଷ୍ଟିରେ ରଖି ଭୁବନେଶ୍ୱରର ସମସ୍ତ ସ୍କୁଲ କଲେଜ ସେଦିନ ସମ୍ପୂର୍ଣ୍ଣ ଛୁଟି ହେବା ସହିତ ସରକାରୀ କାର୍ଯ୍ୟାଳୟଗୁଡିକର ପ୍ରଥମାର୍ଦ୍ଧ ଛୁଟି କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି।

## ଓଡ଼ିଶାଦେଇ ଗଡ଼ିବ ଦୁର୍ଗ-ବିଶାଖାପାଟଣା ବନ୍ଦେ ଭାରତ



**ଭୁବନେଶ୍ୱର, ୧୪।୯ (ସଂଚାର ବ୍ୟୁରୋ):** ଆସନ୍ତା ୧୭ ତାରିଖରେ ଗଡ଼ିବ ଦୁର୍ଗ-ବିଶାଖାପାଟଣା ବନ୍ଦେ ଭାରତ ଏକ୍ସପ୍ରେସ୍। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଟ୍ରେନର ଶୁଭାରମ୍ଭ କରିବେ। ଏହା ଓଡ଼ିଶାର ଖରିଆର ରୋଡ, କଣ୍ଟାବାଞ୍ଜି, ଟିଟିଲାଗଡ଼, କେସିଙ୍ଗା ଓ ରାୟଗଡ଼ାରେ ଅଟକି ବିଶାଖାପାଟଣାରେ ପହଞ୍ଚିବ। ଏହା ପୂର୍ବରୁ ସମ୍ବଲପୁର ଡିଆରଏମ ତୁଷାରକାନ୍ତ ପାଣ୍ଡେ ଟିଟିଲାଗଡ଼ ରେଳ ଷ୍ଟେସନରେ ପହଞ୍ଚି ସମୀକ୍ଷା କରିଛନ୍ତି। ଏହି ଟ୍ରେନ ଗଡ଼ିବା ଦ୍ୱାରା ବିଶେଷ କରି ପଶ୍ଚିମ ଓଡ଼ିଶାର ବଲାଙ୍ଗିର, କଳାହାଣ୍ଡି, ନୂଆପଡ଼ାର ଲୋକେ ସୁବିଧା ପାଇବେ। ଦୁର୍ଗ-ବିଶାଖାପାଟଣା ବନ୍ଦେ ଭାରତ ଏକ୍ସପ୍ରେସ ଦକ୍ଷିଣ ଓଡ଼ିଶାର ରାୟଗଡ଼ାରେ ରହଣି କରିବ। ■

# ୨ ଲକ୍ଷ ଟଙ୍କା ସୁଧମୁକ୍ତ କୃଷି ଋଣ!



**ଭୁବନେଶ୍ୱର, ୧୪।୯ (ସଂଚାର ବ୍ୟୁରୋ):** ବିଜେପି ସରକାର ଚାଷୀଙ୍କ ଆସ୍ଥାଭାଜନ ହେବା ପାଇଁ ବ୍ୟାପକ କସରତ ଆରମ୍ଭ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଆସନ୍ତା ୧୭ ତାରିଖରେ ମହିଳାଙ୍କ ପାଇଁ ନିଜର ମହତ୍ୱାକାଂକ୍ଷୀ 'ସୁଭଦ୍ରା ଯୋଜନା'ର ଶୁଭାରମ୍ଭ କରିବାକୁ ଯାଉଥିବା ମୋହନ ସରକାର ଖୁବଶୀଘ୍ର ଚାଷୀଙ୍କୁ ୨ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ ଫସଲ ଋଣ ଯୋଗାଇ ଦେବେ। ଏହାସହିତ ଚାଷୀଙ୍କ ସ୍ୱାର୍ଥସହ ଜଡ଼ିତ ବିଭିନ୍ନ ପ୍ରସଙ୍ଗର ସମାଧାନ ପାଇଁ ସରକାର ୧୦୦ ଦିନିଆ ଆକ୍ସନପ୍ଲାନକୁ କାର୍ଯ୍ୟକାରୀ ପାଇଁ ପ୍ରକ୍ରିୟା ଆରମ୍ଭ କରିଥିବା ଜଣାପଡ଼ିଛି ।

ଶାସକ ବିଜେପି ନିଜର ନିର୍ବାଚନୀ ପ୍ରତିଶ୍ରୁତି ମୁତାବକ ଧାନ ସଂଗ୍ରହ ପ୍ରକ୍ରିୟାରେ କଟନୀଛଟନୀର ମୂଳପୋଛ ପାଇଁ ଖୁବଶୀଘ୍ର ଷ୍ଟାଣ୍ଡାର୍ଡ ଅପରେସନ୍ ପ୍ରୋସିଜିଓର (ଏସ୍‌ଓପି) ଘୋଷଣା କରିବେ । ଚଳିତ ଖରିଫ ଋତୁରେ ଧାନ ସଂଗ୍ରହବେଳେ ଏହି କଟନୀଛଟନୀ ଯେଭଳି ନ ରହିବ ତାହା ସୁନିଶ୍ଚିତ କରିବାକୁ

- ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଉପରେ ୨% ସୁଧ
- ଖୋଲାଯିବ ଅଧିକ ସଂଖ୍ୟକ କୃଷି ସମବାୟ ସମିତି

ରାଜ୍ୟର ବିଜେପି ସରକାର ପଦକ୍ଷେପ ନେଇଛି । ସେହିପରି ଚାଷୀଙ୍କୁ ବିନା ସୁଧରେ ଏକ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଫସଲ ଋଣ ପ୍ରଦାନ ପୃଷ୍ଠା-୬

### ୫-ଟି, ନବୀନ ଓଡ଼ିଶା ସ୍କାମ୍‌ର ପ୍ରମାଣ ଦେଲେ ସରକାର

# ନବୀନ-ପାଣ୍ଡିଆନ ସାଜିଥିଲେ ବଣ୍ଟି-ବବଲି



**ଭୁବନେଶ୍ୱର, ୧୪।୯ (ସଂଚାର ବ୍ୟୁରୋ):** ଫାଇଭ-ଟି, ନବୀନ ଓଡିଶାକୁ ନେଇ ଗତ ପାଞ୍ଚ ବର୍ଷ ଧରି ବିବାଦ ଚାଲିଥିବା ବେଳେ ଏବେ ରାଜ୍ୟ ସରକାର ଖୋଲିଦେଇଛନ୍ତି ପୂରା ଗୁମର। ଭେ.କେ. ପାଣ୍ଡିଆନ କେଉଁ ଆଧାରରେ ୫-ଟି ସଚିବ ଓ ପରେ ଅଧ୍ୟକ୍ଷ ହେଲେ? ଏନେଇ ରାଜ୍ୟ କ୍ୟାବିନେଟ ବୈଠକରେ ନିଷ୍ପତ୍ତି ହୋଇଥିଲା କି? ରାଜ୍ୟ ସରକାର କୌଣସି ବିଜ୍ଞପ୍ତି ଜାରି କରିଥିଲେ କି? ସେହିଭଳି ନବୀନ ଓଡିଶା କେଉଁ ଆଧାରରେ ଗଠନ ହୋଇଥିଲା, ଏନେଇ କୌଣସି କ୍ୟାବିନେଟ ରିଜୋଲ୍ୟୁସନ ହୋଇଥିଲା କି? ୨୦୧୯ ନିର୍ବାଚନ ପରଠୁ ବିରୋଧୀ ବାରମ୍ବାର ଏ ପ୍ରଶ୍ନ କରିଆସୁଥିଲେ। ହେଲେ କ୍ଷମତା ନିଶାରେ ଅନ୍ଧ ହୋଇ ସରକାର ଏହାର କୌଣସି ଉତ୍ତର ଦେଉନଥିଲେ।

ହେଲେ ଏବେ ସରକାର ବଦଳିବା ପରେ ପୂର୍ବତନ ବିଜେଡି ସରକାର ଅମଳରେ ନବୀନ ପଟ୍ଟନାୟକ ଓ ପାଣ୍ଡିଆନ ବଣ୍ଟି-ବବଲି ସାଜି କିଭଳି ରାଜ୍ୟ ରାଜକୋଷକୁ ଲୁଟ କରୁଥିଲେ ଆଉ ସାଢେ ଚାରି କୋଟି ଓଡିଶାବାସୀଙ୍କୁ ଭକୁଆ ବନାଉଥିଲେ ଏପୂରା ଏପିସୋଡ ପଦାକୁ ଆସିଛି। ସୂଚନା ଅଧିକାର ଆଇନ ବଳରେ କେବଳ ବିଜେଡିର ରାଜନୈତିକ ପ୍ରତିଦ୍ୱନ୍ଦ୍ୱି ନୁହଁନ୍ତି, ଗଣମାଧ୍ୟମ ଓ ବୁଦ୍ଧିଜୀବୀଙ୍କ ମନରେ ଉଠୁଥିବା ଏସବୁ ପ୍ରଶ୍ନର ଉତ୍ତର ମିଳିଛି। ସାଧାରଣ ପ୍ରଶାସନ ବିଭାଗ, ଯୋଜନା ଓ ସଂଯୋଜନା ବିଭାଗ, ସଂସଦୀୟ ବ୍ୟାପାର ବିଭାଗ ସହ ପଂଚାୟତିରାଜ ବିଭାଗଠାରୁ ମଗାଯାଇଥିବା ତଥ୍ୟରେ ଉତ୍ତର ଆସିଛି ଯେ, "ଏ ସମ୍ପର୍କରେ ସରକାରଙ୍କ ପାଖରେ କୌଣସି ସୂଚନା ନାହିଁ"।

ଏହାର ଅର୍ଥ ଏୟା ହୋଇପାରେ ଯେ, ମୁଖ୍ୟମନ୍ତ୍ରୀ ଭାବେ ସେ ସମୟରେ ନବୀନ ପଟ୍ଟନାୟକ ଯେଉଁ ନିଷ୍ପତ୍ତି ନେଇଥିଲେ ତାହା ପ୍ରଶାସନିକ ଗଣ୍ଡି ଭିତରେ ହୋଇନଥିଲା। ନବୀନ ପଟ୍ଟନାୟକ ଫାଇଭ-ଟି ଓ ନବୀନ ଓଡିଶା ଗଠନ ନାଁରେ ପାଣ୍ଡିଆନଙ୍କୁ ନିଜର ଉତ୍ତରାଧିକାରୀ ଭାବେ ପ୍ରୋଜେକ୍ଟ କଲେ ଆଉ ସେ ସମୟରେ ବିଜେଡି ନେତାମାନେ ମଧ୍ୟ ତାକୁ ଗ୍ରହଣ କରିନେଲେ। ୫-ଟି ନାଁରେ ସେ ହେଲିକ୍ୟାପ୍ଟରରେ ରାଜ୍ୟ ବୁଲିଲେ ଆଉ ଲୋକଙ୍କ ଠାରୁ ଆପତ୍ତି ଅଭିଯୋଗ ଗ୍ରହଣ କରିବା ସହ ବହୁ ପ୍ରକଳ୍ପ ଘୋଷଣା କରିଦେଇଗଲେ।

କଥା ଉଠୁଛି ଏସବୁ ସେ ପୃଷ୍ଠା-୬

# ୧୫ ସୁଦ୍ଧା ଆବେଦନ କରିଥିବା ହିତାଧିକାରୀଙ୍କୁ ପ୍ରଥମ କିସ୍ତି




**ଭୁବନେଶ୍ୱର, ୧୪।୯ (ସଂଚାର ବ୍ୟୁରୋ):** ଆସନ୍ତା ୧୭ରେ ମହିଳାଙ୍କ ଆକାଉଣ୍ଟକୁ ଯିବ 'ସୁଭଦ୍ରା' ଯୋଜନାର ପ୍ରଥମ କିସ୍ତି। ଏଯାବତ୍ ୫୦ ଲକ୍ଷରୁ ଉର୍ଦ୍ଧ୍ୱ ମହିଳା ପଞ୍ଜୀକରଣ କରିସାରିଲେଣି । ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏ ନେଇ ସୂଚନା ଦେଇଛନ୍ତି। ୧୫ ସୁଦ୍ଧା ଆବେଦନ କରିଥିବା ହିତାଧିକାରୀଙ୍କୁ ୧୭ରେ ପ୍ରଥମ କିସ୍ତି ମିଳିବ। ରବିବାର ରାଜ୍ୟବ୍ୟାପୀ ୧୦ ହଜାର ରାଜସ୍ୱ ଗାଁରେ ସୁଭଦ୍ରା ପଦଯାତ୍ରା ହେବ। ଭୁବନେଶ୍ୱରରେ ଗିରିଦୁର୍ଗା ମନ୍ଦିରରୁ ରମାଦେବୀ ଯାଏଁ ସୁଭଦ୍ରା ପଦଯାତ୍ରା ହେବ। ଅନ୍ୟପକ୍ଷେ ଭୁବନେଶ୍ୱରରେ ପ୍ରଧାନମନ୍ତ୍ରୀଙ୍କ ଲୋକାର୍ପଣ ଓ ଶିଳାନ୍ୟାସ କାର୍ଯ୍ୟକ୍ରମ ଚୂଡ଼ାନ୍ତ ହୋଇଛି। ସୁଭଦ୍ରାର ଶୁଭାରମ୍ଭ ସହ ଏକାଧିକ ପ୍ରକଳ୍ପର ଶିଳାନ୍ୟାସ କରିବେ।

ଗୋଟିଏ ସ୍କିମରେ ସବୁଠୁ ବେଶୀ ମହିଳା ଉପକୃତ ଯୋଜନା ହେଉଛି 'ସୁଭଦ୍ରା'। ଓଡ଼ିଶାର ୧ କୋଟିରୁ ଉର୍ଦ୍ଧ୍ୱ ମହିଳା 'ସୁଭଦ୍ରା'ର ସୁଫଳ ପାଇବେ। ସୁଭଦ୍ରା ଯୋଗ୍ୟ ହିତାଧିକାରୀଙ୍କୁ ମିଳିବ ସୁଭଦ୍ରା ଏଟିଏମ୍ କାର୍ଡ । ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ୫ ବର୍ଷରେ ମିଳିବ ୫୦ ହଜାର ଟଙ୍କା । ୫ ହଜାର ଲେଖାଏଁ ବର୍ଷକୁ ୨ ଥର ମୋଟ ୧୦ ହଜାର ଟଙ୍କା ମିଳିବ । ବର୍ଷକୁ ୧୦ ହଜାର କରି ୫ ବର୍ଷ ଯାଏଁ ମିଳିବ ମୋଟ ୫୦ ହଜାର । ବର୍ଷକୁ ୨ ଥର ପ୍ରଥମ କିସ୍ତି ରାକ୍ଷୀ ଓ ୨ୟ କିସ୍ତି ମାର୍ଚ୍ଚ ୮ରେ ମିଳିବ। ଅଧିକ ଡିଜିଟାଲ କାରବାର କଲେ ପଞ୍ଚାୟତରୁ ଶହେ ଜଣଙ୍କୁ ଅତିରିକ୍ତ ୫ଶହ ଟଙ୍କା ମିଳିବ।

### ଆଜି ରାଜ୍ୟବ୍ୟାପୀ 'ସୁଭଦ୍ରା' ସଚେତନତା ପଦଯାତ୍ରା

### ୫୦ଲକ୍ଷରୁ ଉର୍ଦ୍ଧ୍ୱ ପଞ୍ଜୀକରଣ

## ୧୭ରେ ହିତାଧିକାରୀଙ୍କ ଆକାଉଣ୍ଟକୁ ଯିବ ପିଏମ୍‌ଏୱାଇ ଟଙ୍କା




**ଭୁବନେଶ୍ୱର, ୧୪।୯ (ସଂଚାର ବ୍ୟୁରୋ):** ୧୭ରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ପିଏମ୍‌ଏୱାଇ)ର ପ୍ରଥମ କିସ୍ତି ଆକାଉଣ୍ଟକୁ ଆସିବ। ଓଡ଼ିଶା ଗସ୍ତରେ ଆସୁଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହିଦିନ ହିତାଧିକାରୀଙ୍କୁ ପ୍ରଥମ କିସ୍ତି ଟଙ୍କା ଦେବେ। ପ୍ରଧାନମନ୍ତ୍ରୀଙ୍କ ଗସ୍ତ ସମୟରେ ୧୦ଲକ୍ଷ ହିତାଧିକାରୀଙ୍କୁ ଆବାସ ପାଇଁ ପ୍ରଥମ କିସ୍ତି ଦେଇ ଓଡ଼ିଶାରୁ ଏହି ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାୟକ ସୂଚନା ଦେଇଛନ୍ତି। ପ୍ରଧାନମନ୍ତ୍ରୀ ଏହା ଓଡ଼ିଶାରୁ ଆରମ୍ଭ କରିବା ରାଜ୍ୟ ପାଇଁ ସୌଭାଗ୍ୟ ବୋଲି ମନ୍ତ୍ରୀ କହିଛନ୍ତି। ହିତାଧିକାରୀ ଚୟନରେ ଭୁଲ ହେଲେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ହିତାଧିକାରୀ ଚୟନ ପାଇଁ ଗ୍ରାମ ସଭା, ପଲ୍ଲୀସଭାକୁ ଆଧାର କରାଯାଇଛି। ଯୋଗ୍ୟ ଲୋକ ହିଁ ଘର ପାଇବେ ଏହା ବିଶ୍ୱାସ ବୋଲି ମନ୍ତ୍ରୀ କହିଛନ୍ତି।

### ଚାକିରି ପାଇଁ ୫୦ କୋଟି ଠକେଇ

# ଡିସିପିଙ୍କ ନିର୍ଦ୍ଦେଶ ପରେ ରୁଜୁ ହେଲା ମାମଲା



**ଭୁବନେଶ୍ୱର, ୧୪।୯ (ସଂଚାର ବ୍ୟୁରୋ):** ବିଜେଡି ସରକାର ଥିବାବେଳେ ଜଣେ ଯୁବନେତାଙ୍କ ଛାତ୍ରଛାୟାରେ ରହି କୋଟିକୋଟି ଟଙ୍କାର ଠକେଇ କରିଥିବା ଜଣେ ଠକ ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ। ବିଳମ୍ବରେ ହେଲେ ମଧ୍ୟ କେସ ରୁଜୁ କରିଛି କମିଶନରେଟ ପୋଲିସ । ପାଖାପାଖି ୫୦ କୋଟି ଟଙ୍କା ଠକେଇ ନେଇ ଅଭିଯୋଗ ଆସିଥିବା ବେଳେ ଏହାର ସୂତ୍ରଧର ସାଜିଛନ୍ତି ପାୱାର୍ କରିଡରର ପାୱାର୍ ସହ ଜଡିତ ଥିବା ଜଣେ ଯୁବକ । କିଛିଦିନ ତଳେ ପ୍ରକାଶ ପାଇଥିଲା ଆସିଷ୍ଟାଣ୍ଟ ସେକ୍ସନ ବା ଏଏସଓ ରେଜଲ୍ଟ । କିଛି ଛାତ୍ରଛାତ୍ରୀ ଏଥିରେ କୃତକାର୍ଯ୍ୟ ହୋଇଥିବା ବେଳେ ଆଉ କିଛି ପରୀକ୍ଷାରେ ଫେଲ ହୋଇଥିଲେ। ସେହି ସମୟରେ ଫେଲ ହୋଇଥିବା ଅଧିକାଂଶ ପିଲା କୋର୍ଟର ଦ୍ୱାରସ୍ଥ ହୋଇ ତୁମ୍ବିତୋଫାନ କରିଥିଲେ। କିନ୍ତୁ ଠିକ ସେହି ସମୟରେ ଆଉ କିଛି ସଙ୍ଗୀନ ଅଭିଯୋଗ ମଧ୍ୟ ପୋଲିସର ନିଦ ହଜାଇ ଦେଇଥିଲା । ସିଧାସଳଖ ଭାବେ ଭୁବନେଶ୍ୱର ଡିସିପିଙ୍କ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଥିଲେ କିଛି ଆଶାୟୀ ଯୁବକ ଯୁବତୀ। ଜଣେ ପ୍ରଭାବଶାଳୀ ନେତାଙ୍କ ପାଖରେ ବେସରକାରୀ ଭାବେ କାମ କରୁଥିବା ଜଣେ ଯୁବକ କୁଆଡେ ଚାକିରୀ କରାଇଦେବାକୁ କହି ମୁଣ୍ଡପିଛା ନେଇଯାଇଥିଲା ୬୦ ରୁ ୭୦ ଲକ୍ଷ ଟଙ୍କା । ଶହେରୁ ରୁ ଉର୍ଦ୍ଧ ପିଲାଙ୍କ ଠାରୁ ପାଖାପାଖି ୫୦ କୋଟି ଟଙ୍କା ନେଇ ପରବର୍ତ୍ତୀ ସମୟରେ ପୃଷ୍ଠା-୬

## ବଦଳିଲା 'ମୋ ସ୍କୁଲ' ଅଭିଯାନ ନାଁ




**ଭୁବନେଶ୍ୱର, ୧୪।୯ (ସଂଚାର ବ୍ୟୁରୋ):** ବଦଳିଲା ମୋ ସ୍କୁଲ ଅଭିଯାନ ନାଁ । ମୋ ସ୍କୁଲ୍ ଅଭିଯାନ ନାଁ ବଦଳେଇଲା ଗଣଶିକ୍ଷା ବିଭାଗ। ୨୦୧୭ରେ ଆରମ୍ଭ ହୋଇଥିଲା ମୋ ସ୍କୁଲ୍ ଅଭିଯାନ । ନାଁ ବଦଳିବା ପରେ ନୂଆ ନାଁ ହେଲା ପଞ୍ଚଶଖା ଶିକ୍ଷା ସେତୁ ଯୋଜନା । ଏନେଇ ମୋ ସ୍କୁଲ ଅଭିଯାନ ପରିଚାଳନା ସଂଗଠନକୁ ଚିଠି ଲେଖିଛି ଗଣଶିକ୍ଷା ବିଭାଗ । ସୂଚନାଯୋଗ୍ୟ ଯେ, ରାଜ୍ୟରେ ନୂତନ ସରକାର ଗଢ଼ିବା ପରେ ୨୦୨୪-୨୫ ଆର୍ଥିକ ବର୍ଷର ବଜେଟରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ପୂର୍ବ ସରକାରଙ୍କ ଅନେକ ଯୋଜନାର ନାମ ବଦଳାଇ ନୂତନ ନାମ ଘୋଷଣା କରିଥିଲେ । କାଳିଆ ଯୋଜନାର ନାମ ପରିବର୍ତ୍ତନ କରି ମୁଖ୍ୟମନ୍ତ୍ରୀ କିଷାନ ଯୋଜନା କରାଯାଇଥିବା ବେଳେ ଆମ ଓଡ଼ିଶା ଓ ନବୀନ ଓଡ଼ିଶାକୁ ବିକଶିତ ଗାଁ ଓ ବିକଶିତ ଓଡ଼ିଶା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାକୁ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା, ମେକ୍ ଇନ୍ ଓଡ଼ିଶାକୁ ଉତ୍କର୍ଷ ଉତ୍କଳ ଏବଂ ମୋ ସ୍କୁଲ ଅଭିଯାନକୁ ପଞ୍ଚସଖା ଶିକ୍ଷା ସେତୁ ଅଭିଯାନ ନାମରେ ନାମିତ କରିଥିଲେ ।

## ଟ୍ରେଣ୍ଡିଂ ନ୍ୟୁଜ୍

- ହରିଆଣାରେ ଆକ୍ଟୋବର ୫ ପରେ ବିଜେପି ସରକାର ଗଢ଼ିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦମ୍ଭୋକ୍ତି।
- ମମତା ଡାକ୍ତରଙ୍କ ଦାବି ପୂରଣ ନ କରି ଆନ୍ଦୋଳନ ଦୁର୍ବଳ କରିବା ଲକ୍ଷ୍ୟରେ ଅଛନ୍ତି -ଅଧିର ରଞ୍ଜନ ଚୌଧୁରୀ।
- ମେକ୍ସିକୋରେ ଚକ୍ରବାତ୍ 'ଇଲିଆନା' ତାଣ୍ଡବ ପ୍ରଭାବରେ ବ୍ୟାପକ କ୍ଷୟକ୍ଷତି।
- ଘାଜିଆବାଦରେ ଜଣେ ବ୍ୟବସାୟୀ ଫଳରସରେ ପରିସ୍ରା ମିଶାଇ ଗ୍ରାହକଙ୍କୁ ଦେଇଥିବା ଅଭିଯୋଗରେ ଗିରଫ। ତା' ନିକଟରେ କାମ କରୁଥିବା ଜଣେ ନାବାଳକ ଅଟକ।
- ଆଗ୍ରାରେ ଦୁଇଦିନ ବାଦଲଫଟା ବର୍ଷା କାରଣରୁ ଐତିହାସିକ ତାଜମହଲ ସମେତ ବହୁ ପୁରାତନ କୀର୍ତ୍ତିରାଜି କ୍ଷତିଗ୍ରସ୍ତ, ତାଜମହଲ ଗମ୍ବୁଜରୁ ପାଣି ଲିକ୍। ଏଏସ୍‌ଆଇରର ଅନୁଧ୍ୟାନ।
- କେନ୍ଦ୍ରୀୟ କୋଲକାତାର ତଲତାଲା ଥାନା ଅଞ୍ଚଳରେ ଶନିବାର ଦିନ ପ୍ରାୟ ୧.୪୫ରେ ବଡ଼ଧରର ବିସ୍ଫୋରଣ, ଜଣେ ଜରିଗୋଟାଳି କବାଡିଆ ଗୁରୁତର ଓ ଏକାଧିକ ବ୍ୟବସାୟ ପ୍ରତିଷ୍ଠାନ କ୍ଷତିଗ୍ରସ୍ତ।
- ନିର୍ବାଚନ ପ୍ରଚାର ସମୟରେ ରାହୁଲ ଗାନ୍ଧିଙ୍କ 'ଖଟା-ଖଟ' (ସହଜ) ପ୍ରତିଶ୍ରୁତିକୁ ଜେନେଭାରେ କଟାକ୍ଷ କଲେ ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର। ପ୍ରବାସୀ ଭାରତୀୟଙ୍କୁ ସମ୍ବୋଧିତ କରିବାବେଳେ ସେ କହିଲେ, ଜୀବନ ପାଇଁ କଠିନ ପରିଶ୍ରମ ଦରକାର।
- ଯାନ୍ତ୍ରିକ ତ୍ରୁଟି ଯୋଗୁଁ ମହାକାଶରେ ଅଟକି ରହିଥିବା ଦୁଇ ଆମେରିକୀୟ ମହାକାଶଯାତ୍ରୀ ସୁନିତା ୱିଲିୟମ୍‌ସ ଓ ବୁଚ୍ ବିଲ୍‌ମୋର୍ ନଭେମ୍ବର ପ୍ରଥମ ସପ୍ତାହରେ ଅନୁଷ୍ଠିତ ହେବାକୁ ଯାଉଥିବା ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ମତଦାନ ଲାଗି ଇଚ୍ଛା ପ୍ରକାଶ କଲେ।
- ବାଂଲାଦେଶ ଓ ସଂଲଗ୍ନ ଗାଙ୍ଗେୟ ପଶ୍ଚିମବଙ୍ଗରେ ସୃଷ୍ଟି ହୋଇଥିବା ଗଭୀର ଅବପାତପ୍ରଭାବରେ ପ୍ରବଳ ବର୍ଷା ନେଇ ରବିବାର ୩ ଜିଲାକୁ ଅରେଞ୍ଜ ୱାର୍ଣ୍ଣିଂ କରାଯାଇଛି। ସୁନ୍ଦରଗଡ଼, ଝାରସୁଗୁଡ଼ା ଓ ସମ୍ବଲପୁର ଜିଲାକୁ ଅରେଞ୍ଜ ୱାର୍ଣ୍ଣିଂ କରାଯାଇଛି। ଏଥିସହ ଦେବଗଡ଼, ଅନୁଗୁଳ, କେନ୍ଦୁଝର, ସୋନପୁର, ବରଗଡ଼, ମୟୂରଭଞ୍ଜକୁ ୟେଲୋ ୱାର୍ଣ୍ଣିଂ କରାଯାଇଛି।
- କାଠଯୋଡ଼ିରେ ଗାଧୋଇଲା ବେଳେ କଟକ ଝାଞ୍ଜିରିମଙ୍ଗଳା ଲୁଣିଆସାହିର ଜଣେ ବୃଦ୍ଧା ବୁଡ଼ିଗଲେ। ଉଦ୍ଧାର ପାଇଁ ଅଗ୍ନିଶମ ବାହିନୀର ଉଦ୍ୟମ।
- ଜମ୍ମୁ-କଶ୍ମୀରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିର୍ବାଚନ ପ୍ରଚାର କରି ସୁରକ୍ଷିତ, ଶାନ୍ତିପୂର୍ଣ୍ଣ ଓ ସୌହାର୍ଦ୍ଦ୍ୟ ପାଇଁ ପ୍ରତିଶ୍ରୁତି ଦେଲେ। ୪୨ ବର୍ଷ ମଧ୍ୟରେ ପ୍ରଥମ ପ୍ରଧାନମନ୍ତ୍ରୀ ଭାବିବେ ଡୋଡାରେ ରାଲି କଲେ ମୋଦି।

# ବାନ୍ଧର ଅବସ୍ଥାରେ ଅସ୍ତରଙ୍ଗ ବନ୍ଦର

### ଭୂତଙ୍କ ଆଗରେ ପ୍ରତିବାଦ

**ଭୁବନେଶ୍ୱର,୧୪।୯(ସଂଚାର ବ୍ୟୁରୋ):** ଅସ୍ତରଙ୍ଗ ଠାରେ ବନ୍ଦର ପ୍ରତିଷ୍ଠା ଯୋଜନା ଏବେ ଏକ ପ୍ରକାର ବାନ୍ଧର ଅବସ୍ଥାରେ ପହଞ୍ଚିଛି । ଯେଉଁଠି ବନ୍ଦର ନିର୍ମାଣ ହେବ ସେଠାରେ ଲୋକେ ଜନଶୁଣାଣିରେ ଭୂତଙ୍କ ଆଗରେ ପ୍ରତିବାଦ କରିଛନ୍ତି । କୌଣସି ପ୍ରକାରେ ବନ୍ଦର ପ୍ରତିଷ୍ଠା କରାଇ ଦେବୁନାହିଁ ବୋଲି ଶପଥ ନେଇଛନ୍ତି।

ରାଜ୍ୟର ଉପକୂଳରେ ପ୍ରସ୍ତାବି ୧୩ଟି ବନ୍ଦର ମଧ୍ୟରୁ ଗୋଟିଏ ହେଉଛି ଅସ୍ତରଙ୍ଗ। ରାଜ୍ୟ ସରକାର ୨୦୦୪ ମସିହାରେ ନୂତନ ବନ୍ଦର ନୀତି ଆଣିବା ସହିତ ମାଡ୍ରାସ ଆଇଆଇଟି ସହାୟତାରେ କେଉଁଠାରେ ବନ୍ଦର ପ୍ରତିଷ୍ଠାର ସୁବିଧା ରହିଛି ତାହାର ସର୍ଭେ କରାଇଥିଲେ । ଏଥିରେ ସୁବର୍ଣ୍ଣରେଖାକୁ ତାଲିକାଭୁକ୍ତ କରାଯାଇଥିଲା। ଦେବୀନଦୀ ମୁହାଣରେ ଏହି ବନ୍ଦର ପ୍ରତିଷ୍ଠା ପିପିପି ମୋଡ୍‌ରେ ହେବାକୁ ଥିବାବଳେ ହାଇଦ୍ରାବାଦର ନବଯୁଗ ଇଞ୍ଜିନିୟରିଂ ୬୦୦ କୋଟି ଟଙ୍କା ବିନିଯୋଗରେ ପ୍ରତିଷ୍ଠାପାଇଁ ସହମତି ହୋଇଛି।

ହେଲେ ବନ୍ଦର ପ୍ରତିଷ୍ଠା ଘୋଷଣା ପରଠାରୁ ସ୍ଥାନୀୟ ଲୋକେ ଏହାକୁ ବିରୋଧ କରୁଛନ୍ତି । ବିଶେଷକରି ବନ୍ଦର ପ୍ରତିଷ୍ଠାର ପେଣ୍ଠସ୍ଥଳୀ କୁହାଯାଉଥିବା ଛୁରିଆନା, ପାଟବଳଦା ଓ ଝାରଲିଙ୍ଗ ପଞ୍ଚାୟତବାସୀ ଭିଟାମାଟି ଛାଡିବାକୁ ନାରାଜ । ସେମାନେ ଜମି ନଦେଲେ ବନ୍ଦର ହୋଇପାରିବ ନାହିଁ । ଜମି ଦେବାପାଇଁ ହେଲେ




ଜନଶୁଣାଣି ଜରିଆରେ ଲୋକଙ୍କ ମନାଇବାକୁ ପଡିବ । ଏ ନେଇ ଜମିହରାମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ହାଇକୋର୍ଟ ଗତକାଲି ଅର୍ଥାତ୍ ସେପ୍ଟେମ୍ବର ୧୩ ତାରିଖକୁ ଜନଶୁଣାଣି ପାଇଁ ଦିନ ଧାର୍ଯ୍ୟ କରିବା ସହିତ ସେଠାରେ ଜିଲ୍ଲାପାଳ, ଏସ୍‌ପି ଓ ଅନ୍ୟାନ୍ୟ ଅଧିକାରୀ ରହିବାକୁ କହିଥିଲେ।

ତେବେ ଗତକାଲି ଜନଶୁଣାଣିରେ ବିଚିତ୍ର ଅବସ୍ଥା ଦେଖାଦେଇଥିଲା । ଛୁରିଆନା ପଞ୍ଚାୟତର ୯୦ ପ୍ରତିଶତ ଜମି ଯାଉଥିବାବେଳେ ସେଠାରେ କିମ୍ବା ଅନ୍ୟ ଦୁଇ ପଞ୍ଚାୟତରେ ଜନଶୁଣାଣି ନକରି ସେଠାରୁ ପ୍ରାୟ ୧୫ କିଲୋମିଟର ଦୂର ଅସ୍ତରଙ୍ଗ ବଜାରରେ ଜନଶୁଣାଣି ଆୟୋଜନ ହୋଇଥିଲା । ଫଳରେ ଜମି ହରାଇବାକୁ ଥିବା ତିନି ପଞ୍ଚାୟତର ପ୍ରାୟ ପାଞ୍ଚ ହଜାର ଲୋକ ଛୁରିଆନା ପଞ୍ଚାୟତର ଜାହାନିଆ ଠାରେ ଏକତ୍ରିତ ହୋଇଥିଲେ।

ତେବେ ଲୋକଙ୍କ କଥା ଶୁଣିବ କିଏ ? ପ୍ରତିବାଦରେ ସଭାପଞ୍ଚ ପ୍ରସ୍ତୁତ ସହିତ ଯେତିକି ଅଧିକାରୀ ବସିବାକଥା ସେତିକି ଚଉକି ପକାଗଲା । କେଉଁ ଅଧିକାରୀ କେଉଁ ଚଉକିରେ ବସିବେ ତାହା ବି ଲେଖି ମାରିଦିଆଗଲା । ହେଲେ ଏତେ ଲୋକଙ୍କ ପାଖକୁ ଜଣେ ବି ଅଧିକାରୀ ଆସିଲେନି । ଫାଙ୍କା ଚଉକି ଆଗରେ ଲୋକେ ପ୍ରତିବାଦ କଲେ । ଏହା ଭୂତଙ୍କ ଆଗରେ ପ୍ରତିବାଦ ବୋଲି ଅନେକ ମତ ଦେଲେ । ଲୋକେ ନିଜର ଶକ୍ତି ଦେଖାଇଲେ। ତେବେ ପ୍ରକୃତ ଜମିହରାଙ୍କ ଦ୍ୱାରା ଆୟୋଜିତ ଜନଶୁଣାଣିକୁ ସରକାର ଅଧିକାରୀମାନେ ନିଆସି କିଭଳି ବନ୍ଦର ପାଇଁ ଜମି ଅଧିଗ୍ରହଣ କରିବେ ପୃଷ୍ଠା-୬

# ଗୁହାଳଘରେ ବିତୁଛି ଅନ୍ନପୂର୍ଣ୍ଣାଙ୍କ ଜୀବନ



**ରାଜନଗର, ୧୪।୯ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ମହୁଲିଆ ପଂଚାୟତ ମାଣପଡା ଗ୍ରାମର ସ୍ୱର୍ଗତ କାଶୀନାଥଙ୍କ ଝିଅ ଅନ୍ନପୂର୍ଣ୍ଣା ନାଥ ୨୦୦୯ ମସିହାରେ ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ଅନ୍ତର୍ଗତ ଆରଡୁଙ୍ଗ ଶ୍ରୀନିବାସ ନାଥଙ୍କୁ ବିବାହ କରିଥିଲେ। ଅନ୍ନପୂର୍ଣ୍ଣାଙ୍କ ସ୍ୱାମୀ ଭିକ୍ଷାବୃତି କରି ତାଙ୍କ ପରିବାର ପ୍ରତିପୋଷଣ କରୁଥିଲେ । ତାଙ୍କର ୧୪, ୧୧ ଓ ୩ ବର୍ଷର ତିନୋଟି ଝିଅ ଅଛନ୍ତି । ଗତ କିଛିବର୍ଷ ହେବ ଅନ୍ନପୂର୍ଣ୍ଣାଙ୍କ ସ୍ୱାମୀ ଶ୍ରୀନିବାସ ଭିକ୍ଷାବୃତି କରି ଯାହା ରୋଜଗାର କରନ୍ତି, ତାହାକୁ ମଦ୍ୟପାନରେ ସାରି ଦିଅନ୍ତି । ଘରକୁ କୌଣସି ଜିନିଷ ନଆଣି ସ୍ତ୍ରୀ ଅନ୍ନପୂର୍ଣ୍ଣାଙ୍କୁ ମାଡଗାଳି ଦିଅନ୍ତି । ୧୫ଦିନ ତଳେ ଶ୍ରୀନିବାସ ଅନ୍ନପୂର୍ଣ୍ଣାଙ୍କୁ ମାଡ ମାରୁଥିବା ପଡୋଶୀମାନେ ଅନ୍ନପୂର୍ଣ୍ଣାଙ୍କ ବାପଘରକୁ ଖବର ଦେଇଥିଲେ । ବାପଘରେ ବାପା ଓ ଭାଇ କେହି ନଥିବା ବେଳେ ଏକମାତ୍ର ୯୦ବର୍ଷର ବଢ଼ୀମାଆ କିଛି କରିବା ଅବସ୍ଥାରେ ନଥିଲେ । ବାଧ୍ୟ ହୋଇ ଅନ୍ନପୂର୍ଣ୍ଣା ତାଙ୍କର ୩ ଝିଅଙ୍କୁ ସାଙ୍ଗରେ ଆଣି ବାପଘରେ ପହଁଚିଥିଲେ । ଅନ୍ନପୂର୍ଣ୍ଣା ଗାଁରେ ପହଁଚିବା ପରେ ରହିବା ପାଇଁ ଘର ନମିଳିବାରୁ ତାଙ୍କ ପଡୋଶୀ ଅନ୍ନପୂର୍ଣ୍ଣାଙ୍କ ୩ ଝିଅକୁ ଗୋଟିଏ ଗୁହାଳରେ ଆଶ୍ରୟ ଦେଇଥିଲେ । ନିରୂପାୟ ହୋଇ ଅନ୍ନପୂର୍ଣ୍ଣା ନିଜେ ତାଙ୍କ ୩ ଝିଅଙ୍କୁ ନେଇ ସେହି ଗୁହାଳଘରେ ଆଶ୍ରୟ ନେଇଛନ୍ତି ।

ଭଦ୍ରକ ଜିଲ୍ଲାରେ ସ୍ୱାମୀ ଦ୍ୱାରା ନିର୍ଯ୍ୟାତିତା ହୋଇ ବାପଘରେ ଆଶ୍ରୟ ନେଇଛନ୍ତି । ଏହି ଅସହାୟ ପରିବାର ସଂପର୍କରେ ଖବର ପାଇ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର ସଭାପତି ଦମନ ମହାନ୍ତିଙ୍କ ନେତୃତ୍ୱରେ ବିଭୂ ପ୍ରସାଦ ସାହୁ, କାଳନ୍ଦି ମଲ୍ଲିକ, ସୁନିଲ କୁମାର ମିଶ୍ର, ପିନାକୀ ସାମନ୍ତରାୟ, ରାକେଶ ଲେଙ୍କା, ସାଗର ଜେନା ପ୍ରମୁଖ ମାଣପଡାରେ ପହଁଚି ରାସନ ସାମଗ୍ରୀ ସହିତ ଅନ୍ୟାନ୍ୟ ନିତ୍ୟ ବ୍ୟବହାର ଜିନିଷ ପ୍ରଦାନ କରିଛନ୍ତି।

### ଏବେ ବି ବଞ୍ଚିଛି ମାନବିକତା

# ପଢ଼ିବା ପାଇଁ ସହଯୋଗର ହାତ ବଢ଼ାଇଲେ ସବ୍ୟସାଚୀ



**ନୀଳଗିରି, ୧୪।୯ (ସଂଚାର ବ୍ୟୁରୋ):** ନୀଳଗିରି ଉପଖଣ୍ଡ ଅଧିନ କାଣ୍ଡଗରଡି ପଞ୍ଚାୟତ ମଧୁକରଖୁଣ୍ଟା ଗାଁର ଶଙ୍କର୍ଷଣ ଦାସଙ୍କ ଝିଅ ମିତାଲି ଦାସ ପିଲାଟି ଦିନରୁ ପାଠ ପଢିବା ପାଇଁ ଖୁବ୍ ଆଗ୍ରହୀ। ଅନେକ କଷ୍ଟରେ ଗାଁ ପ୍ରାଥମିକ ବିଦ୍ୟାଳୟରୁ ପାଠପଢ଼ା ସାରି ଉଚ୍ଚ ବିଦ୍ୟାଳୟରୁ ମାଟ୍ରିକ୍ ପାସ୍ କରିଛି। ବହୁତ ଘାତ ପ୍ରତିଘାତ ସହ ଯୁକ୍ତ ଦୁଇ ପରୀକ୍ଷା ପାସ୍ କରିଛି। ମନରେ ଅନେକ ଆଶା, ସେ ପାଠ ପଢିବ, ଆହୁରି ଆଗକୁ ବଢିବ। ଦୁନିଆରେ ସେ ମଣିଷ ଭଳି ମଣିଷଟିଏ ହେବ। ଯୁକ୍ତ ଦୁଇ ପାସ୍ କଲାପରେ ମନରେ ଯୁକ୍ତ ତିନି କଳା ଇଂରାଜୀ ବିଭାଗରେ ନୀଳଗିରି କଲେଜରେ ପଢିବାର ଅଦମ୍ୟ ଇଛାକୁ ମନରେ ଚାପି ରଖି ଚୁପ୍ ହୋଇଯାଇଥିଲେ ମିତାଲି। କାହାକୁ କହିବ, ଶୁଣିବ କିଏ ? ନୀଳଗିରିର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଶିଶିର ମହାପାତ୍ର ଫାଉଣ୍ଡେସନର ସଭାପତି ତଥା ବିଜେପି ନେତା ସବ୍ୟସାଚୀ ମହାପାତ୍ରଙ୍କ ନିକଟରେ ଏ ଖବର ପହଞ୍ଚିଲା। କାଳବିଳମ୍ବ ନକରି ଶ୍ରୀ ମହାପାତ୍ର ସେହି ଝିଅର ପରିବାରକୁ ଭେଟି ଆଲୋଚନା କରିଥିଲେ। ପରିବାରର ଆର୍ଥିକ ଅଭାବ ଯୋଗୁଁ ସେ ଆଗକୁ ପଢିପାରୁ ନାହିଁ। ତେଣୁ ଶ୍ରୀ ମହାପାତ୍ର ଆଡ଼ମିଶନ ପାଇଁ ଆର୍ଥିକ ଖର୍ଚ୍ଚ ବହନ କରିଥିଲେ। କଥାରେ ଅଛି ! ଇଛା ଥିଲେ ସଂଯୋଗ ଆପେ ଆପେ ଆସେ। ଏଭଳି ଜନମଙ୍ଗଳ କାର୍ଯ୍ୟକ୍ରମକୁ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି।

# ପାଟଳୀପୁରାରେ ରାଷ୍ଟ୍ରୀୟ ହିନ୍ଦୀ ଦିବସ ପାଳିତ

**ବେତନଟୀ, ୧୪।୯ (ସଂଚାର ବ୍ୟୁରୋ):** ମୟୁରଭଞ୍ଜ ଜିଲ୍ଲା ଭାରି ବର୍ଷା ସମ୍ଭାବନା ଥିବାରୁ ଆଜି ବିଦ୍ୟାଳୟ ଛୁଟି ଘୋଷଣା ହୋଇ ଥିବାରୁ ପାଟଳୀପୁରା ଗ୍ରାମର ଜୟନ୍ତୀ ଜେନାଙ୍କ ବାସଭବନରେ ରାଷ୍ଟ୍ରୀୟ ହିନ୍ଦୀ ଦିବସ ପାଳନ ହିନ୍ଦୀ ଶିକ୍ଷକ ଡ଼କ୍ଟର ରମାକାନ୍ତ ମହାନ୍ତଙ୍କ ସଭାପତିତ୍ୱ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବରେ ବେତନଟୀ ବ୍ଲକ ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓସ୍ଟା)ର ସଭାପତି ଶିଶିର କୁମାର ନାୟକ, ସମ୍ମାନିତ ଅତିଥି ଭାବରେ ଶିକ୍ଷୟିତ୍ରୀ ରୀତାରାଣୀ ଦାଶ ମୁଖ୍ୟ ବକ୍ତା ଭାବରେ ଶିକ୍ଷକ ଚତୁର୍ଭୁଜ ମଲ୍ଲିକ, ସମ୍ମାନିତ ବକ୍ତା ଭାବରେ ହିନ୍ଦୀ ପ୍ରେମୀ ଆଶୀଷ କୁମାର ତିଆଡ଼ି ଯୋଗଦାନ କରି ପ୍ରତିବର୍ଷ ସେପ୍ଟେମ୍ବର ମାସ ୧୪ ତାରିଖ କୁ ରାଷ୍ଟ୍ରୀୟ ହିନ୍ଦୀ ଦିବସ ପାଳନ କରିବାର ଐତିହାସିକ ପୃଷ୍ଠ ଭୂମି ବିଷୟରେ ଆଲୋଚନା କରି କହିଲେ ଯେ ୧୯୪୯ ମସିହା ସେପ୍ଟେମ୍ବର ମାସ ୧୪ ତାରିଖ ଦିନ ଭାରତର ସମ୍ବିଧାନର ଅନୁଛେଦ ୩୪୩ ଧାରା ଏକ ରେ ହିନ୍ଦୀ କୁ ରାଷ୍ଟ୍ରଭାଷା ଭାବରେ ସାମିଲ କରାଯାଇଥିବାର ସ୍ମୃତିରେ ପ୍ରତି ବର୍ଷ ସେପ୍ଟେମ୍ବର ମାସ ୧୪ ତାରିଖ କୁ ହିନ୍ଦୀ ଦିବସ ଭାବରେ କରାଯାଇ ଆସୁଛି। କୁମାରୀ ବୃନ୍ଦାବତୀ ମହାଳିକ ଏବଂ ଯୋଗେନ୍ଦ୍ର ଖଣ୍ଡାଙ୍କ ସଂଯୋଜନାରେ ଛାତ୍ର ଛାତ୍ରୀ ମାନେ ଅନେକ ହିନ୍ଦୀ ଦେଶାତ୍ମ ବୋଧକ ସଂଗୀତ ପରିବେଷଣ କରି ଦେଶପ୍ରେମର ସୁନ୍ଦର ବାତାବରଣ ସୃଷ୍ଟି କରିଥିଲେ ।ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ କୁମାରୀ ତୁଳସୀ ମହାଳିକ ।





### କଣାସରେ ଲୋକ ଅଦାଲତ

# ୨୧ ଫୌଜଦାରି ମାମଲା ସମାଧାନ

**କଣାସ, ୧୪।୯ (ସଂଚାର ବ୍ୟୁରୋ):** କଣାସ ଠାରେ ପ୍ରତିଷ୍ଠିତ ସିଭିଲି ଜଜ୍ ଜୁନିୟର ଡିଭିଜନ ତଥା ଜେ.ଏମ୍.ଏଫ୍.ସି ଆଜି ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଚାପତି ଭାବେ ଅନୁସମ୍ ଦାଶ ଯୋଗଦେଇ ୨୧ଗୋଟି ଫୌଜଦାରି ମକଦମା ସମାଧାନ କରିଥିଲେ । ଏହି ଲୋକ ଅଦାଲତ୍‌ରେ ପାନେଲ୍ ଓକିଲ ସୁଶାନ୍ତ କୁମାର ମହାନ୍ତି, କଣାସ ବାର ଆସୁସିଏସନ୍‌ର ସଭାପତି ଆଇନଜିବୀ ସଦାନନ୍ଦ ପ୍ରଧାନ, ସରକାରୀ ଓକିଲ ବିକ୍ରମ କୁମାର ନାଥ, ଆଇନ୍‌ଜିବୀ ଅଶୋକ କୁମାର ପାଣିଗ୍ରାହୀ, ବିଶ୍ୱନାଥ ବେହେରା, ମିହିରୀ କୁମାର ବେହେରା, ମନୋଜ ମଙ୍ଗରାଜ ଓ ଅନ୍ୟ ଆଇନ୍‌ଜିବୀମାନଙ୍କ ସହଯୋଗରେ ୨୧ଟି ମକଦମା ସମାଧାନ ହୋଇଥିଲା ।

# କଣାସରେ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ

**କଣାସ, ୧୪।୯ (ସଂଚାର ବ୍ୟୁରୋ):** ସେଣ୍ଟ ଜୋନ୍ ଆମ୍ବୁଲାନସ୍ ଓଡିଶା କମିଶନରଙ୍କ ନିର୍ଦ୍ଦେଶକ୍ରମେ କଣାସ ବ୍ଲକ ଶିକ୍ଷାଧିକାରୀ ଭବମ୍ ପ୍ରଧାନଙ୍କ ସୁପାରିସରେ ସହଶିକ୍ଷାଧିକାରୀ ସୂର୍ଯ୍ୟନାରାୟଣ ନାୟକଙ୍କ ପ୍ରତ୍ୟେକ୍ଷ ତତ୍ୱବଧାନରେ ଆଜି ସିରେଇ ସଂଯୁକ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବିଶ୍ୱନାଥ ସ୍ମୃତି ବିଦ୍ୟାନିକେତନ ଆମ୍ବୁଲାସନ୍ ବି-ଗ୍ରେଡ୍ ଡିଭିଜନର ସକ୍ରୀୟ ସହଯୋଗରେ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ପାଳିତ ହୋଇଯାଇଛି । ଏଥିରେ ଅତିଥି ଭାବେ କଣାସ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ, ବିଡିଓ ନାରାୟଣ ସାହୁ, ସମାଜସେବୀ ଦେବଦତ ପରିଡା, ସମାଜସେବୀ ସୁକାନ୍ତକିଶୋର ସାମନ୍ତରାୟ, ଡାକ୍ତର ବିଶ୍ୱରଂଜନ ଜେନା ପ୍ରମୁଖ ଯୋଗଦେଇ ଆଜିର ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ସଂପର୍କରେ ଅନେକ ତଥ୍ୟ ଆଲୋକପାତ କରିଥିଲେ। ଏହି ସଭାରେ କଣାସ ବ୍ଲକର ବିଭିନ୍ନ ବିଦ୍ୟାଳୟର ସ୍କାଉଟ୍, ଗାଇଡି, ଜୁନିୟର ରେଡେକ୍ରସ୍ ଛାତ୍ରଛାତ୍ରୀମାନେ ଯୋଗଦେଇଥିଲେ। ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପ୍ରତିଯୋଗିତା କରାଯାଇ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ସେଣ୍ଟ ଜୋନ୍ ଆମ୍ବୁଲାନସ୍‌ର ପତାକା ପ୍ରଥମେ ଉତଳନ କରାଯାଇଥିଲା। ସମାଜସେବୀ ସୁକାନ୍ତକିଶୋର ସାମନ୍ତରାୟଙ୍କୁ ଶ୍ରେଷ୍ଠ ସମାଜସେବୀ ଭାବେ ଆମ୍ବୁଲାନସ୍ ଅଧିକାରୀ ଜିତେନ୍ଦ୍ର କୁମାର ପେଣ୍ଡୋଇ ଏହି ସମ୍ବୋର୍ଦ୍ଧିତ କରିବା ସହିତ ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ପ୍ରଧାନଶିକ୍ଷକ ଗୋବର୍ଦ୍ଧନ ବେହେରା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଜ୍ଞାନ କୁଇଜ୍ ପ୍ରତିଯୋଗିତା ଓ ପୁରସ୍କାର ବିତରଣ ଉତ୍ସବ





**ନୀଳଗିରି ୧୪।୯ (ସଂଚାର ବ୍ୟୁରୋ):** ସାରା ଭାରତ ବର୍ଷରେ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ କାର୍ଯ୍ୟକ୍ରମ ବିଦ୍ୟାଳୟ ସ୍ତରରେ ପାଳନ କରାଯାଉଥିବା ବେଳେ, ବାଲେଶ୍ୱର ଜିଲ୍ଲା, ନୀଳଗିରି ବ୍ଲକ ଅନ୍ତର୍ଗତ ମିତ୍ରପୁର ସ୍ଥିତ ଚାଚାଜୀ ସରକାରୀ ଉଚ୍ଚ ବିଦ୍ୟାଳୟରେ, ବ୍ଲକ ସ୍ତରୀୟ ବିଜ୍ଞାନ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଯାଇଛି। ବ୍ଲକରେ ଥିବା ପ୍ରଥମରୁ ଦଶମ ପର୍ଯ୍ୟନ୍ତ ୧୮୯ ବିଦ୍ୟାଳୟରୁ ମୋଟ ୨୪୮ଜଣ ଛାତ୍ରଛାତ୍ରୀ ଏହି ବିଜ୍ଞାନ କୁଇଜ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। ବିଜ୍ଞାନ ସାମାଜିକ ବିଜ୍ଞାନ, ଗଣିତ, ବିଷୟ ବସ୍ତୁକୁ ନେଇ ପ୍ରତିଯୋଗୀମାନେ ପରୀକ୍ଷା ଦେଇଥିଲେ। ଉତ୍ସବରେ ମୁଖ୍ୟ ଅତିଥି ଭାବେ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ଯୋଗଦେଇଥିଲେ। ସେ ତାଙ୍କ ବକ୍ତବ୍ୟରେ ଛାତ୍ରଛାତ୍ରୀମାନଙ୍କ ସହିତ ଜଡ଼ିତ ବିଜ୍ଞାନ ସମ୍ବଧୀୟ ଉପାଦେୟ ତଥ୍ୟ ଉପସ୍ଥିତ ଛାତ୍ର/ ଛାତ୍ରୀଙ୍କ ସମ୍ମୁଖରେ ଉପସ୍ଥାପିତ କରିଥିଲେ। ବିଇଓ ସ୍ନିଗ୍ଧା ରାଣୀ ପଣ୍ଡା କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ସି ଆର ସିସି ରୂପକ କୁମାର ପସା ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଜ୍ଞାନ ସଂଯୋଜକର ଆଭିମୁଖ୍ୟ ଓ ଉଦେଶ୍ୟ ସମ୍ପର୍କରେ ପ୍ରଶାନ୍ତ କୁମାର ବିଶ୍ୱାଳ ଆଲୋକପାତ କରିଥିବା ବେଳେ, ସମ୍ମାନୀୟ ଅତିଥି ଭାବେ ବି ଆର ସିସି ମିହିର କୁମାର ଦାସ, ଚାଚାଜୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାଧାକୃଷ୍ଣ ମହାନ୍ତି, ଉକ୍ତ ବିଦ୍ୟାଳୟର ଆଲୁମିନି ସଭାପତି ଗୋପାଳ ଚନ୍ଦ୍ର ମହାପାତ୍ର ପ୍ରମୁଖ ନିଜନିଜର ଅଭିଭାଷଣ ପ୍ରଦାନ କରିଥିଲେ। ପରେ କୃତୀ ଛାତ୍ରଛାତ୍ରୀ ମାନଙ୍କୁ ପୁସ୍ତକ, ସାର୍ଟିଫିକେଟ ଦେଇ ପୁରସ୍କୃତ କରାଯାଇଥିଲା। ବରିଷ୍ଠ ବିଭାଗରେ ଅଯୋଧ୍ୟା ସରକାରୀ ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀର ଛାତ୍ର ଶାନ୍ତନୁ କୁମାର ବେହେରା ପ୍ରଥମ ହୋଇଥିବା ବେଳେ କୈଳାସ ଚନ୍ଦ୍ର ହାଇସ୍କୁଲର ଦଶମ ଶ୍ରେଣୀର ଛାତ୍ର ରାଜଦୀପ ଷଡ଼ଙ୍ଗୀ ଦ୍ୱିତୀୟ, କାଂଶ ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀର ଛାତ୍ର ଶକ୍ତି ଶେଖର ରଣଜିତ ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ କନିଷ୍ଠ ବିଭାଗରେ କୈଳାସ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ସପ୍ତମ ଶ୍ରେଣୀର ଛାତ୍ର ଦିବ୍ୟଜ୍ୟୋତି ମିଶ୍ର ପ୍ରଥମ, ଡୁମଗଣ୍ଡିରା ୟୁଜିୟୁପି ବିଦ୍ୟାଳୟର ଷଷ୍ଠ ଶ୍ରେଣୀର ଛାତ୍ରୀ ରାଜଶ୍ରୀ ରାଉତ ଦ୍ୱିତୀୟ, ଏବଂ ଅଯୋଧ୍ୟା ଉଚ୍ଚ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀର ଛାତ୍ର ଶୁଭଙ୍କର ମହାନ୍ତି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଅନୁରୂପ ଭାବେ ଉପକନିଷ୍ଠ ବିଭାଗରେ ଜଡ଼ିବାଲି ନୋଡାଲ ୟୁପି ସ୍କୁଲର ପଞ୍ଚମ ଶ୍ରେଣୀ ଛାତ୍ରୀ ଦିବ୍ୟାସନା ଦାସ ପ୍ରଥମ, ଜାମୁଡିହା ୟୁଜିୟୁପି ର ପଞ୍ଚମ ଶ୍ରେଣୀର ଛାତ୍ରୀ ଅଭିଲିପ୍ସା ପ୍ରଧାନ ଦ୍ୱିତୀୟ ଏବଂ ପ୍ରହ୍ଲାଦ ନୋଡାଲ ଉପ୍ରା ବିଦ୍ୟାଳୟର ଛାତ୍ର ସତ୍ୟଜିତ ବିଶ୍ୱାଳ ତୃତୀୟ ସ୍ଥାନ ଅଧିକାର କରିଥିବା ଜଣାଯାଇଛି।

# ରାଜନଗରରେ ଜାତୀୟ ହିନ୍ଦୀ ଦିବସ ପାଳିତ

**ରାଜନଗର, ୧୪।୯ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ହାତିନାସ୍ଥିତ ଲକ୍ଷ୍ମୀବରାହ ଉଚ୍ଚ ବିଦ୍ୟାଳୟ ଜାତୀୟ ହିନ୍ଦୀ ଦିବସ ପାଳିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରମୋଦ କୁମାର ପଣ୍ଡା ଏହି ଦିବସକୁ ଉଦ୍‌ଘାଟନ କରିବା ସହିତ ହିନ୍ଦି ଦିବସର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ । ଜେଆରସି କାଉଂସିଲର ଅନିତା ରାଉତଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରମାନେ ଯୋଗଦେଇଥିଲେ। ସେହିପରି ଜରିମୂଳ ସ୍ଥିତ ସାବିତ୍ରୀ ଦେବୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଜାତୀୟ ହିନ୍ଦି ଦିବସ ପଳିତ ହୋଯାଇଛି। ହିନ୍ଦି ଶୀକ୍ଷୟିତ୍ରୀ ବନକା ମଲ୍ଲିକଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରତିଷ୍ଠାତା ସୀତାକାନ୍ତ ରାଉଳ, ପ୍ରଧାନଶିକ୍ଷକ ସମୀରଣ ମଣ୍ଡଳ, ଶ୍ରୀଜଗନ୍ନାଥ ଉଚ୍ଚ ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ପ୍ରିୟ ରଂଜନ ପ୍ରଧାନ, ପ୍ରଧାନଶିକ୍ଷୟିତ୍ରୀ ସୀତାରାଣି ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀ ମାନଙ୍କ ମଧ୍ୟରେ ହିନ୍ଦୀ ଭାଷା ସମ୍ବନ୍ଧରେ ପ୍ରତିଯୋଗିତାମାନ ଆୟୋଜନ କରାଯାଇଥିଲା । କୃତି ଛାତ୍ରୀ ମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ ।

# ଏନ୍‌ଟିପିସି ପ୍ରକଳ୍ପ ମୁଖ୍ୟଙ୍କୁ ସାକ୍ଷାତ କଲେ ବିଜେଡିର ପ୍ରତିନିଧିମଣ୍ଡଳୀ



**ସୁନ୍ଦରଗଡ, ୧୪।୯ (ସଂଚାର ବ୍ୟୁରୋ):** ସୁନ୍ଦରଗଡ ବିଧାୟକ ଯୋଗେଶ କୁମାର ସିଂଙ୍କ ପ୍ରତିନିଧି ଜୟ ନାରାୟଣ ତ୍ରିପାଠୀ ଏବଂ ଜିଲ୍ଲା ଉପସଭାପତି ବେଣୁଧର ତାଣ୍ଡିଆ ଦର୍ଲିପାଲି ସ୍ଥିତ ଏନଟିପିସିରେ ନୂତନ ଭାବେ କାର୍ଯ୍ୟଭାର ଗ୍ରହଣ କରିଥିବା ଏନଟିପିସି ପ୍ରକଳ୍ପର ମୁଖ୍ୟ ରାମ ଭଜନ ମଲ୍ଲିକଙ୍କୁ ତାଙ୍କ କାର୍ଯ୍ୟାଳୟରେ ସୌଜନ୍ୟ ମୂଳକ ସାକ୍ଷାତ କରି ତାଙ୍କୁ ସ୍ୱାଗତ ଶୁଭେଚ୍ଛା ଜଣେଇ ଥିଲେ ! ଏହି ସମୟରେ ଏନଟିପିସି ପ୍ରକଳ୍ପର ମାନବ ସମ୍ବଳ ବିଭାଗ ମୁଖ୍ୟ ପ୍ରତିଭା ସିଂ ମଧ୍ୟ୍ୟ ଉପସ୍ଥିତ ଥିଲେ ! ଏନଟିପିସି ପ୍ରକଳ୍ପ ର ଉଭୟ ମୁଖ୍ୟ ଅଧିକାରୀଙ୍କୁ ଏକ ଦାବିପତ୍ର ଦେଇ ବିଭିନ୍ନ ସମସ୍ୟା ବିଷୟରେ ଅବଗତ କରାଯିବା ସହିତ ସେଗୁଡିକର ସମାଧାନ ପାଇଁ ଅନୁରୋଧ କରାଯାଇ ଥିଲା ! ସମସ୍ୟା ମଧ୍ୟ୍ୟରେ ଏନଟିପିସି ପ୍ରକଳ୍ପରେ ଜମି ହରେଇଥିବା ବିସ୍ଥାପିତ ପରିବାରକୁ ଥଇଥାନ ଓ ସବୁ ପ୍ରକାର ସୁବିଧା ଏବଂ ଏହି ପରିବାରର ଶିକ୍ଷିତ ବେକାର ଯୁବକ ଯୁବତୀଙ୍କୁ ଅଗ୍ରାଧିକାର ଭିତ୍ତିରେ ପ୍ରକଳ୍ପରେ ନିଯୁକ୍ତି ଦେବା ପରେ ସୁନ୍ଦରଗଡ ସଦର ବିଧାନସଭା ନିର୍ବାଚନ ମଣ୍ଡଳୀରେ ଥିବା ଅନେକ ଶିକ୍ଷିତ ବେକାର ଯୁବକ ଯୁବତୀଙ୍କୁ ପ୍ରକଳ୍ପରେ ଥଇଥାନ କରିବା, ସୁନ୍ଦରଗଡ ସରକାରୀ ମୁଖ୍ୟ ଡାକ୍ତରଖାନାରେ ରୋଗୀଙ୍କ ସତନ୍ତ୍ର ଚିକିତ୍ସା ପାଇଁ ସମସ୍ତ ପ୍ରକାର ସୁବିଧା ଥିବା ୨୦ ଟି ଅତ୍ୟାଧୁନିକ ସ୍ପେସିଆଲ କେବିନ ଡାକ୍ତରଖାନା ପରିସର ଭିତରେ ନିର୍ମାଣ କରିବା, ସୁନ୍ଦରଗଡ ସହର ମଧ୍ୟ୍ୟରେ ଥିବା ବିଭିନ୍ନ ଜନଗହଳି ସ୍ଥାନ ମାନଙ୍କରେ ବିଶେଷ କରି ମହିଳା ଏବଂ ପୁରୁଷ ମାନଙ୍କ ଅତି ଜରୁରୀ ଆବଶ୍ୟକ ପାଇଁ ଗୋଟିଏ ଲେଖାଏଁ ଅତ୍ୟାଧୁନିକ ପରିସ୍ରାଗାର ନିର୍ମାଣ କରିବା ଲାଗି ଉଭୟ ମୁଖ୍ୟଙ୍କୁ ଅନୁରୋଧ କରିଥିଲେ ! ପ୍ରକଳ୍ପ ମୁଖ୍ୟ ଶୀଘ୍ର ଦାବିଗୁଡ଼ିକ ଉପରେ ବିଚାର କରାଯିବ ବୋଲି ପ୍ରତିଶୃତି ଦେଇଥିଲେ !

# ହଷ୍ଟେଲରେ ଗୋମାଂସ ରୋଷେଇ, ୭ ଛାତ୍ର ବହିଷ୍କୃତ

**ବ୍ରହ୍ମପୁର, ୧୪।୯ (ସଂଚାର ବ୍ୟୁରୋ):** ବ୍ରହ୍ମପୁର ସହର ଉପକଣ୍ଠ ଗୋପାଳପୁର ଥାନା ଅନ୍ତର୍ଗତ ଶୀତଳାପଲ୍ଲୀରେ ଥିବା ପାରଳା ମହାରାଜା ଯାନ୍ତ୍ରିକ ମହାବିଦ୍ୟାଳୟର ବାଳକ ହଷ୍ଟେଲ ପରିସରରେ ଗୋମାଂସ ରୋଷେଇ କରିବା ଘଟଣାରେ ୭ଜଣ ଛାତ୍ରଙ୍କୁ ହଷ୍ଟେଲରୁ ବହିଷ୍କାର କରାଯାଇଛି। ବୁଧବାର କିଛି ଅଣହିନ୍ଦୁ ଛାତ୍ର ଗୋମାଂସ ଆଣି ଛାତ୍ରାବାସରେ ରୋଷେଇ କରିବା ସହ ଖାଇଥିବା ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତି କରି କଲେଜର ଶୃଙ୍ଖଳା କମିଟିର ସୁପାରିସ କ୍ରମେ କଲେଜ ଛାତ୍ର ୱେଲଫେୟାର କମିଟି ପକ୍ଷରୁ ଘଟଣାରେ ସମ୍ପୃକ୍ତ ୭ ଛାତ୍ରଙ୍କୁ ହଷ୍ଟେଲରୁ ବହିଷ୍କାର କରାଯାଇଥିବା ବେଳେ ଯେଉଁ ଛାତ୍ରଙ୍କ କୋଠରୀରେ ରୋଷେଇ କରାଯାଇଥିଲା ତାଙ୍କଠାରୁ ୨ ହଜାର ଟଙ୍କା ଜୋରିମାନା ଆଦାୟ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଅଭିଯୁକ୍ତ ଛାତ୍ରଙ୍କୁ ହଷ୍ଟେଲରୁ ବହିଷ୍କାର କରାଯାଇଥିବା ବେଳେ ସେମାନଙ୍କୁ କଲେଜରୁ ବହିଷ୍କାର କରାଯାଇନଥିବା ପ୍ରତିବାଦରେ ଶୁକ୍ରବାର ଅପରାହ୍ନ ସାଢେ ୪ଟା ବେଳେ ବଜରଙ୍ଗ ଦଳ ଓ ବିଜେପିର କର୍ମୀ କଲେଜ ମୁଖ୍ୟ ଫାଟକରେ ତାଲା ପକାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବଜରଙ୍ଗ ଦଳ ଓ ଜିଲ୍ଲା ବିଜେପି ଯୁବମୋର୍ଚ୍ଚାର ବହୁ ସମର୍ଥକ କଲେଜରେ ପହଞ୍ଚି ଘଟଣାରେ ସମ୍ପୃକ୍ତ ଛାତ୍ରଙ୍କୁ କଲେଜରୁ ବହିଷ୍କାର ପାଇଁ ଦାବି କରିଥିଲେ। ପରେ ସେମାନେ କଲେଜ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। ସଂପୃକ୍ତ ଛାତ୍ରଙ୍କ ବିରୋଧରେ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯିବା ପରେ ବିକ୍ଷୋଭରୁ କର୍ମୀମାନେ ଓହରିଥିଲେ।

ସୂଚନାଯୋଗ୍ୟ, କ୍ୟାମ୍ପସ ପରିସରରେ ଗୋମାଂସ ରୋଷେଇ ଓ ଭକ୍ଷଣ ନେଇ ଅଭିଯୋଗ ହୋଇଥିବାବେଳେ ଉକ୍ତ ଘଟଣାରେ କଲେଜ କର୍ତ୍ତୃପକ୍ଷ କିମ୍ବା ପୁଲିସ ପକ୍ଷରୁ ରୋଷେଇ ସାମଗ୍ରୀ କିମ୍ବା ଗୋମାଂସ ଜବତ ହୋଇ ନଥିଲା । ତେଣୁ ଘଟଣାର ଉପଯୁକ୍ତ ତଦନ୍ତ କରାଗଲେ ପ୍ରକୃତ ସତ୍ୟାସତ୍ୟ ପଦାକୁ ଆସିବ ବୋଲି ମତ ପ୍ରକାଶ ପାଉଛି। ଉଲ୍ଲେଖଯୋଗ୍ୟ, ବୁଧବାର ରାତିରେ କଲେଜ କ୍ୟାମ୍ପସ ପରିସରରେ ଥବା ଫାଲଗୁନି ବାଳକ ହଷ୍ଟେଲର ଏକ କୋଠରୀରେ ଉକ୍ତ ହଷ୍ଟେଲ ସମେତ ଅନ୍ୟ ହଷ୍ଟେଲ ର ୭ ଜଣ ଛାତ୍ର ମିଶି ଗୋମାଂସ ରୋଷେଇ କରିବା ସହ ଖାଇଥିବା ଅଭିଯୋଗ ହୋଇଛି। ହଷ୍ଟେଲ କୋଠରୀରୁ ବାସ୍ନା ଆସିବାରୁ ଅନ୍ୟ ଛାତ୍ରମାନେ ସେଠାରେ ପହଞ୍ଚି ଏହାର ବିରୋଧ କରିବା ସହ ହଷ୍ଟେଲ ଅଧୀକ୍ଷକଙ୍କୁ ଅବଗତ କରିଥିଲେ।ଏହି ଘଟଣାକୁ ନେଇ ଗୁରୁବାର କ୍ୟାମ୍ପସ ପରିସରରେ ଛାତ୍ରଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଥିଲା।

# ଆଦର୍ଶ ଓ ଧର୍ମପରାୟାଣା ମହିଳାଙ୍କ ପରଲୋକ



**ଭୁବନେଶ୍ୱର, ୧୪।୯ (ସଂଚାର ବ୍ୟୁରୋ):** ସ୍ଥାନୀୟ ସୂର୍ଯ୍ୟନଗର ନିବାସୀ ଆଦର୍ଶ ଓ ଧର୍ମପରାୟଣା ମହିଳା ଶଶିକଳା ମିଶ୍ରଙ୍କ ୯୪ ବର୍ଷ ବୟସରେ ପରଲୋକ ହୋଇଯାଇଛି। ସେ ଅର୍ଥ ବିଭାଗର ଅବସରପ୍ରାପ୍ତ ଅଧିକାରୀ ତଥା ବଜେଟ ବିଶାରଦ ସ୍ୱର୍ଗତ ଚୌଧୁରୀ ଉପେନ୍ଦ୍ରନାଥ ମିଶ୍ରଙ୍କ ଧର୍ମପତ୍ନୀ ଓ ବିଶିଷ୍ଟ ସମାଜସେବୀ ସ୍ୱର୍ଗତ ବୈକୁଣ୍ଠନାଥ ମିଶ୍ରଙ୍କ ମାଆ। ମୃତ୍ୟୁ ଶଯ୍ୟା ନିକଟରେ ପରିବାର ସମସ୍ତେ ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ ନେହେରୁ ଯୁବ ପ୍ରତିଷ୍ଠାନ ଓ ସୂର୍ଯ୍ୟନଗର ଦୁର୍ଗାପୂଜା ସମିତି ତରଫରୁ ଗଭୀର ଶୋକ ପ୍ରକାଶ ପାଇଛି। ସତ୍ୟନଗର ମଶାଣିରେ ତାଙ୍କର ଶେଷକୃତ୍ୟ ସଂପନ୍ନ ହୋଇଯାଇଛି।





# ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସରେ 'ସୁମନ୍ତ' ସମ୍ବର୍ଦ୍ଧିତ

**ସୁନ୍ଦରଗଡ, ୧୪।୯ (ସଂଚାର ବ୍ୟୁରୋ):** ପ୍ରାଥମିକ ଚିକିତ୍ସା ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ସେପ୍ଟେମ୍ବର ମାସ ଦ୍ୱିତୀୟ ଶନିବାର କୁ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ଭାବେ ପାଳନ କରାଯାଇଥାଏ । ଏହି ଅବସରରେ ଭୁବନେଶ୍ୱର ରେଡ଼କ୍ରସ ଭବନ ପରିସରରେ ଟାଙ୍ଗରପାଲି ବ୍ଲକ ଅନ୍ତର୍ଗତ ଯଶୋଦା ବିଷ୍ଣୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଯୋଗୀମାଲ ର ଅଧ୍ୟାପକ ସୁମନ୍ତ କୁମାର ଦ୍ୱିବେଦୀ ଙ୍କୁ ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ ସମ୍ବର୍ଦ୍ଧିତ କରିଥିଲେ । ଶ୍ରୀ ଦ୍ୱିବେଦୀ ଦୀର୍ଘ ଦିନରୁ ଉକ୍ତ ବିଦ୍ୟାଳୟରେ ଅଧ୍ୟାପକ ରହିଛନ୍ତି ତା ସହିତ ଫାଷ୍ଟ ଏଡ୍ ମାଷ୍ଟର ଟ୍ରେନର ଭାବରେ ଓଡିଶାରେ ବେଶ୍ ପରିଚିତ । କୌଣସି ଶାରୀରିକ ସମସ୍ୟା କ୍ଷେତ୍ରରେ ପ୍ରକୃତ ଡ଼ାକ୍ତରୀ ଚିକିତ୍ସା ଆରମ୍ଭ କରାଯିବା ପୂର୍ବରୁ ପ୍ରାଥମିକ ଚିକିତ୍ସା ବା ଫାଷ୍ଟ ଏଡ୍ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହୋଇଥାଏ । ଜରୁରୀ କାଳୀନ ସ୍ୱାସ୍ଥ୍ୟ ସେବା ପରିସ୍ଥିତିରେ ଜଣେ ଲୋକର କିଭଳି ପ୍ରାଥମିକ ଚିକିତ୍ସା କରାଯାଇ ପାରିବ ସେ ବିଷୟ ଜାଣିବା ନିହାତି ଦରକାର । ଶ୍ରୀ ଦ୍ୱିବେଦୀଙ୍କୁ ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ଜନ ସେବା ସମିତି ଯୋଗୀମାଲ ଓ ସୁନ୍ଦରଗଡ ଜିଲ୍ଲା ଆମେଚର ବକ୍ସିଂ ସଂଘର ସମସ୍ତ ସଦସ୍ୟ, ଯୋଗୀମାଲ କଲେଜର ଅଧ୍ୟାପକ ସୁବ୍ରତ କୁମାର ପାଣିଗ୍ରାହୀ, କିଶୋର କୁମାର ରାଉତ, ଲତିକା ପଟେଲ, ନାରାୟଣ ପ୍ରଧାନ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି ।

# ସହୀରା ଗ୍ରାମରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ

**ଆଳି, ୧୪।୯ (ସଂଚାର ବ୍ୟୁରୋ):** ଆଳି ବ୍ଲକ ଅନ୍ତର୍ଗତ ସହିରା ପଞ୍ଚାୟତର ସହୀରା ନିଳକଣ୍ଠେଶ୍ୱର ମନ୍ଦିର ପରିଚାଳନା କମିଟିର ସଦସ୍ୟ ଓ ଗ୍ରାମର ଉତ୍ସାହୀ ଯୁବକ ମାନଙ୍କ ଦ୍ୱାରା ୧୩ ତାରିଖ ଦିନେ ହିଅଣ୍ଟା ଗ୍ରାମ ବଜ୍ରମା କାଳୀଙ୍କ ପୀଠ ଠାରୁ ଅଙ୍ଗାରଖ ଗ୍ରାମ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ପାର୍ଶ୍ୱରେ ବୃକ୍ଷ ରୋପଣ କାର୍ଯ୍ୟ ସମ୍ପନ୍ନ ହୋଇଛି । ଉକ୍ତ କାର୍ଯ୍ୟକ୍ରମରେ ପରିବେଶିତ ଏବଂ ଜଳବାୟୁ ପରିବର୍ତ୍ତନର ବିଶେଷଜ୍ଞ ଡ ଅଭିଳାଷ ରାଉଳ, ଶଙ୍କରଷଣ ପାତ୍ର, ସତ୍ୟବାନ୍ ରାଉତ, ୱିପିନ ବିହାରୀ ରାଉଳ,ନୀତିୟାନନ୍ଦ ପାତ୍ର, ଶେଷ ଦେବ ମଳିକ, ପଞ୍ଚାନନ ଯେନା ,ଅଭୟ କୁମାର ଦାସ, ନଳୀନକାନ୍ତ ପାତ୍ର,ଦାମୋଦର ରାଉଳ, ଶାନ୍ତନୁ କୁମାର ନାୟକ, ପ୍ରମୁଖ ୧୦୦ ତାଳ ମଞ୍ଜି, ଲିମ୍ବ୍ୱ , ଜାମୁକୋଳି, ରାଧାଚୁଡା, ବର, ଅଶ୍ୱତ୍ଥ, ପ୍ରଭୃତି ଚାରା ରୋପଣ କରିଥିଲେ।

# କାଗଜପତ୍ରରେ ସୀମିତ ଭାରିଯାନ ଚଳାଚଳ କଟକଣା

**■ ସୃଷ୍ଟି ହେଉଛି ଟ୍ରାଫିକ ସମସ୍ୟା ■ ନିୟମ କାର୍ଯ୍ୟକାରୀ କରିବାରେ ପ୍ରଶାସନର ନାହିଁ ଆନ୍ତରିକତା**



**ଜଗତସିଂହପୁର, ୧୪।୯ (ସଂଚାର ବ୍ୟୁରୋ):** ପ୍ରତି ବର୍ଷ ଜଗତସିଂହପୁର ଜିଲ୍ଲାରେ ଭାରିଯାନ ଚଳାଚଳ ଉପରେ କଟକଣା ଲଗାଯାଉଛି। କିନ୍ତୁ ବାସ୍ତବରେ ଏହି କଟକଣା କେବଳ କାଗଜପତ୍ରରେ ସୀମିତ ରହୁଛି ଯାହାଦ୍ୱାରା ରାସ୍ତା ଖରାପ ହେବା ସହ ଯାତ୍ରାୟାତରେ ବାଧା ଉପୁଜୁଛି। ଏପରିକି କି ଦୁର୍ଘଟଣା ମଧ୍ୟ ହେଉଛି । ଜିଲ୍ଲାପାଳ ପାରୁଲ ପଟାୱରୀ ଲଗାଇଥିବା କଟକଣା ଯେପରି ଠିକ ଭାବେ ଲାଗୁ ହେବ ସେଥିପ୍ରତି ପୋଲିସ, ପରିବହନ ବିଭାଗ ଓ ତହସିଲ ମିଳିତ ଉଦ୍ୟମ କରିବାକୁ ସାଧାରଣରେ ଦାବି ହେଉଛି । ଜଗତସିଂହପୁର-ଜଇପୁର ରାସ୍ତାର ସଦର ଥାନା ଛକଠାରୁ ଟାଉନ ହଲ ଛକ ପର୍ଯ୍ୟନ୍ତ ରାସ୍ତାର ବାମ ପାର୍ଶ୍ୱକୁ ନୋ ପାର୍କିଂ ଜୋନ୍ କରାଯାଇଛି। ଏହି ସ୍ଥାନରେ ଯାନ ବାହାନ ରଖିବା ଦ୍ୱାରା ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଥିବାରୁ ବର୍ଷବର୍ଷ ଧରି ଜିଲ୍ଲାପାଳ କଟକଣା ଲଗାଇ ଆସୁଛନ୍ତି।

ବର୍ତ୍ତମାନ ଜିଲ୍ଲାପାଳ ପାରୁଲ ପଟାୱରୀ,ଏସପି ରାହୁଲ ପି. ଆର. ମଧ୍ୟ ଉକ୍ତ ରାସ୍ତା ପାର୍ଶ୍ୱରେ ଗାଡ଼ି ମୋଟର ଭାରିଯାନ ଚଳାଚଳ ଉପରେ ଅଙ୍କୁଶ ଲଗାଇଛନ୍ତି। ଏଥିସହ ଜନସାଧାରଣଙ୍କ ଗମନାଗମନ ଓ ସୁରକ୍ଷା ଦୃଷ୍ଟିରୁ ଜଗତସିଂହପୁର ବସଷ୍ଟାଣ୍ଡ ଠାରୁ ମେଡିକାଲ ଛକ ପର୍ଯ୍ୟନ୍ତ ଓ ଥାନା ଛକଠାରୁ ଚର୍ଚ୍ଚିକା ବଜାର ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଗାଡ଼ି ରଖିବା ନିଷେଧଦେଶ ଜାରି କରିଛନ୍ତି। ସେହିପରି ଆଲିପିଙ୍ଗଳ ଘାଟ ଏବଂ ପଟସରା ଅଞ୍ଚଳରୁ ଦେବୀନଦୀ ବାଲି ଘାଟରୁ ବେଆଇନ୍ ଭାବେ ଟ୍ରକ, ୬ଚକିଆ ଯାନରେ ଦିନରାତ୍ରୀ ବାଲି ଚଲାଣ ହେବା ସହ ଆଲିପିଙ୍ଗଳ ପୋଲ ପ୍ରତି ବିପଦ ସୃଷ୍ଟି କରୁଛି। ବିଶେଷକରି ଏହି ପୋଲଟି ଦୁର୍ବଳ ଥିବା ଏବଂ ମରାମତି ଅବସ୍ଥାରେ ଥିବାରୁ ଭାରିଯାନ ଚଳାଚଳ ଉପରେ କଟକଣା ଲଗାଯାଇଛି। ସେହିପରି ଜଗତସିଂହପୁର ପୌରାଞ୍ଚଳ ମଧ୍ୟରେ ଭାରିଯାନ ଚଳାଚଳ ଯୋଗୁଁ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ତେଣୁ ଉପରୋକ୍ତ ଯାନଗୁଡ଼ିକ ଚଳପ୍ରଚଳ ଉପରେ ମୋଟର ଯାନ ଆଇନ୍ ୧୯୮୮ ଧାରା ୧୧୫ ଅନୁଯାୟୀ ଜିଲ୍ଲାପାଳ ନିଷେଧାଦେଶ ଜାରି କରିଛନ୍ତି । ଏହି ଭାରିଯାନ ଗୁଡ଼ିକ ସକାଳ ୬ଠାରୁ ପୂର୍ବାହ୍ନ ୧୧ଟା ଓ ଅପରାହ୍ନ ୫ଟାରୁ ରାତି ୮ ମଧ୍ୟରେ ପୌରାଞ୍ଚଳରେ ଚଳପ୍ରଚଳ କରିପାରିବ ନାହିଁ ।

ଜଗତସିଂହପୁର-ଆଲିପିଙ୍ଗଳ ରାସ୍ତାରେ ଟ୍ରକ, ୬ ଚକିଆ ଯାନଗୁଡ଼ିକ ବାଲି, ଲୁହା ପଥର ଆଦି ପରିବହନ କରିବା ଦ୍ୱାରା ଯାତ୍ରାୟତ ବାଧାପ୍ରାପ୍ତ ହେବା ସହ ଦୁର୍ଘଟଣା ଘଟୁଛି । କଟକଣା ଅନୁଯାୟୀ ଜଗତସିଂହପୁର-ଆଲିପିଙ୍ଗଳ ରାସ୍ତାରେ ସକାଳ ୫ ରୁ ରାତି ୧୧ ଟା ପର୍ଯ୍ୟନ୍ତ ଭାରିଯାନ ଚଳାଚଳ କରିପାରିବ ନାହିଁ। ଏହାବାଦ ଏହି ରାସ୍ତାରେ ଅତ୍ୟଧିକ ଲୋଡ଼ ଥିବା ବଡ଼ଗାଡ଼ି ଚଳାଚଳ ଉପରେ ସବୁ ସମୟ ପାଇଁ ନିଷେଧଦେଶ ଜାରି କରାଯାଇଛି। କଟକ-ପାରାଦ୍ୱୀପ ମଧ୍ୟରେ ଅବାଧରେ ଭାରିଯାନ ଚଳାଚଳ କରୁଛି। ଏଥିଯୋଗୁଁ ନାହିଁ ନଥିବା ସମସ୍ୟା ସୃଷ୍ଟି ହେଉଛି। ପାରାଦ୍ୱୀପର ଅଏଲ ଟର୍ମିନାଲ ଛକ ମଧ୍ୟରେ ଅଏଲ ଟ୍ୟାଙ୍କର ଚଳାଚଳ ଦ୍ୱାରା ଟ୍ରାଫିକ ସମସ୍ୟା ଉପୁଜୁଛି। ତେଣୁ ଉପରୋକ୍ତ ଟ୍ୟାଙ୍କର ଚଳାଚଳ ଉପରେ ନିଷେଧଦେଶ ଜାରି କରାଯାଇଛି। ତୈଳଶୂନ୍ୟ ଅଏଲ ଟ୍ୟାଙ୍କର ଗୁଡ଼ିକ କାରଗିଲ ଛକ ଦେଇ ଚଳାଚଳ କରିପାରିବେ ଓ ତୈଳପୂର୍ଣ୍ଣ ହେଲାପରେ ପିପିଏଲ ଜଙ୍କସନ୍ ଦେଇ ପିପିଏଲ ଛକ ବାଟେ ଚଳାଚଳ କରିପାରିବେ। ପାରାଦ୍ୱୀପ ଜିରୋ ପଏଣ୍ଟରୁ ଅଠରବାଙ୍କୀ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଭାରିଯାନ ରଖିବା ଯୋଗୁଁ ଟ୍ରାଫିକ ସମସ୍ୟା ସୃଷ୍ଟି ହେବା ସହ ଗମନାଗମରେ ଅସୁବିଧା ହେଉଛି । ଏଥିପ୍ରତି ଦୃଷ୍ଟି ଦେଇ ଜିଲ୍ଲା ପ୍ରଶାସନ ଭାରିଯାନ ଚଳାଚଳ ଉପରେ କଟକଣା ଲାଗୁ କରିବା ନିମନ୍ତେ ସାଧାରଣରେ ଦାବି ହେଉଛି ।

# ନନ୍ଦନକାନନ ଆସିବେ ନୂଆ ଅତିଥି




**ଭୁବନେଶ୍ୱର, ୧୪।୯(ସଂଚାର ବ୍ୟୁରୋ):** ନନ୍ଦନକାନନରେ ଏବେ ୪୨୫୮ ଟି ବନ୍ୟପ୍ରାଣୀ ଥିବାବେଳେ ଆଗାମୀ ଦିନରେ ବିଭିନ୍ନ ଚିଡିଆଖାନାରୁ ନୂଆ ନୂଆ କିସମର ବନ୍ୟପ୍ରାଣୀ ଆଣିବାର ଯୋଜନା ରହିଛି। ନୂଆ ଅତିଥିଙ୍କ ତାଲିକାରେ ବନେଟ ମାଙ୍କଡ ଓ ଶଙ୍ଖଚିଲ ଆଦି ରହିଛନ୍ତି।
ମିଳିଥିବା ସୂଚନା ଅନୁଯାୟୀ ନନ୍ଦନକାନନରେ ଏବେ ୧୬୯ ପ୍ରଜାତିର ୪୨୫୮ଟି ବନ୍ୟପ୍ରାଣୀ ରହିଛନ୍ତି। ଏମାନଙ୍କ ମଧ୍ୟରୁ ୭୯ପ୍ରଜାତିର ୧୮୪୮ଟି ପକ୍ଷୀ, ୫୪ ପ୍ରଜାତିର ୨୦୧୮ଟି ସ୍ତନ୍ୟପାୟୀ, ୩୦ପ୍ରଜାତିର ୩୭୧ଟି ସରୀସୃପ ଓ ୬ ପ୍ରଜାତିର ୨୧ଟି ଉଭୟଚର ପ୍ରାଣୀ ରହିଛନ୍ତି।
ନନ୍ଦନକାନନ ପ୍ରତି ଲୋକଙ୍କ ବଢୁଥିବା ଆଗ୍ରହକୁ ଦୃଷ୍ଟିରେ ରଖି ଦେଶର ଅନ୍ୟାନ୍ୟ ଚିଡିଆଖାନାରୁ ନୂଆ ନୂଆ ପ୍ରଜାତିର ବନ୍ୟପ୍ରାଣୀ ଆଣିବାର ଯୋଜନା ରହିଛି। ଇତି ମଧ୍ୟରେ ନନ୍ଦନକାନନରେ ଏକାକୀ ରହୁଥିବା ଜିରାଫ ପାଇଁ ଆଉ ଦୁଇ ନୂଆ ସାଥୀ ଆସିଛନ୍ତି। ଆଗମୀ ଦିନରେ ଅଣାଯିବାକୁ ଥିବା ବନ୍ୟପ୍ରାଣୀଙ୍କ ମଧ୍ୟରେ ମାଙ୍ଗାଲୁର ସ୍ଥିତି ପିଲିକୁଲା ଜୈବ ଉଦ୍ୟାନରୁ ବଳିଆ କୁକୁର, ଶଙ୍ଖଚିଲ, ରେଟିକୁଲେଟ ଅଜଗର, ବଡ ବଗ ଓ ଡାଳିଓଧ ରହିଛନ୍ତି।
ସେହିଭଳି ଜୁନାଗଡ଼ ସ୍ଥିର ସକ୍କରବାଗ ଚିଡିଆଖାନାରୁ ଏସୀୟ ସିଂହ, ସାରସ, କଳରାପତରିଆ ବାଘ ଓ ଜଙ୍ଗଲି କୁକୁଡା ଅଣାଯିବାର ଯୋଜନା ରହିଛି। ଏଥି ସହିତ ହାଇଦ୍ରାବାଦ ସ୍ଥିର ନେହେରୁ ପ୍ରାଣୀ ଉଦ୍ୟାନରୁ ସାରସ, ଚାମୁଚ ଥଣ୍ଟିଆ ବଗ, ଧୂସର ଜଙ୍ଗଲି କୁକୁଡା, ଇଗ୍ରୁନ କପୋତ, କୁଜି ହରିଣ, ନାଲି ବାଲି ବୋଡା, ସାଧାର ବାଲି ବୋଡା, ବନେଟ୍ ମାଙ୍କଡ ଓ ଚନ୍ଦନବୋଡା ଭଳି ସାପ ଅଣାଯିବ।
ଉଲ୍ଲେଖ କରାଯାଇପାରେ ଯେ ଜାତୀୟ ଚିଡିଆଖାନା ନିର୍ଦ୍ଦେଶାଳୟର ଅନୁମତି କ୍ରମେ ଦେଶର ବିଭିନ୍ନ ଚିଡିଆଖାନା ମଧ୍ୟରେ ବନ୍ୟପ୍ରାଣୀମାନଙ୍କର ଅଦଳ ବଦଳ ହୋଇଥାଏ। ନନ୍ଦନକାନର ଅନ୍ୟତମ ମୁଖ୍ୟ ଆକର୍ଷଣ ଥିବା ଧଳା ବାଘ ଦେଶର ବିଭିନ୍ନ ନନ୍ଦନକାନନକୁ ପଠାଯାଇଥିବାବେଳେ ସେମାନଙ୍କ ପ୍ରତିବଦଳରେ ନୂଆ ନୂଆ ପ୍ରଜାତିର ବନ୍ୟପ୍ରାଣୀଙ୍କୁ ଏଠାକୁ ଅଣାଯାଉଛି। ନନ୍ଦନକାନନକୁ ଦିନକୁ ଦିନ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଉଥିବାବେଳେ ବିଲୁପ୍ତପ୍ରାୟ ଜୀବ ଜନ୍ତୁଙ୍କୁ ଏଠାରେ ଲୋକେ ଦେଖିବାର ସୁଯୋଗ ପାଉଛନ୍ତି। ଏକଦା ରାଜ୍ୟର ବିଭିନ୍ନ ସ୍ଥାନରେ ଦୃଶ୍ୟମାନ ହେଉଥିବା ଶଙ୍ଖଚିଲ ଆଉ ଦେଖିବାକୁ ମିଳୁନଥିବାବେଳେ ମାଙ୍ଗାଲୁରରୁ ଏହାକୁ ଆଣିବାପାଇଁ ଯୋଜନା ହେଉଛି। (ତଥ୍ୟ)

# କିଟ୍ ବିଶ୍ୱବିଦ୍ୟାଳୟର ବିଂଶତମ ସମାବର୍ତ୍ତନ

## ଯୁବଶକ୍ତି ହେଉଛି ଦେଶର ସବୁଠୁ ବଡ଼ ଶକ୍ତି: ରାଜ୍ୟପାଳ



**ଭୁବନେଶ୍ୱର, ୧୪।୯(ସଂଚାର ବ୍ୟୁରୋ):** ଯୁବଶକ୍ତି ହେଉଛି ଦେଶର ସବୁଠୁ ବଡ଼ ଶକ୍ତି ବୋଲି ଓଡ଼ିଶାର ରାଜ୍ୟପାଳ ରଘୁବର ଦାସ କହିଛନ୍ତି। ଆଜି କିଟ୍ ବିଶ୍ୱବିଦ୍ୟାଳୟର ବିଂଶତମ ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀ ଦାସ କହିଲେ, ଯୁବଶକ୍ତି ହେଉଛି ଭବିଷ୍ୟତର ମୂଳଦୁଆ। ଏହି ଯୁବଉର୍ଜା, ଉତ୍ସାହ ଓ ନବସର୍ଜନା ସହ ଭାରତ ଆଜି ବିଶ୍ୱରେ ସଫଳତାର କାହାଣୀ ଲେଖିଚାଲିଛି। ଭାରତର ଯୁବଶକ୍ତି ହେଉଛନ୍ତି ପରିବର୍ତ୍ତନ ବାହକ। ଏକ ସମୃଦ୍ଧ ଭାରତ ଗଠନରେ ଯୁବଶକ୍ତିଙ୍କ ଅଗ୍ରଣୀ ଭୂମିକା ରହିଛି ବୋଲି ସେ କହିଥିଲେ। ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇ ରାଜ୍ୟପାଳ କହିଲେ, ଛାତ୍ରଛାତ୍ରୀଙ୍କ ସଫଳତା ସମାଜର ଅନ୍ୟମାନଙ୍କୁ ଉପରକୁ ଉଠାଇବା ସହ ସମାଜରେ ସାର୍ଥକ ପରିବର୍ତ୍ତନରେ ନିହିତ ରହିଛି। ଏହାକୁ ପ୍ରଥମେ ନିଜ ପରିବାର ଓ ସମାଜରୁ ଆରମ୍ଭ କରିବାକୁ ସେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ବାସ୍ତବିକ ଜୀବନରେ ପାଦ ଦେବାବେଳେ ସମାଜର ସବୁଠାରୁ ଗରିବ, ନିଷ୍ପେସିତ ଓ ଅବହେଳିତ ଲୋକଙ୍କ କଥା ଚିନ୍ତା କରି ସେମାନଙ୍କୁ ସାହାଯ୍ୟ କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ଜୀବନରେ ଯେତେ ଉପରକୁ ଗଲେ ମଧ୍ୟ ନିଜର ମୂଲ୍ୟବୋଧକୁ ଭୁଲିଯିବା ଉଚିତ୍ ନୁହେଁ ବୋଲି ସେ କହିଥିଲେ। ଜୀବନରେ ସର୍ବଦା ଦୟା, ବିନମ୍ରତା ଓ ସାମାଜିକ ଦାୟିତ୍ୱବୋଧ ଆଦି ମୂଲ୍ୟବୋଧ ବଜାୟ ରଖିବାକୁ ରାଜ୍ୟପାଳ ଶ୍ରୀ ଦାସ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ।
ଆଭାସୀ ମାଧ୍ୟମରେ ଦୀକ୍ଷାନ୍ତ ଭାଷଣ ପ୍ରଦାନ କରି ୟୁକ୍ରେନ୍‌ର ଶାନ୍ତି ନୋବେଲ୍ ବିଜେତା ଓଲେକ୍‌ସାଣ୍ଡ୍ରା ମାଟ୍‌ଭିଚକ୍ କହିଲେ, ଖୁବ୍ ଅଳ୍ପ ସମୟ ମଧ୍ୟରେ କିଟ୍ ଭାରତ ତଥା ବିଶ୍ୱର ଏକ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ଭାବେ ପ୍ରସିଦ୍ଧି ଲାଭ କରିପାରିଛି । ଏଭଳି ଏକ ଶିକ୍ଷାନୁଷ୍ଠାନ ଗଢ଼ିବା ଏବଂ ଅସମାନତା ଦୂର କରିବା କ୍ଷେତ୍ରରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ପ୍ରୟାସ ପ୍ରଶଂସନୀୟ। ଜଣେ ସାଧାରଣ ଲୋକ ସମାଜରେ ସୁଦୂରପ୍ରସାରୀ ପ୍ରଭାବ ପକାଇବା ସହ ଅସାଧାରଣ କାମ କରିପାରେ ବୋଲି ଏଥିରୁ ପ୍ରମାଣିତ ବୋଲି ସେ କହିଥିଲେ।

# ଆଇଆଇଟିରେ ଓପନ୍ ଇନୋଭେସନ୍ କର୍ମଶାଳା



**ଭୁବନେଶ୍ୱର, ୧୪।୯(ସଂଚାର ବ୍ୟୁରୋ):** ଭାରତୀୟ ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନ (ଆଇଆଇଟି) ଭୁବନେଶ୍ୱରର ଅନୁସନ୍ଧାନ ଏବଂ ଉଦ୍ୟୋଗ ପାର୍କ (ଜରଚ) ପକ୍ଷରୁ ୧୩ ଏବଂ ୧୪ ସେପ୍ଟେମ୍ବର ୨୦୨୪ ରେ ଦୁଇ ଦିନିଆ ଓପନ୍ ଇନୋଭେସନ୍ କର୍ମଶାଳା ଆୟୋଜିତ ହୋଇଛି। କର୍ମଶାଳାର ଉଦ୍ଦେଶ୍ୟ ଥିଲା କର୍ପୋରେଟ୍ ନେତାମାନଙ୍କୁ ପ୍ରଭାବଶାଳୀ ଭାବରେ ସହଯୋଗ କରିବା ଏବଂ ଉଦୀୟମାନ ଧାରା, ବୈଷୟିକ ସଫଳତା ଏବଂ ବିଭିନ୍ନ ଔଦ୍ୟୋଗିକ କୌଶଳ ବିଷୟରେ ଜ୍ଞାନ ଆହରଣ କରିବା ଯାହାକି ଅଭିନବତ୍ୱକୁ ନୂତନ ରୂପ ପ୍ରଦାନ କରିପାରେ। ଇଣ୍ଡିଆ ଆକ୍ସିଲେଟର ସହିତ ମିଳିତ ଭାବରେ ଆୟୋଜିତ ଏହି କର୍ମଶାଳାରେ କର୍ପୋରେଟ୍ ଏବଂ ଉଦ୍ୟୋଗୀମାନଙ୍କୁ ଓପନ୍ ଇନୋଭେସନ୍ ପ୍ରଣାଳୀ ସହିତ ସମୃଦ୍ଧ କରି ସେମାନଙ୍କୁ ବାହ୍ୟ ଚିନ୍ତାଧାରା ଏବଂ ଷ୍ଟାର୍ଟଅପଗୁଡିକର ସାମୂହିକ ବୁଦ୍ଧିମତାକୁ ଆଗୁଆ ଚିନ୍ତାଧାରାର ସମାଧାନ ତଥା ସାମ୍ପ୍ରତିକ ଶିଳ୍ପ ଆହ୍ୱାନର ସମାଧାନ କରିବାକୁ ସକ୍ଷମ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଏନଟିପିସି, ଟାଟା ଷ୍ଟିଲ୍, ଗ୍ରୀଡ୍ କଣ୍ଟ୍ରୋଲର୍ ଅଫ୍ ଇଣ୍ଡିଆ ଏବଂ ବଜାଜ୍ ଇଲେକ୍ଟ୍ରିକାଲ୍ସ ଭଳି ଅଗ୍ରଣୀ କମ୍ପାନୀଗୁଡିକର କର୍ପୋରେଟ୍ ନେତା, ଅଭିନବ ପରିଚାଳକ ଏବଂ ଗବେଷଣା ଓ ବିକାଶ ଦଳ ଏକତ୍ରିତ ହୋଇଥିଲେ।
ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପଦ୍ କର୍ମାଲକର ଅଂଶଗ୍ରହଣକାରୀଙ୍କୁ ସମ୍ବୋଧିତ କରି କହିଥିଲେ ଯେ ଆଧୁନିକ ପ୍ରସଙ୍ଗରେ ଦକ୍ଷତା ବିକାଶର ସଂକଳ୍ପରେ ଦକ୍ଷତା ବିକାଶ, ଗବେଷଣା କ୍ଷମତା ଏବଂ ଉଦ୍ୟୋଗୀତା ଅନ୍ତର୍ଭୁକ୍ତ ହେବା ଉଚିତ୍। ସେ ଜୋର ଦେଇଛନ୍ତି।

## ୨୪ ଘଣ୍ଟା ମଧ୍ୟରେ କେନ୍ଦ୍ରକୁ ପ୍ରସ୍ତାବ ଦିଅନ୍ତୁ

# ହାଇକୋର୍ଟ ବେଞ୍ଚ ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀଙ୍କୁ ଟାର୍ଗେଟ

### ଦଳୀୟ ନେତାଙ୍କ ଚାପରେ ଅସହାୟ ମୁଖ୍ୟମନ୍ତ୍ରୀ: ବିଜେଡି



**ଭୁବନେଶ୍ୱର, ୧୪।୯ (ସଂଚାର ବ୍ୟୁରୋ):** ଓଡ଼ିଶା ରାଜନୈତିକ ଇତିହାସରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଜ ଦଳୀୟ ନେତା ଓ ବିଧାୟକଙ୍କ ଦ୍ୱାରା ଚାପଗ୍ରସ୍ତ ହୋଇ ଜଣେ ଅସହାୟ ମୁଖ୍ୟମନ୍ତ୍ରୀ ଭାବେ ପରିଗଣିତ ହୋଇଛନ୍ତି ବୋଲି ଆଜି ଶଙ୍ଖ ଭବନ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଦଳର ରାଷ୍ଟ୍ରୀୟ ମୁଖପାତ୍ର ତଥା ସାଂସଦ ଡ. ସସ୍ମିତ ପାତ୍ର। ସେ କହିଛନ୍ତି, ରାଜ୍ୟ ସରକାରଙ୍କ ଦ୍ୱାରା ଅନେକ ଘୋଷଣା ପରବର୍ତ୍ତୀ ସମୟରେ ପୁଣି ବଦଳି ଯାଉଛି। କିଛି ଦିନ ତଳେ ବିଧାନସଭାରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଘୋଷଣା କରିଥିଲେ ଯେ, ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠାର ଯଥାର୍ଥତା ନାହିଁ । ଦଳୀୟ ନେତା ଓ ବିଧାୟକଙ୍କ ଦ୍ୱାରା ଚାପଗ୍ରସ୍ତ ହୋଇ ତା ପରଦିନ ପୁଣି ମୁଖ୍ୟମନ୍ତ୍ରୀ କହିଲେ, ଏହା ସରକାରଙ୍କ ବିଚାରାଧୀନ ଅଛି । ଏଭଳି ଆଚରଣ ମୁଖ୍ୟମନ୍ତ୍ରୀଙ୍କ ପକ୍ଷରେ ଶୋଭନୀୟ ନୁହେଁ । ଅଗଷ୍ଟ ୮ରେ ସାଂସଦ ଡ. ପାତ୍ର ରାଜ୍ୟସଭାରେ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପ୍ରସଙ୍ଗରେ ପଚାରିଥିବା ଏକ ଅଣତାରକା ପ୍ରଶ୍ନର ଉତ୍ତରରେ କେନ୍ଦ୍ର ଆଇନ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ କହିଥିଲେ, ରାଜ୍ୟ ସରକାରଙ୍କ ନିକଟରେ ଏହା ବିଚାରାଧୀନ ଅଛି ଏବଂ ରାଜ୍ୟ ସରକାର ସବିଶେଷ ନିଷ୍ପତ୍ତି ଗ୍ରହଣ କରି କେନ୍ଦ୍ର ସରକାରଙ୍କୁ ଅବଗତ କରାଇବେ । ସରକାରକୁ ଆସିବାର ୩ ମାସ ଅତିକ୍ରାନ୍ତ ହୋଇସାରିଥିଲେ ମଧ୍ୟ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏ ସଂକ୍ରାନ୍ତରେ କୌଣସି ନିଷ୍ପତ୍ତି କେନ୍ଦ୍ରକୁ ଅବଗତ କରାଇବା ପରିବର୍ତ୍ତେ ନିଜେ ବିଧାନସଭାରେ କରିଥିବା ଘୋଷଣାକୁ ଦଳୀୟ ନେତୃମଣ୍ଡଳୀ ଓ ବିଧାୟକଙ୍କ ଚାପରେ ୟୁଟର୍ଣ୍ଣ ନେଇ ମିଥ୍ୟା ପ୍ରତିଶ୍ରୁତି ଦେଉଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୃଢ଼ ନେତୃତ୍ୱକୁ ଓଡ଼ିଶାବାସୀ ଦେଖିଥିଲେ, କିନ୍ତୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଏଭଳି ଅସହାୟତା ଦେଖି ରାଜ୍ୟବାସୀ ଅତ୍ୟନ୍ତ ଦୁଃଖିତ । ଆମେ ଅନୁରୋଧ କରୁଛୁ ଆସନ୍ତାକାଲି ସୁଦ୍ଧା ମୁଖ୍ୟମନ୍ତ୍ରୀ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ସମ୍ପର୍କରେ ସବିଶେଷ ପ୍ରସ୍ତାବ କେନ୍ଦ୍ର ସରକାରଙ୍କୁ ଦେବେ। ଅନ୍ୟଥା ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ମୁଖ୍ୟମନ୍ତ୍ରୀ ଚାହୁଁନାହାନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ଡ. ଲେନିନ୍ ମହାନ୍ତି, ଡ. ପ୍ରିୟବ୍ରତ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

# ବଉଳା କୁମ୍ଭୀରକୁ ଧରିଲେ ଗ୍ରାମବାସୀ



**ରାଜନଗର, ୧୪।୯ (ସଂଚାର ବ୍ୟୁରୋ):** ପୋଖରୀରେ ପଶି ମାଛ ଖାଇ ସଫା କରିଦେଉଥିବା ଏକ ବଉଳା କୁମ୍ଭୀରକୁ କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକର ଗଜରାଜପୁର ଗ୍ରାମବାସୀ କାବୁ କରିଛନ୍ତି। ପ୍ରାୟ ୬ ଫୁଟ ଲମ୍ବର ଉକ୍ତ କୁମ୍ଭୀରକୁ ଲୋକେ ଜାଲ ପକାଇ ଧରିଥିଲେ।
ପ୍ରାୟ ମାସେ ହେବ ନିକଟସ୍ଥ କେନାଲରୁ କୁମ୍ଭୀରଟି ଉଠି ଆସି ଗାଁ ପୋଖରୀ ଓ କ୍ରୀକ୍‌ରେ ପଶି ଯାଇଥିଲା। ଗୋଟିଏ ପୋଖରୀରୁ ମାଛ ଖାଇବା ପରେ ଆଉ ଏକ ପୋଖରୀକୁ ଚାଲି ଯାଉଥିଲା। କେତେବେଳେ ଅତର୍କିତ ଆକ୍ରମଣ କରିବ ଭାବି ଗ୍ରାମବାସୀ ଭୟରେ କାଳାତିପାତ କରୁଥିଲେ। ଘଟଣା ସମ୍ପର୍କରେ ଗ୍ରାମବାସୀ ବନ ବିଭାଗକୁ ଜଣାଇଲେ । ମାତ୍ର ବିଭାଗୀୟ ଅଧିକାରୀ କିଛି ପଦକ୍ଷେପ ନେଇ ନ ଥିବା ଅଭିଯୋଗ କରିଥିଲେ। ଶନିବାର ସକାଳେ କୁମ୍ଭୀରଟି ପୋଖରୀରେ ଭାସୁଥିବା ବେଳେ ଗ୍ରାମବାସୀ ଜାଲ ପକାଇ ଧରିଥିଲେ। ଖବର ପାଇ ଗାଁରେ ବନବିଭାଗ ଟିମ୍ ପହଞ୍ଚିଥିବା ସୂଚନା ମିଳିଛି।

# ବାଙ୍ଗିରିପୋଷୀ ଘାଟିରେ ପଥର ଖସିଲା



**ବାରିପଦା, ୧୪/୯ (ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲ୍ଲାରେ ଯାଇଥିବା ୪୯ ନଂ ଜାତୀୟ ରାଜପଥର ବାଙ୍ଗିରିପୋଷି ଘାଟିରେ ପ୍ରଥମଥର ପାଇଁ ଶନିବାର ପଥର ଅତଡା ଖସି ପଡିଛି । ପୂର୍ବରୁ ବାଙ୍ଗିରିପୋଷି ଘାଟିରେ ଏଭଳି କେବେ ଅତଡା ଖସିବା ଦେଖିବାକୁ ମିଳିନଥିଲା । ଘାଟି ରାସ୍ତାରେ ସବୁବେଳେ ଚଳପ୍ରଚଳ ଲାଗି ରହିଥିବା ବେଳେ ଅଳ୍ପକେ ବର୍ତ୍ତି ଯାଇଛି ଏକ ମାଲ୍ ବୋଝେଇ ଟ୍ରକ। ପାଖାପାଖି କୋଡ଼ିଏରୁ ତିରିଶି ଫୁଟ ଅଞ୍ଚଳର ପଥର ଧସି ପଡ଼ିଥିବା ବେଳେ ସୌଭାଗ୍ୟବଶତଃ କାହାରି କିଛି ଅଘଟଣ ଘଟିନାହିଁ। କିଛି ସମୟ ପାଇଁ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଘାଟି ରାସ୍ତା ସମ୍ପ୍ରସାରଣ କରୁଥିବା ଠିକାଦାରଙ୍କ ମନମୁଖୀ କାର୍ଯ୍ୟ ପାଇଁ ଏପରି ଘଟିଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

# କାଠଯୋଡ଼ି ନଦୀରେ ବୁଡ଼ିଗଲେ ବୃଦ୍ଧା

**କଟକ, ୧୪।୯(ସଂଚାର ବ୍ୟୁରୋ):** କାଠଯୋଡ଼ି ନଦୀରେ ଗାଧୋଇଲା ବେଳେ ବୁଡ଼ିଗଲେ ବୃଦ୍ଧା। ତାଙ୍କର କୌଣସି ପତ୍ତା ମିଳୁନାହିଁ। କଟକ ଜିଲ୍ଲା ଖାନ୍‌ନଗର ଜଗନ୍ନାଥ ମନ୍ଦିର ନିକଟରେ ଏହି ଅଘଟଣ ଘଟିଛି। ନିଖୋଜ ବୃଦ୍ଧା ଜଣଙ୍କ ଝାଞ୍ଜିରିମଙ୍ଗଳା ଲୁଣିଆସାହିର ବୋଲି ଜଣାଯାଇଛି।
ଆଜି ସକାଳେ ବୃଦ୍ଧା ଜଣଙ୍କ ଖାନ୍‌ନଗର ଜଗନ୍ନାଥ ମନ୍ଦିର ନିକଟ ଦେଇ ବୋହିଯାଇଥିବା କାଠଯୋଡ଼ି ନଦୀକୁ ଗାଧୋଉଥିଲେ। ଅସାବଧାନତା କାରଣରୁ ତାଙ୍କ ଗୋଡ଼ ଖସି ଯାଇଥିଲା। ସେ ସେ ନଦୀରେ ବୁଡ଼ି ଯାଇଥିଲେ। ଅଗ୍ନିଶମ ବାହିନୀ ପହଞ୍ଚି ବୃଦ୍ଧାଙ୍କୁ ଖୋଜାଖୋଜି କରୁଛନ୍ତି, ହେଲେ ବୃଦ୍ଧାଙ୍କର ପତ୍ତା ମିଳିନାହିଁ।

# ସୁଭଦ୍ରା ଶୁଭାରମ୍ଭ ପ୍ରସ୍ତୁତି ତଦାରଖ କମିଟିର ସମନ୍ୱୟ ବୈଠକ

**ଭୁବନେଶ୍ୱର, ୧୪।୯ (ସଂଚାର ବ୍ୟୁରୋ):** ୧୭ତାରିଖରେ ମହିଳାମାନଙ୍କ ପାଇଁ ଉଦ୍ଦିଷ୍ଟ ଜନକଲ୍ୟାଣକାରୀଯୋଜନା "ସୁଭଦ୍ରା"ର ଶୁଭାରମ୍ଭ ହେବ। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱରର ଜନତା ମଇଦାନରେ ବିଶିଷ୍ଟ ଅତିଥି, ହିତାଧିକାରୀମହିଳା ଓ ଅନ୍ୟ ବିଭିନ୍ନ ବର୍ଗର ଜନସାଧାରଣଙ୍କର ବୃହତ ସମାବେଶ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ନରେନ୍ଦ୍ର ମୋଦୀ ଭୁବନେଶ୍ୱର ଆସି ଯୋଗଦାନ କରିବାକୁ ଥିବାରୁ ଏଥିପାଇଁ ରାଜ୍ୟ ପ୍ରଶାସନ ତରଫରୁ ବ୍ୟାପକ ପ୍ରସ୍ତୁତି ଜାରି ରହିଛି। ଏହି ଶୁଭାରମ୍ଭ କାର୍ଯ୍ୟକ୍ରମକୁ ତଦାରଖ ଏବଂ ସୁପରିଚାଳନା ପରିପ୍ରେକ୍ଷୀରେ ପ୍ରଶାସନିକ ସ୍ତରରେ ଗଠିତରାଜ୍ୟସ୍ତରୀୟ କାର୍ଯ୍ୟନିର୍ବାହୀ କମିଟି ସହିତ ସଂଯୁକ୍ତ ବିଭିନ୍ନ କମିଟିର ସମନ୍ୱୟ ବୈଠକ ଆଜି ଅପରାହ୍ଣରେ ମୁଖ୍ୟ ଶାସନ ସଚିବ ତଥା କାର୍ଯ୍ୟନିର୍ବାହୀ କମିଟିରଅଧ୍ୟକ୍ଷ ଶ୍ରୀ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ, ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଗୃହ ବିଭାଗ ଶ୍ରୀ ସତ୍ୟବ୍ରତ ସାହୁଙ୍କ ସମେତ କାର୍ଯ୍ୟ ନିର୍ବାହୀ କମିଟିର ସଦସ୍ୟ ଥିବା ବିଭିନ୍ନ କମିଟିର ପ୍ରମୁଖ ଶାସନ, ଶାସନ ସଚିବ, ବିଏମସିକମିଶନର, ବିଡିଏ, ଉପାଧ୍ୟକ୍ଷଙ୍କ ସମେତ କମିଟିର ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

# କୁକୁଡ଼ା ଚାଷୀଙ୍କୁ ୨୧ ଲକ୍ଷ ୨୦ ହଜାର ଟଙ୍କାର କ୍ଷତିପୂରଣ



**ପୁରୀ, ୧୪।୯:(ସଂଚାର ବ୍ୟୁରୋ)** ପୁରୀ ଜିଲ୍ଲାରେ ଏବେ ବି ବାର୍ଡ ଫ୍ଲୁ ଆତଙ୍କ ଜାରି ରହିଛି। କୁକୁଡ଼ା ଚାଷୀଙ୍କୁ ୨୧ ଲକ୍ଷ ୨୦ ହଜାର ଟଙ୍କାର କ୍ଷତିପୂରଣ ଦିଆଯାଇଛି । ଏଥିସହ ସଂକ୍ରମିତ ଅଞ୍ଚଳରେ ୩ ମାସ କୁକୁଡ଼ା ଚାଷ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ୩ ମାସ ଯାଏଁ କୁକୁଡ଼ା ଚାଷ ଉପରେ ପୁରୀ ପ୍ରଶାସନର କଟକଣା ଜାରି ହୋଇଛି । ପିପିଲି, ଡେଲାଙ୍ଗ, ନିମାପଡ଼ା, ସତ୍ୟବାଦୀରେ କୁକୁଡ଼ା ଚାଷ କରିବାକୁ ମନା ହୋଇଛି । ସଂକ୍ରମିତ ଅଞ୍ଚଳର ୧ କିମି ଭିତରେ କୁକୁଡ଼ା ଚାଷ ହେବନି ବୋଲି ପ୍ରଶାସନ ନିର୍ଦ୍ଦେଶ ଦେଇଛି । ସେହିପରି ୧୦ କିମି ବ୍ୟାସାର୍ଦ୍ଧରେ କୁକୁଡ଼ା ବାହାରକୁ ପଠା ନଯିବାକୁ ପ୍ରଶାସନ ପକ୍ଷରୁ କୁହାଯାଇଛି। କୁକୁଡା ଚାଷୀ ମାନେ ୧୫ ଦିନରେ ଥରେ କୁକୁଡ଼ା ନମୁନା ପରୀକ୍ଷା କରିବେ । ୩ ମାସ କୁକୁଡ଼ା ଚାଷ ବନ୍ଦ ରଖିବାକୁ ପ୍ରଶାସନ ନିର୍ଦ୍ଦେଶ ଦେଇଥିବାରୁ ଫାର୍ମ ମାଲିକ ମାନେ ଚିନ୍ତାରେ ପଡ଼ି ଯାଇଛନ୍ତି । କିଛି ଦିନ ତଳେ କେନ୍ଦ୍ରୀୟ ଟିମ୍ ପୁରୀ ଜିଲ୍ଲା ଗସ୍ତରେ ଯାଇ ସ୍ଥିତି ସମୀକ୍ଷା କରିଥିଲେ । ବାର୍ଡ ଫ୍ଲୁ ସଂକ୍ରମିତ ଅଞ୍ଚଳର ଏକ କିଲୋମିଟର ପରିଧି ଭିତରେ ଥିବା ବ୍ୟକ୍ତି ବିଶେଷମାନଙ୍କୁ କୁକୁଡା ମାଂସ ନଖାଇବାକୁ ପରାମର୍ଶ ଦେଇଥିଲେ ଟିମ୍ ସଦସ୍ୟ । ବାର୍ଡ ଫ୍ଲୁ ବ୍ୟାପିଥିବାରୁ ପୁରୀ ଜିଲ୍ଲାର ବିଭିନ୍ନ ସ୍ଥାନରେ ପ୍ରାୟ ୩୦ ହଜାରରୁ ଅଧିକ କୁକୁଡ଼ାଙ୍କ ମୃତ୍ୟୁ ହୋଇଛି। ଅନ୍ୟପଟରେ କୁକୁଡ଼ା ବାବଦକୁ ଅନେକ ବ୍ୟବସାୟୀ ଏବେ କ୍ଷତିପୂରଣ ଦାବି କରୁଥିବା ବେଳେ ଫିସରି ଆଣ୍ଡ ଆନିମାଲ୍ସ ରିସର୍ଚ୍ଚ ଡେଭଲପମେଣ୍ଟ'ର ଯୁଗ୍ମ ନିର୍ଦ୍ଦେଶକ ହିମାଂଶୁ ବେହେରା କିନ୍ତୁ ସମସ୍ତଙ୍କୁ କ୍ଷତିପୂରଣ ଦିଆଯାଇଛି ବୋଲି କହିଛନ୍ତି।

## ଟ୍ୱିନ୍ ସିଟି କ୍ରାଇମ୍

# ଧରାପଡ଼ିଲା ନାବାଳକ ଚୋର ; ସୁନା ରଖି ବନ୍ଧା ହେଲେ

**ଭୁବନେଶ୍ୱର, ୧୪।୯(ସଂଚାର ବ୍ୟୁରୋ):** ବୟସ ମାତ୍ର ୧୬ ବର୍ଷ। ସଉକ କିନ୍ତୁ ଚୋରି କରିବା। ଚୋରି କରିବା ପାଇଁ ନାବାଳକ ଜଣଙ୍କ ସ୍ଥାନ କାଳ ପାତ୍ର ଦେଖି ନଥାଏ। ରାସ୍ତାରେ ବୁଲି ବୁଲି ହେଉ କିମ୍ବା ବସରେ ଗୋଟାଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଆସିବା ବେଳେ। ଯେଉଁଠି ସୁଯୋଗ ମିଳି, ଆଉ ଘର ଖୋଲାଥିବା ଦେଖେ ତୁରନ୍ତ ଉକ୍ତ ଘରେ ପଶି କଳାକନା ବୁଲାଇ ଆସେ ନାବାଳକ ଚୋର ଜଣଙ୍କ। ଏଭଳି ଜଣେ ନାବାଳକ ଚୋରକୁ ଭରତପୁର ଥାନା ପୁଲିସ ଗିରଫ କରିଛି। ଗିରଫ ନାବାଳକର ଘର ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଅଞ୍ଚଳରେ ବୋଲି ଜୋନ ଏସିପି ତାପସ ପ୍ରଧାନ ଶନିବାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ତେବେ ଏହି ମାମଲାରେ ନାବାଳକ ଠାରୁ ଚୋରି ସାମଗ୍ରୀ ରଖିବା ମହଙ୍ଗା ପଡ଼ିଛି ତାହାର ମା' ଏବଂ ଦୁଇ ମାଉସୀଙ୍କ କ୍ଷେତ୍ରରେ। ଏହି ୩ ଜଣଙ୍କ ସମେତ ମୋଟ ୫ ଜଣଙ୍କୁ ଗିରଫ କରିଛି ଭରତପୁର ଥାନା ପୁଲିସ। ଏଥିସହ ନାବାଳକ ଜଣଙ୍କୁ ମଧ୍ୟ ଆଇନ ଅନୁଯାୟୀ ଜୁଭେନାଇଲ କୋର୍ଟରେ ହାଜର କରାଯାଇଛି। ଗିରଫ ଅଭିଯୁକ୍ତମାନଙ୍କ ଠାରୁ ପୁଲିସ ୧୭ ଗ୍ରାମର ହୀରା, ୨୫୦ ଗ୍ରାମର ସୁନା ଅଳଙ୍କାର, ୧୯୦ ଗ୍ରାମର ରୂପା, ଗୋଟାଏ ଟିଭି, ୪ଟି ଲାପଟପ ଓ ୩ଟି ମୋବାଇଲ ଫୋନ ଭଳି ଲକ୍ଷାଧିକ ମୂଲ୍ୟର ସାମଗ୍ରୀକୁ ଜବତ କରିଛି ପୁଲିସ। ଏହି ମାମଲାରେ ପୁଲିସ ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗରର ମଞ୍ଜୁ ଡାକୁଆ (୪୦), ଆଶା ଡାକୁଆ (୩୨), ମିଟିକା ଡାକୁଆ (୩୬), ଗଜପତି ଜିଲ୍ଲା ଉଦୟଗିରିର ଲିକୁ ଶବର (୨୮) ଓ ପୁରୀ ଜିଲ୍ଲା କୋଣାର୍କ ଥାନା ଅଞ୍ଚଳର ଲକ୍ଷ୍ମଣ କୁମାର ପରିଡ଼ା (୩୨)କୁ ପୁଲିସ ଗିରଫ କରିଛି। ଗିରଫ ନାବାଳକ ଜଣଙ୍କ ଏସମସ୍ତ ଜିନିଷ ଚୋରି କରିଥିବା ଜୋନ ଏସିପି ତାପସ କହିଛନ୍ତି। ଏସିପିଙ୍କ କହିବାନୁଯାୟୀ, ତାପସ ଦିନ ସମୟରେ ଭରତପୁର ଥାନା ସମେତ ରାଜଧାନୀ ଏପରିକି ରାଜ୍ୟର ଅନ୍ୟ କୌଣସି ବି ଜିଲ୍ଲାକୁ ଗଲେ ଚାଲିଚାଲି ବୁଲାବୁଲି କରିଥାଏ।

# ଛାଇ ଗଲେଣି ଆପାର୍ଟମେଣ୍ଟ ଲୁଟେରା ଗ୍ୟାଙ୍ଗ୍

**ଭୁବନେଶ୍ୱର, ୧୪।୯(ସଂଚାର ବ୍ୟୁରୋ):** ଗତ ଅଗଷ୍ଟ ମାସରେ ରାଜଧାନୀର ବିଭିନ୍ନ ଥାନା ଅଞ୍ଚଳର ଘର ଓ ଆପାର୍ଟମେଣ୍ଟ ମାନଙ୍କରୁ ପ୍ରାୟ ୧ କୋଟି ଟଙ୍କାର ସୁନା, ରୂପା, ଦାମି ସାମଗ୍ରୀ ଲୁଟ୍ କରିଥିବା ବେଳେ ତାହାର ୨ ଦିନ ପରେ ଅବା ଅଗଷ୍ଟ ଗତ ୧୭ ତାରିଖ ରାତିରେ ବଡ଼ଗଡ଼ ଥାନା ଅଧିନ ବିଜେବି ନିଗର କ୍ୱାଟର ନମ୍ବର-୩ ଆର/୧୫ରେ ରହୁଥିବା ଜଜ୍‌ଙ୍କ ଘରୁ ବୁଲିଥିଲା କଳାକନା। ଏନେଇ କମିଶନରେଟ୍ ପୁଲିସର ନିଦ ହଜିବା ସହ ଡିସିପି ଆକ୍ଟିଭ୍ ମୋଡରେ ଆସିଥିଲେ। ପରେ ବିଭିନ୍ନ ଥାନା ଅଞ୍ଚଳରେ ହୋଇଥିବା ଲୁଟ୍ ଗୁଡ଼ିକୁ ପଛରେ ପକାଇ ଲାଗିପଡ଼ିଥିଲେ ଜଜ୍‌ଙ୍କ ଘରୁ ହୋଇଥିବା ଲୁଟ୍ କରିଥିବା ଲୁଟେରାଙ୍କ ପଛରେ। ୪୮ ଘଣ୍ଟା ଭିତରେ ଅଭିଯୁକ୍ତଙ୍କୁ ନ ଧରିଲେ ନିଜ ଉପରକୁ ବିପଦ ଆସିବା ଭୟରେ ଡ଼ିସିପିଙ୍କ କଡ଼ା ନିର୍ଦ୍ଦେଶ କ୍ରମେ ବଡ଼ଗଡ଼ ଥାନାର ଅଧିକାରୀ, ସମସ୍ତ ଅଫିସର ଓ ଜୋନ୍- ୪ ଏସିପି ଦିନ ରାତି ଏକ କରି ୩ ଜଣ ନାବାଳକ ଲୁଟେରା ଓ ୭ ଜଣ ଲୁଟେରାଙ୍କୁ ଧରିବା ସହ ସେମାନଙ୍କ ଠାରୁ ସମସ୍ତ ଚୋରି ଅଳଙ୍କାର ଓ ସାମଗ୍ରୀ ଜବତ କରାଯାଇଥିବା ଜୋନ୍-୪ ଏସିପି ମାନସ କୁମାର ଦେଓ ଗଣମାଧ୍ୟମ ଆଗରେ ସୂଚନା ଦେଇଥିଲେ। ଏହାର କିଛି ଦିନ ପରେ ପୁଣି ଗତ ୩ ଦିନ ହେବ ରାଜଧାନୀ ଓ ରାଜଧାନୀ ଉପକଣ୍ଠରେ ଛାଇ ଗଲେଣି ଆପାର୍ଟମେଣ୍ଟ ଲୁଟେରା ଗ୍ୟାଙ୍ଗ୍। ଆଖି ପିଛୁଳାକେ ଘରେ ପଶି ନେଇଯାଉଛନ୍ତି ଲକ୍ଷ ଲକ୍ଷ ଟଙ୍କାର ସୁନା, ରୂପା ଅଳଙ୍କାର ସହ ଟଙ୍କା। ହେଲେ ଲୁଟେରାଙ୍କ ଟେର ପାଇପାରୁନାହିଁ ପୁଲିସ। ଯାହାକୁ ନେଇ ଲୋକଙ୍କ ଭିତରେ ଅସନ୍ତୁଷ୍ଟ ଦେଖାଯିବା ସହ ଲୋକେ ଆନ୍ଦୋଳନକୁ ବି ଓହ୍ଲାଇବା ଦେଖାଯାଇଛି।

# ଆଇନ୍ ଛାତ୍ରଛାତ୍ରୀଙ୍କ ଗ୍ରାଜୁଏସନ୍ କାର୍ଯ୍ୟକ୍ରମ

**ଭୁବନେଶ୍ୱର, ୧୪।୯(ସଂଚାର ବ୍ୟୁରୋ):** ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ସୋଆ ନ୍ୟାସ୍‌ନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲ (ସ୍ନିଲ୍)ରୁ ଆଇନ୍ ପାଠ୍ୟକ୍ରମରେ ଶିକ୍ଷା ସମାପ୍ତ କରିଥିବା ୨୦୧୯ -୨୪ ବ୍ୟାଚର ବିଏ ଏଲ୍‌ଏଲ୍‌ବି (ଅନର୍ସ), ବିବିଏ ଏଲ୍‌ଏଲ୍‌ବି (ଅନର୍ସ), ୨୦୨୧-୨୪ ବ୍ୟାଚର ଏଲ୍‌ଏଲ୍‌ବି (ଅନର୍ସ) ଏବଂ ୨୦୨୩-୨୪ ବ୍ୟାଚର କର୍ପୋରେଟ୍ ଲ ଏବଂ କ୍ରିମିନାଲ୍ ଲ'ରେ ସ୍ୱତନ୍ତ୍ର ଜ୍ଞାନ ଆହରଣ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଶନିବାର ସ୍ନିଲ୍ କ୍ୟାମ୍ପସ୍‌ରେ ଆୟୋଜିତ ଗ୍ରାଜୁଏସନ୍ କାର୍ଯ୍ୟକ୍ରମରେ ଡିଗ୍ରୀ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଛାତ୍ରଛାତ୍ରୀମାନଙ୍କୁ ଡିଗ୍ରୀ ପ୍ରଦାନ କରିଥିଲେ। ଏହି ଉତ୍ସବରେ କୁଳପତି ପ୍ରଫେସର ନନ୍ଦ ଛାତ୍ରଛାତ୍ରୀମାନଙ୍କୁ ଶପଥ ପାଠ କରାଇବା ସହ ସେମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ।

# ପଞ୍ଜୀକରଣ ପାଇଁ ଟଙ୍କା ନେଇ ଜନସେବା କେନ୍ଦ୍ର ପରିଚାଳକ ଗିରଫ




**ବଲାଙ୍ଗୀର, ୧୪।୯(ସଂଚାର ବ୍ୟୁରୋ):** ବଲାଙ୍ଗିର ଜିଲ୍ଲାରେ ସୁଭଦ୍ରା' ଫର୍ମ ପୂରଣ ପାଇଁ ମହିଳାଙ୍କଠାରୁ ଟଙ୍କା ନେଇ ଧରାପଡ଼ିଛନ୍ତି ଜନସେବା କେନ୍ଦ୍ର ମ୍ୟାନେଜର। ଟିଟିଲାଗଡ଼ ଥାନା ପୁଲିସ୍ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। 'ସୁଭଦ୍ରା' ଯୋଜନ ଫର୍ମ ଆବେଦନ ସମ୍ପୂର୍ଣ୍ଣ ମାଗଣା ରହିଛି। ଏହା ସତ୍ତ୍ୱେ ଟିଟିଲାଗଡ ମନିଗାଁରେ ଥିବା ଜନସେବା କେନ୍ଦ୍ରର କର୍ମଚାରୀ ଆକାଶ ସାହୁ ଆବେଦନ ପାଇଁ ଜଣାକୁ ୧୩୦ ଟଙ୍କା ଲେଖାଏଁ ନେଉଥିଲେ। ଏନେଇ ଟିଟିଲାଗଡ଼ ବିଡିଓ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଭିତ୍ତିରେ ପୁଲିସ ମାମଲା ରୁଜୁ କରି ଆକାଶକୁ ଗିରଫ କରିଥିଲା। 'ସୁଭଦ୍ରା' ଯୋଜନା ଫର୍ମ ପୂରଣ ପାଇଁ ସେ ଟଙ୍କା ନେଉଥିବା ପୁଲିସ୍ ପାଖରେ ସ୍ୱୀକାର କରିଛି। ଏନେଇ ସୂଚନା ଦେଇଛନ୍ତି ଟିଟିଲାଗଡ ଏସଡିପିଓ ଅଙ୍କିତା କୁମ୍ବାର। ଏସ୍‌ଡିପିଓଙ୍କ କହିବା ଅନୁସାରେ ପ୍ରାଥମିକ ତଦନ୍ତରୁ ଆକାଶ ସମ୍ପୃକ୍ତ ଥିବା ଜଣାପଡ଼ିଛି। ଏବେ ମଧ୍ୟ ଘଟଣାର ତଦନ୍ତ ଚାଲିଛି। ଏହି ମାମଲାରେ ଆଉ ଯେଉଁମାନଙ୍କ ସମ୍ପୃକ୍ତି ଥିବ, ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ଡିପିଓ କହିଛନ୍ତି।

# ମଦୁଆ ପିଉଛନ୍ତି ୧୧୫ କୋଟି ପାଉଚ୍ ମଦ

**ଭୁବନେଶ୍ୱର, ୧୪।୯:** ମଦୁଆମାନଙ୍କ ଚାହିଦା ମେଣ୍ଟାଇବାପାଇଁ ସରକାର ଲାଇସେନ୍ସପ୍ରାପ୍ତ ଦୋକାନମାନଙ୍କ ଜରିଆରେ ବର୍ଷକୁ ପାଖପାଖି ୧୧୫ କୋଟି ପାଉଚ୍ ଦେଶୀମଦ ଓଡ଼ିଶାରେ ଯୋଗାଯାଉଛି। ଏହି ପରିମାଣ ବିଗତବର୍ଷମାନଙ୍କ ତୁଳନାରେ ବଢ଼ି ବଢ଼ି ଚାଲିଛି। ସରକାରୀ ତଥ୍ୟ ମୁତାବକ କେବଳ ୨୦୨୩-୨୪ ବର୍ଷରେ ୧୧୪, ୯୨, ୧୬, ୫୧୫ ଟି ପାଉଚ୍‌ରେ ଦେଶୀମଦ ବିକ୍ରୟ ହୋଇଛି। ପ୍ରତି ପାଉଚ୍‌ରେ ୨୦୦ ମିଲିଲିଟର କରି ଦେଶୀମଦ ରଖାଯାଉଛି। କେବଳ ଗତବର୍ଷରେ ରାଜ୍ୟର ୨୨ଟି ଜିଲ୍ଲାରେ ୧୬, ୪୧, ୭୩୮ କୁଇଣ୍ଟାଲ ମହୁଆଫୁଲ ମଦ ତିଆରିପାଇଁ ବ୍ୟବହୃତ ହୋଇଛି। ଏହି ବର୍ଷରେ ୨୨, ୯୮, ୪୩, ୩୦୩ ବିୟର ଲିଟର ଦେଶୀମଦ ଉତ୍ପାଦନ କରାଯାଇଥିଲା। ଏହାଛଡା ଆଉ ୬, ୮୯, ୫୨, ୯୯୧ ଲଣ୍ଡନପ୍ରୁଫ୍ ଲିଟର ଦେଶୀମଦ ବି ଆମ ରାଜ୍ୟରେ ଉତ୍ପାଦିତ ହୋଇଥିବା ସରକାରୀ ତଥ୍ୟରୁ ଜଣାପଡ଼ିଛି। ବରଗଡ଼ ଭଳି ଛୋଟିଆ ଜିଲ୍ଲାରେ ସର୍ବାଧିକ ୧୬, ୮୯, ୬୫, ୩୦୦ ପାଉଚ୍ ଦେଶୀମଦ ବିକ୍ରୟ କରାଯାଇଥିବାବେଳେ କଳାହାଣ୍ଡିରେ ୧୨ଲକ୍ଷରୁ ଅଧିକ, ବଲାଙ୍ଗିରରେ ସାଢେ ୧୧ଲକ୍ଷ, ସମ୍ବଲପୁରରେ ୮.୭୦ଲକ୍ଷ, ଗଞ୍ଜାମରେ ୯.୩୯ଲକ୍ଷ, ଅନୁଗୁଳରେ ପାଖାପାଖି ୯ଲକ୍ଷ ପାଉଚ୍ ଦେଶୀମଦ ଯୋଗାଯାଇଛି। ରାଜ୍ୟରେ ମଦ ବନ୍ଦ କରିବାପାଇଁ କୌଣସି ଯୋଜନା ସରକାରଙ୍କର ନାହିଁ ବୋଲି ସଦ୍ୟ ସମାପ୍ତ ବିଧାନସଭା ଅଧିବେଶନକାଳରେ କୁହାଯାଇଛି। ବିହାର ଓ ଗୁଜୁରାଟରେ ସମ୍ପୂର୍ଣ୍ଣ ମଦ ବନ୍ଦ କରାଯାଇଥିବାବେଳେ ଓଡ଼ିଶାର ସୀମାନ୍ତବର୍ତ୍ତୀ ରାଜ୍ୟ ପଶ୍ଚିମବଙ୍ଗ, ଆନ୍ଧ୍ର, ଛତିଶଗଡ଼, ତେଲେଙ୍ଗାନା ଓ ଝାଡଖଣ୍ଡ ଆଦିରେ ସମ୍ପୂର୍ଣ୍ଣ ମଦ ବନ୍ଦହୋଇ ନଥିବାରୁ ସେସବୁ ରାଜ୍ୟରୁ ଚୋରା, ବେଆଇନ୍ ଓ ବିନା ଟିକସ ପଇଠରେ ଓଡ଼ିଶାକୁ ବେଆଇନ୍ ମଦ ଓ ମାଦକଦ୍ରବ୍ୟ ଆସିବାର ଆଶଙ୍କା ରହିଛି। ଏବେ ରାଜ୍ୟରେ ୧୫୮ଟି ଦେଶୀମଦ, ୧୦୩୦ଟି ବିଦେଶୀ ଠିପିବନ୍ଦ ମଦଦୋକାନ, ୧୫୧ଟି ବିଦେଶୀ ଠିପିଖୋଲା ମଦଦୋକାନ, ୪୮୯ଟି ମହୁଲି ଭାଟି ମଦଦୋକାନ ରହିଛି। ରାଜ୍ୟରେ ଥିବା ୧୭ଟି ଡ୍ୟାନ୍ସବାର୍‌ର ଏବର୍ଷ ନବୀକରଣ କରାଯାଇ ନାହିଁ। ୨୦୨୩-୨୪ ଆର୍ଥିକ ବର୍ଷରେ ମଦରୁ ବାର୍ଷିକ ୭୨୧୬ କୋଟି ଟଙ୍କା ରାଜସ୍ୱ ମିଳିଥିବାବେଳେ ଚଳିତ ଆର୍ଥିକ ବର୍ଷର ଗତମାସ ସୁଦ୍ଧା ଏଥିରୁ ୨୭୪୨ କୋଟି ଟଙ୍କା ରାଜସ୍ୱ ମିଳିଛି। (ତଥ୍ୟ)



ଜୀବନ ଅମୃତ ଅନୁଚିନ୍ତା

ବ୍ରହ୍ମଯୋଗୀ - ମୁଁ ଏପରି ଜଣେ ବ୍ରହ୍ମଯୋଗୀ , ଯିଏ ନିଜେ ଶୂନ୍ୟ ହୋଇ ତା' ଭକ୍ତଙ୍କୁ ସଦା ପୂର୍ଣ୍ଣତାରେ ଭରିଦିଏ।

SANCHAR
ସଞ୍ଚାର



# ମମତାଙ୍କ ଇସ୍ତଫା ନାଟକ

କୋଲକାତା ଆରଜି କର ମେଡିକାଲ କଲେଜର ଜଣେ ଟ୍ରେନି ମହିଳା ଡାକ୍ତରଙ୍କୁ ଦୁଷ୍କର୍ମ ଏବଂ ହତ୍ୟା ଘଟଣାକୁ ନେଇ ସାରା ଦେଶରେ ଯେଉଁ ପ୍ରତିକ୍ରିୟାର ଝଡ଼ ସୃଷ୍ଟି ହୋଇଥିଲା ତାହା ଥମି ଯାଇଛି। ଏହି ଘଟଣାକୁ ନେଇ ଖୋଦ ରାଷ୍ଟ୍ରପତି ମଧ୍ୟ ଉଦବେଗ ପ୍ରକାଶ କରିଛନ୍ତି ଏବଂ ବହୁତ ହୋଇଗଲା, ଆଉ ନୁହେଁ ବୋଲି କହିଛନ୍ତି। ପୂର୍ବରୁ ଏଭଳି ଘଟଣା ନେଇ ଦେଶର ରାଷ୍ଟ୍ରପତି କେବେ ପ୍ରତିକ୍ରିୟା ପ୍ରକାଶ କରିନଥିଲେ। ଏହାର ପ୍ରତିବାଦରେ ସାରା ଦେଶରେ ଡାକ୍ତରମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଥିଲେ। ସୁପ୍ରିମକୋର୍ଟଙ୍କ ନିଦ୍ଦେଶ ମୁତାବକ ସେମାନେ ଆନ୍ଦୋଳନରୁ ଓହରିଛନ୍ତି। କିନ୍ତୁ ସୁପ୍ରିମକୋର୍ଟଙ୍କ କଡ଼ା ନିର୍ଦ୍ଦେଶ ସତ୍ତ୍ୱେ କୋଲକାତାର ଜୁନିୟର ଡାକ୍ତରମାନେ ଏବେ ବି ସେମାନଙ୍କ ଆନ୍ଦୋଳନ ଜାରି ରଖିଛନ୍ତି। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଆନ୍ଦୋଳନକାରୀ ଡାକ୍ତରଙ୍କୁ ଆଲୋଚନା ପାଇଁ ଡାକିଥିଲେ। ପ୍ରଥମେ ଡାକ୍ତରମାନେ ଏହାକୁ ଅଗ୍ରାହ୍ୟ କରିଥିଲେ। ପରଦିନ ସେମାନେ ଆଲୋଚନା ପାଇଁ ରାଜି ହୋଇଥିଲେ ସତ୍ୟ, ମାତ୍ର ସର୍ତ୍ତ ଥିଲା ଯେ, ଆଲୋଚନା ବୈଠକର ସିଧାପ୍ରସାରଣ ହେବ। କିନ୍ତୁ ସିଧା ପ୍ରସାରଣ ପ୍ରସ୍ତାବକୁ ମମତା ଅଗ୍ରାହ୍ୟ କଲେ। ମାମଲା ଏବେ କୋର୍ଟରେ ଥିବାରୁ ଏହା ସମ୍ଭବ ନୁହେଁ ବୋଲି ମମତା କହିଥିଲେ। ଫଳରେ ଆଲୋଚନା ବୈଠକ ପାଇଁ ଦ୍ୱିତୀୟ ପର୍ଯ୍ୟାୟ ଉଦ୍ୟମ ମଧ୍ୟ ବିଫଳ ହେଲା। ଏହି ପରିପ୍ରେକ୍ଷୀରେ ମମତା କହିଛନ୍ତି ଯେ, ସମସ୍ୟାର ସମାଧାନ ନିମନ୍ତେ ସ ଇସ୍ତଫା ଦେବାକୁ ପ୍ରସ୍ତୁତ। ଆନ୍ଦୋଳନକାରୀ ଡାକ୍ତରମାନେ ଏହାକୁ ହସରେ ଉଡାଇ ଦେଇଛନ୍ତି ଏବଂ ସେମାନେ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି ନୁହେଁ, ସେମାନଙ୍କ ଦାବି ପୂରଣ ଅର୍ଥାତ ଡାକ୍ତରଙ୍କ ସୁକ୍ଷା, ଆର ଜି କର ମେଡିକାଲ ଛାତ୍ରୀଙ୍କ ହତ୍ୟା ଘଟଣାର ଉଚିତ ତଦନ୍ତ ଏବଂ କାର୍ଯ୍ୟାନୁଷ୍ଠାନ ଦାବି କରୁଛନ୍ତି। ଇତିମଧ୍ୟରେ ମମତା ଧାରଣାରେ ବସିଥିବା ଡାକ୍ତରଙ୍କୁ ଭେଟିଛନ୍ତି ଏବଂ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରତିଶ୍ରୁତି ଦେବା ସହିତ ଏଥିଲାଗି ତାଙ୍କୁ ଟିକେ ସମୟ ଦେବାକୁ ଅନୁରୋଧ କରିଛନ୍ତି। ଗୋଟିଏ ବାକ୍ୟରେ କହିଲେ ମମତା ଆନ୍ଦୋଳନକାରୀ ଡାକ୍ତରଙ୍କ ଆଗରେ ମୁଣ୍ଡ ନୁଆଁଇଛନ୍ତି। ଏହା ଆନ୍ଦୋଳନକାରୀ ଡାକ୍ତରଙ୍କ ନୈତିକ ବିଜୟ। ଆରଜି କର ମେଡିକାଲ କଲେଜର ଦୁଷ୍କର୍ମ ଏବଂ ହତ୍ୟା ଘଟଣାର ତଦନ୍ତ କରୁଥିବା ସିବିଆଇ ସ୍ପଷ୍ଟ କରିସାରିଛି ଯେ, ଏହା ଗଣଦୁଷ୍କର୍ମ ନୁହେଁ, ଜଣେ ବ୍ୟକ୍ତି ଏଭଳି କାମ କରିଛନ୍ତି। ତାଙ୍କୁ ଗିରଫ କରାଯାଇଛି। ସେ ହେଲେ ସଞ୍ଜୟ ରାୟ। ଏବେ ସେ ସିବିଆଇ ହେପାଜତରେ ଅଛନ୍ତି। ତାଙ୍କ ବୟାନ ରେକର୍ଡ କରାଯାଇଛି। ପଲିଗ୍ରାଫିକ ଟେଷ୍ଟ କରାଯାଇଛି। ଅଧିକ ତଦନ୍ତ ଚାଲିଛି। ଶୀଘ୍ର ଚାର୍ଜସିଟ ଦାଖଲ ହେବ। ସୁପ୍ରିମକୋର୍ଟ ମଧ୍ୟ ସିବିଆଇକୁ ଶୀଘ୍ର ତଦନ୍ତ ସାରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୁକ୍ତ ପ୍ରତି କୋର୍ଟ ନିଶ୍ଚିତ ଭାବେ କଠୋର ଦଣ୍ଡବିଧାନ କରିବେ ଏଥିରେ ସନ୍ଦେହ ନାହିଁ। ଏହା ସହିତ ଆର ଜି କର ମେଡିକାଲ କଲେଜର ତତ୍କାଳୀନ ଅଧ୍ୟକ୍ଷ ଡାକ୍ତର ସନ୍ଦୀପ ଘୋଷଙ୍କୁ ମଧ୍ୟ ସିବିଆଇ ଗିରଫ କରିଛି। ତାଙ୍କ ବିରୋଧରେ ଗୁରୁତର ଦୁର୍ନୀତି ଅଭିଯୋଗ ଆସିଛି। ତେବେ ମୂଳ ଘଟଣା ନେଇ ଅନେକ ରହସ୍ୟ ଏବେ ବି ଅନ୍ଧାରରେ ରହିଛି। ଆରଜି କର ମେଡିକାଲ କଲେଜର ଛାତ୍ରୀଙ୍କୁ ଦୁଷ୍କର୍ମ ଏବଂ ହତ୍ୟା ଘଟଣାକୁ କିଏ କାହିଁକି ପ୍ରଥମେ ଆତ୍ମହତ୍ୟା ରୂପ ଦେବାକୁ ଚେଷ୍ଟା କରିଥିଲା, ପୋଲିସକୁ କାହିଁକି ବିଳମ୍ବରେ ସୂଚନା ଦିଆଗଲା, କାହିଁକି ପୋଲିସ ବହୁ ବିଳମ୍ବରେ ଏଫଆଇଆର ଦାଖଲ କଲା, ପ୍ରମାଣ ନଷ୍ଟ କରିବାକୁ କିଏ ଉଦ୍ୟମ କରିଥିଲା, ଘଟଣା ସ୍ଥଳରୁ ପୋଲିସ ଜବତ କରିଥିବା ବିଭିନ୍ନ ସାମଗ୍ରୀର ତାଲିକା କୁଆଡ଼େ ଗଲା ଏଭଳି ଅନେକ ପ୍ରଶ୍ନ ଏବେ ବି ଅସମାହିତ। ଏହାର ଉତ୍ତର ମିଳିବା ଜରୁରୀ। ଘଟଣାରେ ପୋଲିସର ଅବହେଳା ଜଳଜଳ ଦେଖାଯାଉଛି। କିନ୍ତୁ ରାଜ୍ୟ ସରକାର ଜଣେ ହେଲେ ପୋଲିସ ଅଧିକାରୀଙ୍କ ବିରୋଧରେ ଆଜି ପର୍ଯ୍ୟନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନାହାଁନ୍ତି। ଆନ୍ଦୋଳନକାରୀ ଜୁନିୟର ଡାକ୍ତରମାନେ ଏହା ହିଁ ପ୍ରଶ୍ନ କରିଛନ୍ତି। ଏହାର ଜବାବ ନଦେଇ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଇସ୍ତଫା ଦେବାକୁ ପ୍ରସ୍ତୁତ ବୋଲି କହିବା ହାସ୍ୟାସ୍ପଦ। ଏହି ଘଟଣା ପରେ ମମତା ନୈତିକତା ଦୃଷ୍ଟିରୁ ଇସ୍ତଫା ଦେବା ଉଚିତ। କିନ୍ତୁ ସେ ହେଉଛନ୍ତି ଟିଏମସିର ସୁପ୍ରିମୋ। ଇସ୍ତଫା ଦେବାକୁ ସେ କାହାରିଠାରୁ ଅନୁମତି ନେବାର ଆବଶ୍ୟକତା ନାହିଁ। ତେଣୁ ସେ ଯେତେବେଳେ ଚାହିଁବେ ଇସ୍ତଫା ଦେଇପାରିବେ ତେବେ ସେ ଇସ୍ତଫା ପ୍ରସ୍ତାବ କାହାକୁ କାହିଁକି ଦେଉଛନ୍ତି? ଏହା ଏକ ପ୍ରକାରେ ନାଟକବାଜି ଛଡ଼ା ଅନ୍ୟ କିଛି ନୁହେଁ। ଯଦି ମୂଳରୁ ସେ ଘଟଣାର ସିବିଆଇ ତଦନ୍ତ ଲାଗି ସୁପାରିସ କରିବା ସହ ସମ୍ପୃକ୍ତ ପୋଲିସ ଅଧିକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥାଆନ୍ତେ ତେବେ ଆଜି କଥା ଏ ପର୍ଯ୍ୟନ୍ତ ଯାଇନଥାନ୍ତା। ଯଦି ସେ ମୂଳରୁ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥାଆନ୍ତେ ତେବେ ଆଜି ପର୍ଯ୍ୟନ୍ତ ଜୁନିୟର ଡାକ୍ତରଙ୍କ ଆନ୍ଦୋଳନ ଚାଲିନଥାନ୍ତା। ଅଭିଯୋଗ ହୋଇଛି ଯେ, ଡାକ୍ତର ସନ୍ଦିପ ଘୋଷ ମେଡିକାଲ କଲେଜରେ ସେକ୍ସ ର୍‌ୟାକେଟ୍ ଚଳାଇଥିଲେ, ଅଙ୍ଗ ତସ୍କରିରେ ସମ୍ପୃକ୍ତ ଥିଲେ। ସିବିଆଇ ଏହାର ତଦନ୍ତ କରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଚିତ। ମମତା ବାନାର୍ଜୀ ଏବେ ଚାପରେ ଅଛନ୍ତି। ସବୁ ମହଲରେ ତାଙ୍କୁ ନିନ୍ଦା କରାଯାଉଛି। ମମତା କଥା ଛଳରେ ହାଥରସ, ଉନ୍ନାଓ ଏବଂ ଦେଶର ଅନ୍ୟ ସ୍ଥାନରେ ହେଉଥିବା ଦୁଷ୍କର୍ମ ଏବଂ ହତ୍ୟା ଘଟଣା, ଅତୀତରେ ବାମପନ୍ଥୀ ଶାସନ କାଳରେ ପଶ୍ଚିମବଙ୍ଗରେ କିପରି ହତ୍ୟା ଏବଂ ଦୁଷ୍କର୍ମ ହେଉଥିଲା ସେ ସମ୍ପର୍କରେ ତଥ୍ୟ ରଖି ଏସବୁ ଘଟଣାକୁ କାହିଁକି ଗୁରୁତ୍ୱ ଦିଆଯାଉନଥିବା ପ୍ରଶ୍ନ କରିଛନ୍ତି। ଏହା ନିହାତି ଅବାନ୍ତର। ଏକଥା ସତ୍ୟ ଯେ, ଦେଶର ପ୍ରତି କୋଣ ଅନୁକୋଣରେ ଏଭଳି ଜଘନ୍ୟ ହତ୍ୟା ଏବଂ ଦୁଷ୍କର୍ମ ଘଟଣା ଘଟୁଛି। ନିକଟରେ ମହାରାଷ୍ଟ୍ର, ଆସାମ, ୟୁପି, ବିହାର ଆଦି ରାଜ୍ୟରେ ଏଭଳି ଅନେକ ଘଟଣା ଘଟିଛି। ଅନେକ ସ୍ଥାନରେ ମହିଳା ବା ନାବାଳିକାଙ୍କୁ ଦୁଷ୍କର୍ମ ସହ ହତ୍ୟା କରାଯାଇଛି। ଏସବୁ ନିନ୍ଦନୀୟ ଏବଂ ସମ୍ପୃକ୍ତ ଅପରାଧୀଙ୍କ ପ୍ରତି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ। କିନ୍ତୁ ସବୁ ଆଡ଼େ ଏମିତି ହେଉଛି, ତେଣୁ କୋଲକାତା ଘଟଣାକୁ କାହିଁକି ଏତେ ଗୁରୁତ୍ୱ ଦିଆଯାଉଛି ବୋଲି ପ୍ରଶ୍ନ କରିବା ମମତାଙ୍କ ଭଳି ଜଣେ ବରିଷ୍ଠ ନେତ୍ରୀଙ୍କ ମୁହଁରେ ଶୋଭା ପାଉନି। ଅନ୍ୟ ରାଜ୍ୟରେ ଦୁଷ୍କର୍ମ ଏବଂ ହତ୍ୟା ହେଉଛି ବୋଲି ଏଠାରେ ବି ହେବ ଏବଂ ଏହା କ୍ଷମଣୀୟ ତାହା ଅତି ଦାୟିତ୍ୱହୀନ ମନ୍ତବ୍ୟ। ଏଭଳି ବିଚାରଧାରା ଗ୍ରହଣୀୟ ନୁହେଁ। ମମତା ଜଣେ ଅଭିଜ୍ଞ ଏବଂ ଜାତୀୟ ସ୍ତରର ନେତ୍ରୀ। ତାଙ୍କୁ ପ୍ରଧାନମନ୍ତ୍ରୀ ପଦ ପାଇଁ ଦାବିଦାର ବୋଲି କୁହାଯାଉଛି। ଏଭଳି ପରିସ୍ଥିତିରେ ସେ ଏଭଳି ଦାୟିତ୍ୱହୀନ ମନ୍ତବ୍ୟ ଦେବା ଏବଂ ଇସ୍ତଫା ନାଟକ କରିବା ଶୋଭନୀୟ ନୁହେଁ। ତାଙ୍କ ଇସ୍ତଫା ଦ୍ୱାରା କୌଣସି ସମସ୍ୟାର ସମାଧାନ ହୋଇପାରିବ ନାହିଁ। ଜନତା ତାଙ୍କୁ ଯେଉଁ ଗୁରୁଦାୟିତ୍ୱ ପ୍ରଦାନ କରିଛନ୍ତି ସେ ତାହାକୁ ସୁଚାରୁରୂପେ ସମ୍ପାଦନ କରିବା ଉଚିତ। ଇସ୍ତଫା ଦେଇ ମୁଣ୍ଡରୁ ଦାୟିତ୍ୱ ଓହ୍ଲାଇଦେବା ଅନୁଚିତ। ସମସ୍ୟାର ସମାଧାନ ନିମନ୍ତେ ସରକାର ବା ମୁଖ୍ୟମନ୍ତ୍ରୀ ପରିବର୍ତ୍ତନ ନୁହେଁ, ବ୍ୟବସ୍ଥାର ପରିବର୍ତ୍ତନ ଆବଶ୍ୟକ। ମମତା ଜଣେ ଆଦର୍ଶ ମୁଖ୍ୟମନ୍ତ୍ରୀ ଭାବେ ନିଜ ଦାୟିତ୍ୱ ସମ୍ପାଦନ କରି ଦେଶରେ ଉଦାହରଣ ସୃଷ୍ଟି କରିବେ ବୋଲି ଆଶା କରାଯାଉଛି। ଇସ୍ତଫା ନାଟକର କୌଣସି ଯଥାର୍ଥତା ବା ଆବଶ୍ୟକତା ନାହିଁ।

## ସମ୍ପାଦକଙ୍କୁ ପତ୍ର

### ସରକାରୀ ଛୁଟି ହ୍ରାସ କରାଯାଉ

**ମହାଶୟ,**

ଆମ ଭିତରୁ ଅନେକ ଏଥିପାଇଁ ସରକାରୀ ଚାକିରୀ ପ୍ରତି ଅଧିକ ଆଗ୍ରହ ପ୍ରକାଶ କରନ୍ତି ଏଥିପାଇଁ ଯେ ଏଥିରେ କାକେମ କରିବାକୁ ପଡ଼େ, ଅଧିକ ଦରମା ଏବଂ ଛୁଟି ମିଳେ। ଏବେ ପାର୍ବଣ ଋତୁ ଚାଲିଛି। ସେଥିରେ ପ୍ରତି ସପ୍ତାହରେ ରବିବାର ବ୍ୟତିତ ଅନ୍ୟ ଛୁଟି ମଧ୍ୟ ରହୁଛି। ମାସର ଦ୍ୱିତୀୟ ଶନିବାର ଛୁଟି ମଧ୍ୟ ରହୁଛି। ଗୋଟିଏ ମାସରେ ୭ରୁ ୮ଦିନ ଛୁଟି। ବାକି ୨୨ ଦିନରୁ ଅଫିସର, କର୍ମଚାରୀମାନେ ଛୁଟିରେ ରହୁଛନ୍ତି। ତେଣୁ ଅନେକ ସାଧାରଣ ବ୍ୟକ୍ତି କୌଣସି କାମରେ ସରକାରୀ ଅଫିସକୁ ଗଲେ ଅନେକ ସମୟରେ ନିରଶ ହୋଇ ଫେରିବାକୁ ପଡୁଛି। ଯାହା ପାଖରେ କାମ , ସେ ଛୁଟିରେ ଥିବେ ଅଥବା ସିଟର ନଥିବେ। ଅନେକ ସମୟରେ ଦିନ ୧୧ଟା ବେଳକୁ କର୍ମଚାରୀ ଅଫିସକୁ ଆସିନଥିବେ। ଗୋଟିଏ ବାକ୍ୟରେ କହିଲେ ରାଜ୍ୟରେ ବା ସାରା ଦେଶରେ କର୍ମ ସଂସ୍କୃତି ନାହିଁ। ଏହା ଆମ ଦେଶ ବିକାଶ ପଥରେ ଏକ ବଡ଼ ପ୍ରତିବନ୍ଧକ। ଏଥିପାଇଁ ସପ୍ତାହକୁ ୨ଦିନ ଛୁଟି ରହୁ। ବାକି ୫ଦିନ କିନ୍ତୁ ପୁରା ଦମରେ କାମ ହେଉ। ଦିନ ୧୦ଟାରୁ ୫ଟା କାମରେ କେବେ ବିରାମ ନଲାଗୁ।

**ସୂର୍ଯ୍ୟ ପ୍ରକାଶ ବେହେରା, ପୁରୁଣା ଷ୍ଟେସନ ବଜାର, କଟକ**

# ପୋର୍ଟବ୍ଲେୟାରରୁ ଶ୍ରୀ ବିଜୟପୁରମ୍
# ମାନସିକ ଦାସତ୍ୱରୁ ମୁକ୍ତି ଆଡ଼କୁ ଆଉ ପାଦେ



**ଡ. ସମନ୍ୱୟ ନନ୍ଦ**



କୌଣସି ସହର କିମ୍ବା ସ୍ଥାନ କିମ୍ବା ପ୍ରତୀକର ନାମ ଆପେ ଆପେ ପରିବର୍ତ୍ତିତ ହୋଇ ନ ଥାଏ। କୌଣସି ବିଦେଶୀ ଆକ୍ରମଣକାରୀଙ୍କ ଦ୍ୱାରା ହିଂସ୍ର ଆକ୍ରମଣ ଓ ଲମ୍ବା ସମୟ ଧରି ଶାସନ ପରେ ବିଦେଶୀ ସଂସ୍କୃତିର ଆଧିପତ୍ୟକୁ ଦର୍ଶାଇବାକୁ ଯାଇ ଆକ୍ରମଣକାରୀ ମାନେ ସହର କିମ୍ବା ସ୍ଥାନ ଅଥବା ପ୍ରତୀକର ନାମକୁ ସେମାନେ ପରିବର୍ତ୍ତନ କରିଥାନ୍ତି।

ତେଣୁ ସ୍ୱାଭବିକ ଭାବେ ଆକ୍ରମଣକାରୀ ମାନଙ୍କ ତାଙ୍କର ଆଧିପତ୍ୟକୁ ଦର୍ଶାଇବାକୁ ଯାଇ ସେମାନେ ଦେଇଥିବା ନାମ ଗୁଡିକୁ ପରିବର୍ତ୍ତିତ କରିବା କୌଣସି ସମାଜ ପ୍ରତି କରାଯାଇଥିବା ଐତିହାସିକ ଅନ୍ୟାୟର ପ୍ରତିକାର ମାତ୍ର। କୌଣସି ସ୍ୱାଭିମାନୀ ଓ ବଳଶାଳୀ ସମାଜ ଦାସତ୍ୱର ପ୍ରତୀକ ଏହି ନାମ ଗୁଡିକୁ କେବେ ହେଲେ ବରଦାସ୍ତ କରି ପାରିବ ନାହିଁ, କିମ୍ବା କରିବା ଉଚିତ ମଧ୍ୟ ନୁହେଁ।

ସହର କିମ୍ବା ସ୍ଥାନ କିମ୍ବା ପ୍ରତୀକ ମାନଙ୍କର ନାମକୁ ଆକ୍ରମଣକାରୀମାନଙ୍କ ଦ୍ୱାରା ପ୍ରଦତ୍ତ ନାମରୁ ପରିବର୍ତ୍ତନ କରି ପୁରୁଣା ନାମ ପ୍ରଦାନ କରିବା ଅଳ୍ପକାଳୀନ ଦୃଷ୍ଟିରୁ ଉପଯୋଗୀ ଭଳି ଲାଗି ନ ପରେ କିନ୍ତୁ ଦୀର୍ଘକାଳୀନ ଦୃଷ୍ଟିରୁ ଏହା ଆକ୍ରମଣର ଶୀକାର ହୋଇଥିବା ଦେଶର ଲୋକ ମାନଙ୍କୁ ମାନସିକ ଦାସତ୍ୱରୁ ମୁକ୍ତ କରିବାରେ ସହାୟକ ହୋଇଥାଏ।

ଏବେ ନରେନ୍ଦ୍ର ମୋଦୀଙ୍କ ସରକାର ତାଙ୍କର ତୃତୀୟ କାର୍ଯ୍ୟକାଳରେ ଅଣ୍ଡାମାନ ନିକୋବର ଦ୍ୱୀପପୁଂଜର ରାଜଧାନୀ ପୋର୍ଟ ବ୍ଲେୟାରର ନାମକୁ ପରିବର୍ତ୍ତନ କରି ଏହାକୁ ଶ୍ରୀବିଜୟପୁରମ କରିଛନ୍ତି। କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ଏହି ନାମ ପରିବର୍ତ୍ତନ ସମ୍ପର୍କରେ ସୂଚନା ଦେଇ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ ଏହାର କାରଣ ସମ୍ପର୍କରେ ସ୍ପଷ୍ଟ କରିଛନ୍ତି। ସେ କହିଛନ୍ତି ଯେ "ଦେଶରେ ଗୋଲାମୀର ପ୍ରତୀକ ଗୁଡିକ ଗୁଡିକରୁ ମୁକ୍ତି ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସଂକଳ୍ପରେ ପ୍ରେରଣା ଲାଭ କରି ଗୃହ ମନ୍ତ୍ରଣାଳୟ ପୋର୍ଟ ବ୍ଲେୟାରର ନାମ ବଦଳାଇ ଶ୍ରୀବିଜୟପୁରମ କରିବାକୁ ନିଷ୍ପତି ନେଉଛି। ଶ୍ରୀ ବିଜୟପୁରମର ନାମ ଆମର ସ୍ୱାଧୀନତା ସଂଘର୍ଷ ଓ ଏଥିରେ ଅଣ୍ଡାମାନ ନିକୋବରର ଯୋଗଦାନକୁ ଦର୍ଶାଉଛି। ଏହି ଦ୍ୱୀପର ଆମ ଦେଶର ସ୍ୱାଧୀନତା ଓ ଇତିହାସରେ ଅଦ୍ୱିତୀୟ ସ୍ଥାନ ରହିଛି। ଚୋଳ ସାମ୍ରାଜ୍ୟରେ ନୌସେନାର ଅଡ୍ଡାର ଭୂମିକା ଗ୍ରହଣ କରିଥିବା ଏହି ଦ୍ୱୀପ ଆଜି ଦେଶର ସୁରକ୍ଷା ଓ ବିକାଶକୁ ଗତି ଦେବା ପାଇଁ ସମ୍ପୂର୍ଣ୍ଣ ରୂପେ ପ୍ରସ୍ତୁତ।"

ଅଣ୍ଡାମାନର ରାଜଧାନୀର ନାମ କରଣ ଅଷ୍ଟାଦଶ ଶତାବ୍ଦୀରେ ଜଣେ ଗୋରା ନାଭାଲ ଅଧିକାରୀ ଲେଫ୍ଟିନେଂଟ ଆର୍କିବାଲ୍ଡ ବ୍ଲେୟାରଙ୍କ ନାମରେ କରାଯାଇଥିଲା। ହେଲେ ମୋଦୀ ସରକାର ପରିବର୍ତ୍ତନ କରିଥିବା ଏହି ନୂଆ ନାମ ଭାରତୀୟ ସ୍ୱାଧୀନତା ସଂଗ୍ରାମର ଏହି ସହରର ଭୂମିକାକୁ ରେଖାଙ୍କିତ କରୁଛି।

ଲେଫ୍ଟିନେଂଟ ଆର୍କିବାଲ୍ଡ ବ୍ଲେୟାର ଅଷ୍ଟାଦଶ ଶତାବ୍ଦୀରେ ବ୍ରିଟିଶ ନେଭିରେ କାର୍ଯ୍ୟରତ ଥିଲେ ଓ ଅଣ୍ଡାମାନ ନିକୋବର ଦ୍ୱୀପ ପୁଂଜରେ ଗୋରା ମାନଙ୍କର ଉପନିବେଶକୁ ଦୃଢ କରିବାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା। ସେତେବେଳେ ଯାଏ ଏହି ଅଞ୍ଚଳ ବିଷୟରେ କାହାକୁ ବିଶେଷ ଭାବେ ଜଣା ନ ଥିଲା। ବ୍ଲେୟାର ଏହି ଅଞ୍ଚଳର ସର୍ଭେ କରିବା ସହ ଏଠାରେ ପ୍ରଶାସନ ସ୍ଥାପିତ କରିବାରେ ବଡ ଭୂମିକା ଗ୍ରହଣ କରିଥିଲେ। ଅଣ୍ଡାମାନ ନିକୋବର ଦ୍ୱୀପ ପୁଂଜ ଏହି କ୍ଷେତ୍ର ଉପରେ ନିୟନ୍ତ୍ରଣ ପାଇଁ ଇଂରେଜ ମାନଙ୍କ ପାଇଁ ରଣନୈତିକ ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା। ଇଂରେଜ ମାନଙ୍କର ଏହି ଔପନିବେଶିକ କାର୍ଯ୍ୟରେ ସହାୟତା କରିଥିବାରୁ ସେମାନେ ତାଙ୍କୁ ସମ୍ମାନ ଜଣାଇ ଏହି ସହରର ନାମ ପୋର୍ଟ ବ୍ଲେୟାର କରିଥିଲେ।

ହେଲେ ଏହି ଆଣ୍ଡାମାନ ନିକୋବର ଦ୍ୱୀପପୁଂଜର ଭାରତର ସ୍ୱାଧୀନତା ସଂଗ୍ରାମରେ ଏକ ଅନନ୍ୟ ସ୍ଥାନ ରହିଛି। ନେତାଜୀ ସୁଭାଷ ଚନ୍ଦ୍ର ବୋଷ ପ୍ରଥମେ ଏହି ମାଟିରେ ଭାରତର ସ୍ୱାଧୀନତାର ଧ୍ୱଜା ଉତୋଳନ କରିଥିଲେ। ସେହିପରି ମହାନ ବିପ୍ଳବୀ ସ୍ୱାତନ୍ତ୍ରବୀର ସାବରକର ଏଠାରେ ଥିବା ସେଲୁଲାର ଜେଲରେ କଳାପାଣି ଦଣ୍ଡ ଭୋଗିଲା ବେଳେ ଅନେକ ବର୍ଷ ବିତାଇଥିଲେ।

ଅଣ୍ଡାମାନ ଓ ନିକୋବର ଦ୍ୱୀପପୁଂଜର ଇତିହାସ କେବଳ ଯେ ଭାରତୀୟ ସ୍ୱତନ୍ତ୍ରତା ସଂଗ୍ରାମ ସହ ଜଡିତ ତାହା ନୁହେଁ ବରଂ ଏହି ଦ୍ୱୀପ ଦକ୍ଷିଣ ଭାରତର ଚୋଳ ସାମ୍ରାଜ୍ୟ ସମୟରେ ଏକ ଗୁରୁତ୍ୱପୂର୍ଣ୍ଣ ନୌସୈନିକ ଆଡ୍ଡା ଭାବେ ରହିଥିଲା। ଚୋଳ ସାମ୍ରାଜ୍ୟ ସମୟରେ ଏହି ଦ୍ୱୀପ ଭାରତର ସାମୁଦ୍ରିକ ବାଣିଜ୍ୟ ଓ ସୈନ୍ୟ ରଣନୀତି ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର ଥିଲା। ଐତିହାସିକ ମାନଙ୍କ ମତରେ ଚୋଳ ରାଜା ମାନଙ୍କର ନୌସେନା ଏଠାରୁ ଦୂର - ଦୂର ପର୍ଯ୍ୟନ୍ତ ସାମୁଦ୍ରିକ ଅଭିଯାନ ଚଳାଉଥିଲେ। ଏହି ଦ୍ୱୀପର ଭୌଗଳିକ ସ୍ଥିତି କାରଣରୁ ଭାରତ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ମାର୍ଗ ଓ ସୈନ୍ୟ ଅଡ୍ଡା ଭାବେ ରହି ଆସିଥିଲା। କେବଳ ଏତିକି ନୁହେଁ ଆଜି ମଧ୍ୟ ଏହି ଆଣ୍ଡାମାନ ନିକୋବର ଦ୍ୱୀପପୁଂଜ ଭାରତୀୟ ସେନା ଓ ନୌସେନା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ରଣନୈତିକ କେନ୍ଦ୍ର ହୋଇଛି।

ଏହା ପୂର୍ବରୁ ମଧ୍ୟ ମାନସିକ ଗୋଲାମୀରୁ ମୁକ୍ତି ପାଇଁ ମୋଦୀ ସରକାର ୨୦୧୮ ମସିହାରେ ରୋସ ଦ୍ୱୀପର ନାମକୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଦ୍ୱୀପ, ନିଲ ଦ୍ୱୀପକୁ ଶହୀଦ ଦ୍ୱୀପ ଓ ହେବଲକ ଦ୍ୱୀପକୁ ସ୍ୱରାଜ ଦ୍ୱୀପ ଭାବେ ନାମିତ କରିଥିଲେ। ଏହା ପରେ ୨୦୨୩ ମସିହାରେ ପରାକ୍ରମ ଦିବସ ଅବସରରେ ପ୍ରଧାନମନ୍ତ୍ର ମୋଦୀ ଏହି ଦ୍ୱୀପପୁଂଜର ୨୧ଟି ଦ୍ୱୀପର ନାମ ପରମବୀର ଚକ୍ର ବିଜେତା ମାନଙ୍କର ନାମରେ ନାମିତ କରିଥିଲେ। ତେଣୁ ମୋଦୀ ସରକାର ମାନସିକ ଦାସତ୍ୱରୁ ମୁକ୍ତି ପାଇଁ ଆରମ୍ଭ କରିଥିବା ଏହି ପ୍ରକ୍ରିୟାକୁ ନିରନ୍ତର ଜାରୀ ରଖିଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶର ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ପଞ୍ଚ ପ୍ରଣ ପାଇଁ ଆହ୍ୱାନ ଦେଇଥିଲେ। ଏଥି ମଧ୍ୟରୁ ଗୋଟିଏ ଥିଲା ଗୋଲାମୀର ପ୍ରତୀକ ଓ ମାନସିକତାରୁ ମୁକ୍ତି। ପ୍ରଧାନମନ୍ତ୍ରୀଙ୍କ ଏହି ଆହ୍ୱାନର କ୍ରମରେ ପୋର୍ଟବ୍ଲେୟାରର ନାମ ପରିବର୍ତ୍ତନ କରାଯାଇ ଏହାର ନାମ ଶ୍ରୀବିଜୟପୁରମ କରାଯାଇଛି। ଏହି ଗୋଟିଏ ପଦକ୍ଷେପ ଦ୍ୱାରା ଅନେକ ବାର୍ତ୍ତା ଗୋଟିଏ ଥରରେ ଦିଆଯାଇଛି। ଦାସତ୍ୱର ପ୍ରତୀକ ଭାବେ ନାମକରଣ କରାଯାଇଥିବା ଇଂରେଜ ନୌସେନା ଅଧିକାରୀ ବ୍ଲେୟରର ନାମକୁ ପୋଛି ଭାରତର ପ୍ରାଚୀନ ଇତିହାସରୁ ଚୋଳ ରାଜା ମାନଙ୍କର ବୀରତ୍ୱ ଠାରୁ ଆରମ୍ଭ କରି ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ଦେଶର ସ୍ୱାଧୀନତା ପାଇଁ ଅକଥନୀୟ ଅତ୍ୟାଚାର ସହନ କରି ସେଲୁଲାର ଜେଲରେ କଳାପାଣି ଦଣ୍ଡ ପାଇଥିବା ସ୍ୱାତନ୍ତ୍ର୍ୟବୀର ବିନାୟକ ଦାମୋଦର ସାବରକର ଓ ଅନ୍ୟ ସ୍ୱାଧୀନତା ସଂଗ୍ରାମୀ ମାନଙ୍କୁ ସ୍ମରଣ କରାଇ ଶ୍ରୀବିଜୟପୁରମ ଭାବେ ନାମିତ କରାଯାଇଛି। ଏହି କାର୍ଯ୍ୟ ଖୁବ ପୂର୍ବରୁ ହେବାର ଥିଲା। ବିଳମ୍ବରେ ହେଲେ ସୁଦ୍ଧା ଏହା ସ୍ୱାଗତଯୋଗ୍ୟ। ଭାରତ ସରକାରଙ୍କର ଏହି ନିଷ୍ପତି ଦେଶକୁ ମାନସିକ ଗୋଲାମୀରୁ ମୁକ୍ତ କରିବା ଦିଗରେ ଅଗ୍ରସର କରାଇବ, ଏଥିରେ ତିଳେ ହେଲେ ସନ୍ଦେହ କାହା ମନରେ ରହିବା ଉଚିତ ନୁହେଁ। ଏଭଳି ଅନେକ କାମ ଅଛି ଯାହାକୁ ଖୁବ ଶୀଘ୍ର ଆଗାମୀ ଦିନରେ କରିବାର ଆବଶ୍ୟକତା ରହିଛି। ଭାରତ ସରକାରଙ୍କ ଏହି ନିଷ୍ପତି ଗୋରା ଇଂରେଜ ମାନଙ୍କୁ କଷ୍ଟ ଦେଉ ନ ଥିବ, ହେଲେ ମାନସିକ ଦାସତ୍ୱର ଶୀକାର ଥିବା ଭାରତୀୟ ମାନଙ୍କ ମନରେ ନିଶ୍ଚିତ ଭାବେ କଷ୍ଟ ଦେଉଥିବ ଏଥିରେ ସନ୍ଦେହ ନାହିଁ। ଏହାର ପ୍ରତିଫଳନ ମଧ୍ୟ କିଛି ଦିନ ମଧ୍ୟରେ ଦେଖିବାକୁ ମିଳିପାରେ।

# ଆତଙ୍କବାଦୀଙ୍କ ଭୂସ୍ୱର୍ଗ: ଏବେ କାନାଡା ଓ ପାକିସ୍ତାନ

**ଆଶୁତୋଷ ନାୟକ**

ଏକବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ସମଗ୍ର ବିଶ୍ୱ ଯେଉଁ ଏକ ଭୟଙ୍କର ସମସ୍ୟାରେ ଜର୍ଜରିତ ତାହା ହେଉଛି ଆତଙ୍କବାଦ। ନୈତିକତା ଓ ମାନବିକତାଶୂନ୍ଯ କେତେକ ,ବିଶୃଙ୍ଖଳିତ ପଥଭ୍ରଷ୍ଟ ,ଅଧର୍ମୀ,ଅତ୍ୟାଚାରୀ ଉଦ୍‌ଭ୍ରାନ୍ତ ବ୍ଯକ୍ତିଙ୍କର ରଗ୍ଣ ଏବଂ ବର୍ବର ମାନସିକତା ପ୍ରସୁତ ପୈଶାଚିକ ଆଚରଣ ହିଁ ଆତଙ୍କବାଦ। ନିରୀହ ଲୋକଙ୍କୁ ଆକ୍ରମଣ କରି ସେମାନଙ୍କୁ ଭୟଭୀତ କରିବା ସେମାନଙ୍କ ମୁଖ୍ଯ ଲକ୍ଷ୍ଯ। ସଂଘଟିତ ହତ୍ଯା, ଲୁଣ୍ଠନ, ଯାତ୍ରୀବାହୀ ବିମାନ ଅପହରଣ ଓ ବିସ୍ଫୋରଣ ଘଟାଇ ସାମାଜିକ ଧନଜୀବନ କ୍ଷତିସାଧନ ତାଙ୍କର ମୂଳଲକ୍ଷ୍ୟ। ଏକବିଂଶ ଶତାବ୍ଦୀରେ ସମଗ୍ର ବିଶ୍ୱ ପାଇଁ ଆତଙ୍କବାଦ ଏକ ଗମ୍ଭୀର ସମସ୍ୟା ଭାବେ ଦଣ୍ଡାୟମାନ। ବର୍ତ୍ତମାନ ପରିସ୍ଥିତିରେ ବିଶ୍ୱର ସମସ୍ତ ରାଷ୍ଟ୍ରଗୁଡ଼ିକ ନିଜର ରାଜନୈତିକ ମହତ୍ୱାକାଙ୍କ୍ଷାରୁ ଉପରକୁ ଉଠି ସୁଚିନ୍ତିତ ରଣନୀତି ପ୍ରସ୍ତୁତ କରି ଆତଙ୍କବାଦୀଙ୍କର ବଂଶ ନିପାତ କରିବା ପାଇଁ ତତ୍ପରତା ପ୍ରକାଶ କରିବା ନିହାତି ଆବଶ୍ଯକ। କିଛି ରାଜନୈତିକ ସଂକୀର୍ଣ୍ଣ ଧର୍ମାନ୍ଧ ଅମାନବୀୟ ଅଭିପ୍ରାୟ ନେଇ ପାକିସ୍ତାନ ଓ କାନାଡା ଭଳି କିଛି ରାଷ୍ଟ୍ର ଆତଙ୍କବାଦୀଙ୍କର ହର୍ତ୍ତାକର୍ତ୍ତା ଦୈବ ବିଧାତା ସାଜିଛନ୍ତି। ଆତଙ୍କବାଦୀ ସଂଗଠନ ମାନଙ୍କୁ ଆର୍ଥିକ ସହାୟତା ଚୀନ୍,ପାକିସ୍ତାନ, ଆମେରିକା ପରି ରାଷ୍ଟ୍ର ବାରମ୍ବାର କରୁଛନ୍ତି। ଏହି ଉଗ୍ରବାଦୀ ସଂଗଠନମାନଙ୍କୁ ସଶକ୍ତ କରିବାରେ ସେମାନେ ପ୍ରତ୍ୟକ୍ଷ ଓ ପରୋକ୍ଷରେ ସମସ୍ତ ସହାୟତା ଯୋଗାଇ ଦେଉଛନ୍ତି

ଭାରତ ବିରୋଧୀ ଷଡ଼ଯନ୍ତ୍ରରେ ସାମିଲ୍ ଥିବା କିଛି ଦୁର୍ଦ୍ଦାନ୍ତ ଆତଙ୍କବାଦୀମାନେ ଚୀନ୍, ପାକିସ୍ତାନ, ତୁର୍କୀ,କାନାଡା ଭଳି ରାଷ୍ଟ୍ରରେ ନିର୍ବିଘ୍ନରେ ଆତ୍ମଗୋପନ କରୁଥିବାର ପ୍ରମାଣ ମିଳେ। ଆତଙ୍କବାଦୀଙ୍କୁ ସୁରକ୍ଷା ଓ ପ୍ରୋତ୍ସାହନ ଦେବା ଅର୍ଥ ନିଜେ ବିପଦକୁ ଡାକି ଆଣିବା। ସେଥିପାଇଁ ଅତିବଡ଼ି ଜଗନ୍ନାଥ ଦାସଙ୍କ ଓଡ଼ିଆ ଭାଗବତରେ ଲିଖିତ " ଆପଣା ହସ୍ତେ ଜିହ୍ୱା ଛେଦି, କେ ଅଛି ତାର ପ୍ରତିବାଦୀ " ?

ଆତଙ୍କବାଦ ଏକ ପନ୍ଥା ଯଦ୍ଦ୍ୱାରା ଏକ ସଂଘଟିତ ଗୋଷ୍ଠୀ ନିଜର ଲକ୍ଷ୍ଯ ମୁଖ୍ଯତଃ ହିଂସ୍ର ପଦ୍ଧତି ଅବଲମ୍ବନ କରି ଚରିତାର୍ଥ କରନ୍ତି। ଜଣେ ଚୀନ୍ ଦାର୍ଶନିକଙ୍କ ମତରେ ଆତଙ୍କବାଦର ମୁଖ୍ଯ ଲକ୍ଷ୍ଯ ହେଉଛି ଜଣକୁ ହତ୍ଯା କରି ଅନେକ ଲୋକଙ୍କୁ ଭୟଭୀତ କରାଇବା। ସାମାଜିକ ଓ ସାମ୍ପ୍ରଦାୟିକ ସମନ୍ୱୟକୁ କେନ୍ଦ୍ର କରି ସେମାନେ ଜନସାଧାରଣଙ୍କ ମଧ୍ଯରେ ହିଂସାର ବାତାବରଣ ରୂପ ଦେଉଛନ୍ତି। ସଂକୀର୍ଣ୍ଣ ସ୍ୱାର୍ଥ ନିମନ୍ତେ ଏମାନେ ଭୟ ଓ ଆତଙ୍କ ମାଧ୍ଯମରେ ସମାଜରେ ଅରାଜକତା ସୃଷ୍ଟି କରୁଛନ୍ତି ତଥା ଶିଳ୍ପ ଓ ବାଣିଜ୍ଯର ପ୍ରଗତିରେ ବାଧକ ସାଜୁଛନ୍ତି। ଏହା ସହିତ ସୂଚନା ଓ ପ୍ରଯୁକ୍ତି ଉଦ୍ୟୋଗକୁ ମଧ୍ୟ ସେମାନେ ଦୁର୍ବଳ କରିଦେଉଛନ୍ତି।

ଉଗ୍ରପନ୍ଥୀ ମାନେ ଆମ ଦେଶର ଆର୍ଥିକ ରାଜଧାନୀ , ପ୍ରମୁଖ ବାଣିଜ୍ଯ ପେଣ୍ଠସ୍ଥଳୀ, ବିମାନ ବନ୍ଦର, ରେଳଷ୍ଟେସନ, ରେଳପଥ, ବିଭିନ୍ନ ରାଜନୈତିକ ବ୍ୟକ୍ତି ଓ ପ୍ରତିଷ୍ଠିତ ବ୍ୟବସାୟୀମାନଙ୍କୁ ଆକ୍ରମଣ କରି ଭୟାବହ ପରିସ୍ଥିତି ସୃଷ୍ଟି କରୁଛନ୍ତି। ସେମାନଙ୍କର ଲକ୍ଷ୍ଯ ହାସଲ ନିମନ୍ତେ ସୁଚିନ୍ତିତ ଷଡ଼ଯନ୍ତ୍ର କରୁଛନ୍ତି ଭାରତ ବିରୁଦ୍ଧରେ। ବିଭିନ୍ନ ସଂଗଠନମାନ ଗଢ଼ି ନିଜର ଅନୈତିକ ଦାବି ଉପସ୍ଥାପନ କରି ସରକାର ଉପରେ ଚାପ ପ୍ରୟୋଗ କରୁଛନ୍ତି। ନିଜର ସଂକୀର୍ଣ୍ଣ ସ୍ୱାର୍ଥ ହାସଲ ପାଇଁ ସେମାନେ ଅସଂଖ୍ଯ ଜନସାଧାରଣଙ୍କୁ ମୃତ୍ୟୁର କରାଳ ଗ୍ରାସ ମଧ୍ୟକୁ ଟାଣି ନେଉଛନ୍ତି। ପ୍ରଚୁର ଅର୍ଥ ଲାଳସା ଓ ନିଶାଦ୍ରବ୍ୟର ଅଧୀନ ହୋଇ ସେମାନେ ଜନଗହଳିପୂର୍ଣ୍ଣ ଅଂଚଳ ଯେପରି ରେଳଷ୍ଟେସନ, ବିମାନବନ୍ଦର, ମାର୍କେଟ କଂପ୍ଲେକ୍ସ ରେ ବିସ୍ଫୋରଣ ଘଟାଇ ଅନେକ ଧନଜୀବନ ନଷ୍ଟ କରୁଛନ୍ତି।

ଭାରତ ସରକାରଙ୍କ ପ୍ରତିରକ୍ଷା ରାଜ୍ଯ ମନ୍ତ୍ରୀ ଅଜୟ ଭଟ୍ଟ ରାଜ୍ଯସଭାରେ ଦେଇଥିବା ମନ୍ତବ୍ୟ ଅନୁସାରେ ସମୁଦାୟ ୫୬୦୧ ଥର ପାକିସ୍ତାନ ଅସ୍ତ୍ର ବିରତି ଚୁକ୍ତି ଉଲଙ୍ଘନ ( ୩୦ ନଭେମ୍ବର ୨୦୧୯ ରୁ ୨୯ ନଭେମ୍ବର ୨୦୨୧ ) ମଧ୍ଯରେ କରିଛି। ପାକିସ୍ତାନର ସଂଗଠିତ ହୋଇଥିବା ଆତଙ୍କୀ ସଂଗଠନ 'ଜୈସ୍-ଏ-ମହମ୍ମଦ' ୨୦୧୬ ମସିହାର ଉରୀ ଅତର୍କିତ ଆକ୍ରମଣ ପାଇଁ ଦାୟୀ। ସେଥିପାଇଁ ଆମଦେଶର ୧୯ଜଣ ଲଢୁଆ ସେନାନୀ ଆତ୍ମ ବଳିଦାନ ଦେଇଥିଲେ। ସେହିପରି ୧୯୯୯ ମସିହାରେ କାରଗିଲ୍ ଯୁଦ୍ଧରେ ଭାରତ ସରକାରଙ୍କ ସରକାରୀ ହିସାବ ମୁତାବକ ୫୨୭ ଜଣ ସହୀଦ୍ ଏବଂ ୧୩୬୩ ଜଣ ଗମ୍ଭୀର ଆହତ ହୋଇଥିଲେ।

ବିଭିନ୍ନ ଜାତୀୟ, ଆନ୍ତର୍ଜାତୀୟ ଗଣମାଧ୍ୟମର ତଥ୍ଯ ମୁତାବକ ୨୦୧୪ମସିହାରେ ୮୬୦ଥର , ୨୦୧୫ ରେ ରେ ୮୮୪ଥର , ୨୦୧୬ରେ ୧୦୨୫ଥର ଓ ୨୦୧୭ମସିହାରେ ୯୬୬ଥର ଅନୁପ୍ରବେଶ ହୋଇଥିଲା। ଆମଦେଶର ସଂଘଟିତ ସମସ୍ତ ଆତଙ୍କୀ ହମଲାରେ ପାକିସ୍ତାନର ପ୍ରତ୍ୟକ୍ଷ-ପରୋକ୍ଷ ସଂପରକ୍ତି ରହିଆସିଛି। ସେମାନଙ୍କର ଅଭ୍ୟାସଗତ ମନ୍ଦ ଉଦ୍ଦେଶ୍ଯ ଚରିତାର୍ଥ କରିବା ନିମନ୍ତେ ଭାରତରେ ଏବେବି କିଛି ସ୍ଲିପରସେଲ୍ ଶୁପ୍ତାବସ୍ଥାରେ ଅଛନ୍ତି। ୨୬/୧୧ ମୁମ୍ବାଇ ଘଟଣା ଏହାର ଜ୍ୱଳନ୍ତ ଉଦାହରଣ। ଏହାଥିଲା ତତ୍ ସମୟର ଲୋମହର୍ଷକ ଘଟଣା ଯେଉଁଥିରେ ଏଟିଏସ୍ର ମୁଖ୍ଯଙ୍କ ସମେତ ୧୭୫ରୁ ଉର୍ଦ୍ଧ୍ୱ ଲୋକେ ପ୍ରାଣ ହରାଇଥିଲେ ଓ ୩୦୮ଜଣ ଆହତ ହୋଇଥିଲେ। ପାକିସ୍ତାନର ପ୍ରରୋଚନାରେ ଆତଙ୍କୀ ସଂଗଠନ ଲସ୍କର୍-ଏ-ତୋଇବା ଦ୍ୱାରା ପ୍ରେରିତ ୧୦ ଜଣ ଦୁର୍ଦ୍ଧାନ୍ତ ଆତଙ୍କବାଦୀ ଏହି ନାରକୀୟ କାଣ୍ଡ ଘଟାଇଥିଲେ।

ସମସ୍ତ ଆତଙ୍କବାଦୀ ସଂଗଠନକୁ ପାକ୍ ସର୍ବଦା ଭାରତ ବିରୁଦ୍ଧରେ ଉପଯୋଗ କରେ ଏବଂ ନିଜର ସମସ୍ତ ଶକ୍ତି ସାମର୍ଥ୍ଯ, ଅର୍ଥ ଆତଙ୍କବାଦୀ ସଂଗଠନକୁ ଗଢ଼ିବା, ବଢ଼ିବା ଓ ତାଲିମ୍ ଦେବାରେ ବିନିଯୋଗ କରେ। ଯାହାଫଳରେ ସେମାନେ ଭାରତରେ ଧ୍ୱଂସର ତାଣ୍ଡବ ଲୀଳା ରଚାଇ ପାରିବେ।ଗତ କିଛି ବର୍ଷ ମଧ୍ଯରେ ପାକିସ୍ତାନ ଦ୍ୱାରା ପ୍ରେରିତ ଉଗ୍ରବାଦୀମାନେ ଭାରତୀୟ ସେନା ସହ ସମ୍ମୁଖ ଲଢେଇରେ ବିପୁଳ କ୍ଷୟକ୍ଷତିର ସମ୍ମୁଖୀନ ହେଉଛନ୍ତି ତେଣୁ ସେମାନେ ସେନାକୁ ପଛପଟୁ ଆକ୍ରମଣ କରୁଛନ୍ତି। ଆତଙ୍କବାଦୀମାନଙ୍କୁ ଏହା ଭଲ ଭାବରେ ଜଣା ସମ୍ମୁଖ ଯୁଦ୍ଧରେ ଭାରତୀୟ ଯବାନମାନଙ୍କର ସମ୍ମୁଖୀନ ହେବା ତାଙ୍କ ପକ୍ଷରେ ଅସମ୍ଭବ ସେଥିପାଇଁ ସେମାନେ ଭୀରୁ କାପୁରୁଷ ଭଳି ଶୀତଳ ଯୁଦ୍ଧର ସାହାରା ନେଉଛନ୍ତି।

ଭାରତ ସରକାରଙ୍କ ତଥ୍ୟ ଅନୁସାରେ ୧୯୭୦ ରୁ ୨୦୧୫ ମଧ୍ୟରେଭାରତରେ ୯୯୮୨ଟି ଆତଙ୍କବାଦୀ ହମଲା ହୋଇଥିବା ବେଳେ ୧୮,୮୪୨ ରୁ ଉର୍ଦ୍ଧ୍ୱ ନିରୀହ ଜନତାଙ୍କ ମୃତ୍ୟୁ ହୋଇଥିଲା। ୨୦୧୬ ଜାନୁଆରୀ ୨ ତାରିଖରେ ପଞ୍ଜାବର ପଠାନକୋଟ୍ ବାୟୁ ସେନା ଶିବିରରେ ଆତଙ୍କବାଦୀ ଅନୁପ୍ରବେଶ ଘଟିଥିଲା। ଏଥିରେ ୫ ଜଣ ସହିଦ୍ ହୋଇଥିଲେ।୨୦୧୬ ସେପ୍ଟେମ୍ବର ୧୮ ରେ କାଶ୍ମୀରର ଉରୀ ରେ ସବୁଠୁ ଭୟାନକ ହମଲା ହୋଇଥିବା ବେଳେ ୧୯ ଜଣ ସହିଦ୍ ହୋଇଥିଲେ। ୨୦୧୯ ଫେବୃଆରୀ ୧୪ ରେ ବିଶ୍ୱ ଭାଲେଣ୍ଟାଇନସ୍ ଦିବସ ପାଳୁଥିବା ବେଳେ ଆମ ଦେଶର ବୀର ଯବାନ୪୨ ଜଣ ସହିଦ୍ ହୋଇଥିଲେ।

ନିଜର ରାଜନୈତିକ ମହତ୍ୱାକାଂକ୍ଷା ଏବଂ କ୍ଷମତା ଲାଳସା ପାଇଁ କାନାଡା ପ୍ରଧାନମନ୍ତ୍ରୀ 'ଜଷ୍ଟିନ୍ ଟ୍ରୁଡୋ' ସମସ୍ତ ଖଲିସ୍ଥାନୀ ଆତଙ୍କବାଦୀ ମାନଙ୍କୁ ସୁରକ୍ଷା ଦେଉଛନ୍ତି ଏବଂ ନିଜ ଦେଶରେ ଭାରତ ବିରୋଧୀ ଖାଲିସ୍ ଆତଙ୍କୀ ମାନଙ୍କୁ ଆତଙ୍କୀ କାର୍ଯ୍ୟକଳାପ କରିବାକୁ ଯଥେଷ୍ଟ ସୁଯୋଗ ଦେଉଛନ୍ତି। କ୍ଷମତା ରାଜନୀତି ପାଇଁ ଜଷ୍ଟିନ୍ ଟ୍ରୁଡୋଙ୍କ ଖଲିସ୍ଥାନୀ ଉଗ୍ରବାଦୀ ମାନଙ୍କ ଭଳି ଅସାମାଜିକ ତତ୍ୱଂକ ହତ୍ଯାରେ ବିଳାପ କରିବା ଅତ୍ଯନ୍ତ ନିନ୍ଦନୀୟ ଘଟଣା। ଖାଲିସ୍ ଦୁର୍ଦାନ୍ତ ଆତଙ୍କୀ ହରଦୀପ ସିଂହ ନିଜାର ହତ୍ଯା ମାମଲାରେ ତାଙ୍କର ଭାରତ ଓ ଭାରତୀୟ କାନାଡ଼ା ନିବାସୀ ବଂଧୁ ମାନଂକ ପ୍ରତି ମନ୍ତବ୍ୟ ତାଂକର ଲୋକପ୍ରିୟତା ସାଂଘାତିକ ଭାବେ ହ୍ରାସ କରୁଛି। ନିକଟରେ ହୋଇଥିବା ଜନମତ ସର୍ଭେ ମୁତାବକ କାନାଡାର ୪୦% ନାଗରିକ ବିରୋଧୀ ଦଳ ନେତା 'ପିୟର୍ ପୋଲିବରେଙ୍କୁ ପ୍ରଧାନମନ୍ତ୍ରୀ ରୂପେ ପସନ୍ଦ କରୁଥିବା ଜଣାପଡିଛି। ଏବେ ନିର୍ବାଚନ ହେଲେ କାନାଡାରେ ପିୟର୍ ପୋଲିବରେଙ୍କୁ ୩୯% ଭୋଟ ମିଳିବ ଏବଂ ଟ୍ରୁଡୋଙ୍କୁ ମାତ୍ର ୩୦% ଭୋଟ ମିଳିବ।ସେହିପରି ଅନ୍ୟ ଏକ ସର୍ଭେରୁ ଜଣାପଡିଛି ଟ୍ରୁଡୋ ହଉଛନ୍ତି ୫୦ବର୍ଷ ମଧ୍ୟରେ ସବୁଠୁ ଖରାପ ଏବଂ ବିଫଳ ପ୍ରଧାନମନ୍ତ୍ରୀ।

ନିକଟରେ ଘଟିଥିବା ଘଟଣାକୁ ଲକ୍ଷ୍ୟ କଲେ ଏହା ପ୍ରତୀୟମାନ ହେଉଛି ଉଭୟ ଆତଙ୍କବାଦକୁ ନେଇ କୁମ୍ଭୀର କାନ୍ଦଣା ନୀତିକୁ ଆପଣେଇଛନ୍ତି ଏବଂ ଦୁମୁହାଁ ନୀତି ଅନୁସରଣ କରୁଛନ୍ତି।ଏହା ତାଙ୍କର ବିଶ୍ୱାସୀନତା ଉପରେ ଗମ୍ଭୀର ପ୍ରଶ୍ନବାଚୀ ସୃଷ୍ଟି କରିଛି। ଖଲିସ୍ତାନୀ ଆତଙ୍କବାଦୀ ହରଦୀପ ସିଂ ନିଜାର ହତ୍ୟା ଉପରେ ଆମେରିକା କାନାଡ଼ାକୁ ଗୁଇନ୍ଦା ତଥ୍ୟ ପ୍ରଦାନ କରିଛି। ଏହି ମାମଲାରେ ଆମେରିକାର ଭୂମିକା ଏବେ ସନ୍ଦେହ ଘେରରେ।

ପାକିସ୍ତାନୀ ଆତଙ୍କବାଦୀ ସଂଗଠନ "ଲସ୍କର-ଏ -ତୋଏବା " ପକ୍ଷରୁ ଜଣେ ଆତଙ୍କବାଦୀକୁ ଡ୍ରୋନ ସାହାଯ୍ୟରେ ପଞ୍ଜାବ ପଠାଯାଇଥିଲା। ଗୁଇନ୍ଦା ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ପାକିସ୍ତାନ ପଟୁ ବିଶେଷ କରି ଜାମ୍ମୁ -କାଶ୍ମୀର, ପଞ୍ଜାବ ରେ ଡ୍ରୋନ ସାହାଯ୍ୟରେ ଡ୍ରଗ୍ସ ଏବଂ ଆତଙ୍କବାଦୀ ଗତିବିଧି ପାଇଁ ଅସ୍ତ୍ରଶସ୍ତ୍ର ପଠାଯାଉଛି । ଏବେ ଟେକ୍ନୋଲୋଜି ଏବଂ ଡ୍ରୋନ ଆଦିର ବ୍ୟବହାର କରି ପ୍ରାକ୍ ଆତଙ୍କବାଦୀ ମାନେ ଭାରତୀୟ ସୀମା ଭିତରେ ଅନୁପ୍ରବେଶ କରିବାକୁ ଉଦ୍ୟମ କରୁଛନ୍ତି। ନିକଟରେ କାଶ୍ମୀର ଅନନ୍ତନାଗରେ ପାକିସ୍ତାନୀ ଆତଙ୍କବାଦୀ ସଂଗଠନ "ଲସ୍କର-ଏ-ତୋଏବା ଦ୍ୱାରା ପ୍ରେରିତ ଆତଙ୍କବାଦୀଙ୍କ ସହିତ ଆମ ଦେଶର ସାହସୀ, ବୀର, ଯବାନମାନଙ୍କର ରକ୍ତାକ୍ତ ସଙ୍ଘର୍ଷ ହେଇଥିଲା। କାଶ୍ମୀରର ଅନନ୍ତନାଗରେ ଆତଙ୍କବାଦୀଙ୍କ ସହ ମୁହାଁମୁହିଁ ବେଳେ ସହିଦ ହୋଇଥିବା ମେଜର ଆଶିଷ ସାହସର ସହିତ ଲଢ଼େଇ କରିଥିଲେ। ଘଞ୍ଚଜଙ୍ଗଲରେ ସେ ଆତଙ୍କବାଦୀଙ୍କ ସହ ମୁହାଁମୁହିଁ ହେଇଥିଲେ। ଆତଙ୍କୀଙ୍କ ଆଖିବୁଜା ଗୁଳିମାଡ଼ ପରେ ମେଜର ଆଶିଷଙ୍କ ଜଙ୍ଘରେ ଗୁଳି ବାଜିଥିଲା। ପ୍ରବଳ ରକ୍ତସ୍ରାବ ହେବା ସତ୍ତ୍ୱେ ଦୀର୍ଘ ୧୦ଘଣ୍ଟା ଧରି ଆତଙ୍କବାଦୀକୁ ନିପାତ ଅଭିଯାନରେ ଲାଗିଥିଲେ। ଶେଷରେ ସେ ସହିଦ୍ ହୋଇଯାଇଥିଲେ।

ପାକିସ୍ତାନ ପ୍ରୟୋଜିତ ଆତଙ୍କବାଦୀମାନଙ୍କ ଦ୍ୱାରା କେବେ ଏ ନରସଂହାର ବନ୍ଦ ହେବ ? ଆତଙ୍କବାଦୀଙ୍କ ବିରୋଧରେ ଭାରତସରକାରଙ୍କୁ ପୁଣିଥରେ ବଡ ସର୍ଜିକାଲ୍ ଷ୍ଟ୍ରାଇକ୍ କରିବାପାଇଁ ପଦକ୍ଷେପ ନେବାକୁ ପଡିବ।ଏଥିପାଇଁ ଭାରତ ସରକାରଙ୍କୁ ଗମ୍ଭୀରତାର ସହ ବିଚାର କରି ସୁଚିନ୍ତିତ ରଣନୀତି ପ୍ରସ୍ତୁତ କରିବାକୁ ପଡିବ। ଆତଙ୍କବାଦୀ ମାନଙ୍କୁ ଦମନ କରିବାରେ ବିଶ୍ୱର ସଫଳତମ ରାଷ୍ଟ୍ର ଇସ୍ରାଏଲ ଠାରୁ ଭାରତ ସରକାର ଶିକ୍ଷା ନେବା ଉଚିତ। କ୍ଷୁଦ୍ର ଦେଶ ହେଲେ ମଧ୍ୟ ଇସ୍ରାଏଲ ସରକାର ଦେଶର ନାଗରିକଙ୍କ ସୁରକ୍ଷା ପାଇଁ ଯେକୌଣସି ପଦେକ୍ଷପ ଗ୍ରହଣ କରିପାରନ୍ତି। ବିଶ୍ୱର ଏକମାତ୍ର ଦେଶ ଇସ୍ରାଏଲ ଯାହାର ସେନା ଦୈନିକ ସର୍ଜିକାଲ ଷ୍ଟ୍ରାଇକ କରନ୍ତି। ହେଲେ ଆମ ଦେଶର ନେତା ନିଜର ରାଜନୈତିକ ସ୍ୱାର୍ଥ ହାସଲ କରିବା ପାଇଁ ବିଭିନ୍ନ ପ୍ରକାର ରଣକୌଶଳ ଆପଣେଇଥାନ୍ତି। ଯାହାଦ୍ୱାରା କି ସହଜ ରେ ଭୋଟ ହାତେଇ ପାରିବେ। ଏହିଭଳି କେତେକ ସୁବିଧାବାଦୀ କ୍ଷମତାପିପାସୁ ରାଜନେତା ମାନେ କ୍ଷମତା ହାସଲ କରିବା ପାଇଁ ଯେକୌଣସି ସ୍ତରକୁ ମଧ୍ୟ ଖସି ଯାଇପାରନ୍ତି। ସମୟ ଆସିଛି ଦଳଗତ ନିର୍ବିଶେଷରେ ପାକିସ୍ତାନ ସ୍ଥିତ ଆତଙ୍କବାଦୀ ଜେସ -ଇ -ମହମ୍ମଦ ଓ ଲସ୍କର -ଇ -ତୋଇବା ଭଳି ସଂଗଠନକୁ ଆନ୍ତର୍ଜାତୀୟ ସ୍ତରରେ ଆତଙ୍କବାଦୀ ଘୋଷଣା କରିବା। ଆତଙ୍କବାଦୀଙ୍କର ହର୍ତ୍ତା କର୍ତ୍ତା ଦୈବ୍ୟ ବିଧାତା ସାଜିଥିବା ପାକିସ୍ତାନକୁ ଆତଙ୍କବାଦୀ ରାଷ୍ଟ୍ର ଘୋଷଣା କରାଯିବାକୁ ଅନ୍ତର୍ଜାତିକ ସ୍ତରରେ ଚାପ ସୃଷ୍ଟି କରାଯାଉ। ସେହି ସବୁ ରାଷ୍ଟ୍ର ମାନଙ୍କ ସହିତ ଆମ ଦେଶର ସମ୍ପର୍କ ଛିନ୍ନ କରିବା ଯେଉଁମାନେ ଆତଙ୍କବାଦୀ ମାନଙ୍କୁ ନିଜ ଦେଶରେ ପ୍ରଶୟ ଦେଉଛନ୍ତି ଏବଂ ଭାରତ ବିରୁଦ୍ଧରେ ନିଜର ଆତଙ୍କରାଜ ଚଳାଇଛନ୍ତି। ଏହାର ଜ୍ୱଳନ୍ତ ଉଦାହରଣ କାନାଡ଼ା, ପାକିସ୍ତାନ,ଚୀନ ଭଳି କିଛି ରାଷ୍ଟ୍ର। ଆମେରିକା ଓ ଚୀନ ପାକିସ୍ତାନକୁ ସାହାଯ୍ୟ କରୁଛନ୍ତି ଭାରତ ବିରୋଧରେ ଆତଙ୍କବାଦୀ ଆକ୍ରମଣ କରିବା ପାଇଁ ସାମରିକ ଓ ଆର୍ଥିକ ସହାୟତା ଯୋଗାଉଛନ୍ତି ଏବଂ ପାକିସ୍ତାନକୁ ଭାରତ ବିରୋଧରେ ଉସୁକାଉଛନ୍ତି। ସେହି ସବୁ ରାଷ୍ଟ୍ର ମାନଙ୍କ ସହିତ ଭାରତ ସମ୍ପର୍କ ଛିନ୍ନ କରିବାରେ ଆବଶ୍ୟକତା ରହିଛି।

ଗୋପାଳପୁର, ବାଲେଶ୍ୱର, ମୋବାଇଲ୍: ୭୦୨୦୬୧୧୩୦୦



# ପ୍ରଧାନମନ୍ତ୍ରୀଙ୍କ ଘରେ ନୂଆ ଅତିଥି 'ଦୀପଜ୍ୟୋତି'

**ନୂଆଦିଲ୍ଲୀ, ୧୪।୯:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ସୋଶାଲ ମିଡିଆରେ ଏକ ଭିଡିଓ ଶେଆର କରିଛନ୍ତି, ଯେଉଁଥିରେ ଦିଲ୍ଲୀର ଲୋକ କଲ୍ୟାଣ ମାର୍ଗରେ ଥିବା ତାଙ୍କ ବାସଭବନରେ ସେ ଏକ ବାଛୁରୀ ସହ ଖେଳୁଥିବା ଦେଖିବାକୁ ମିଳୁଛି। ଏହି ବାଛୁରୀ ସହ ଭିଡିଓ ଶେଆର କରି 'ଦୀପଜ୍ୟୋତି'କୁ ସ୍ୱାଗତ ବୋଲି କ୍ୟାପ୍ସନ ଲେଖିଛନ୍ତି ପ୍ରଧାନମନ୍ତ୍ରୀ। ପ୍ରଧାନମନ୍ତ୍ରୀ ଭିଡିଓ କ୍ୟାପ୍ସନରେ ଆହୁରି ଲେଖିଛନ୍ତି ଯେ, ଆମ ଶାସ୍ତ୍ରରେ କୁହାଯାଇଛି- 'ଗାଇ: ସର୍ବସୁଖ ପ୍ରଦାଃ। ଏଥିସହ ପ୍ରଧାନମନ୍ତ୍ରୀ ବାଛୁରୀର ନାମ ଦୀପଜ୍ୟୋତି ରଖିବାର କାରଣ ଦର୍ଶାଇଛନ୍ତି। ବାଛୁରୀର ମସ୍ତକରେ ଏକ ଜ୍ୟୋତି ଚିହ୍ନ ଥିବାରୁ ତା ନାମ ଦୀପଜ୍ୟୋତି ରଖା ଯାଇଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ପ୍ରଧାନମନ୍ତ୍ରୀ ବାଛୁରୀ ସହ ଖେଳୁଥିବା ଏବଂ ତା କପାଳରେ ଚୁମ୍ବନ ଦେଉଥିବା ଭିଡିଓରେ ଦେଖିବାକୁ ମିଳୁଛି।

ଉଲ୍ଲେଖଯୋଗ୍ୟ, ଚଳିତ ବର୍ଷ ଜାନୁଆରୀରେ ମକର ସଂକ୍ରାନ୍ତି ଅବସରରେ ପ୍ରଧାନମନ୍ତ୍ରୀ ମୋଦି ତାଙ୍କ ବାସଭବନରେ ଏକ ଗାଈକୁ ଖାଇବାକୁ ଦେଉଥିବା ସମୟର ଭିଡିଓ ଶେଆର କରିଥିଲେ।

## ଆନ୍ଦୋଳନ ସ୍ଥଳରେ ପହଞ୍ଚିଲେ ମମତା

# ପୁଣି ନିରାଶ କଲେ କନିଷ୍ଠ ଡାକ୍ତର

**କୋଲକାତା, ୧୪।୯:** ଆନ୍ଦୋଳନକାରୀ ଜୁନିୟର ଡାକ୍ତରଙ୍କ ପ୍ରତି ନରମ ମନୋଭାବ ପ୍ରଦର୍ଶନ କରିଛନ୍ତି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ। ଶନିବାର ରାତିରେ ନବନ୍ନାସ୍ଥିତ ନିଜ କାର୍ଯ୍ୟାଳୟକୁ ଆଲୋଚନା ପାଇଁ ଡାକିଥିଲେ ବି ଡାକ୍ତରମାନେ ଖାତିର କରିନାହାନ୍ତି। ନିରାଶ ମମତା। ଡାକ୍ତରଙ୍କୁ ନିବେଦନ କରି କହିଛନ୍ତି, ମୋତେ ଅପମାନିତ କରିବା ଠିକ୍ ହେଉଛି କି? ଅନ୍ତତଃ ଚା' ପିଇବା ପାଇଁ ଆସନ୍ତୁ। ଆଲୋଚନାର ଲାଇଭ୍ ଷ୍ଟ୍ରିମିଂ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ବିନା ସମ୍ଭବ ନୁହେଁ, କିନ୍ତୁ ଭିଡିଓ ରେକର୍ଡିଂ ପାଇଁ ପ୍ରସ୍ତୁତ ଅଛୁ। ତଥାପି ଆନ୍ଦୋଳନରତ କନିଷ୍ଠ ଡାକ୍ତରମାନେ ଦିଦିଙ୍କ ନିବେଦନ ଗ୍ରହଣ କରିନାହାନ୍ତି।



ଏହାସହ ଆଲୋଚନା ନିମନ୍ତେ ମମତାଙ୍କ ନିମନ୍ତ୍ରଣକୁ ଡାକ୍ତରମାନେ ଦୁଇଥର ଅଗ୍ରାହ୍ୟ କରିବା ପରେ ଶନିବାର ନିଜେ ମମତା ବାନାର୍ଜୀ ଆନ୍ଦୋଳନକାରୀ ଡାକ୍ତରଙ୍କ ନିକଟକୁ ଯାଇ ସେମାନଙ୍କୁ ଆନ୍ଦୋଳନରୁ ଓହରିବାକୁ ନିବେଦନ କରିଛନ୍ତି। ମୋତେ କିଛି ସମୟ ଦିଅ, ସବୁ ଠିକ ହୋଇଯିବ ବୋଲି ମମତା ପ୍ରତିଶ୍ରୁତି ଦେଇଛନ୍ତି। ତେବେ ମମତାଙ୍କ ପ୍ରତିଶ୍ରୁତି ଏବଂ ଆଶ୍ୱସନା ଏବଂ ପ୍ରତିଶ୍ରୁତି ସତ୍ତ୍ୱେ ଜୁନିୟର ଡାକ୍ତରମାନେ ସେମାନଙ୍କ ଜିଦରେ ଅଟଳ ଅଛନ୍ତି ଏବଂ ସେମାନଙ୍କ ଆନ୍ଦୋଳନ ଜାରି ରଖିଛନ୍ତି। ମମତା ସେମାନଙ୍କ ପାଖକୁ ଯାଇ କହିଥିଲେ ଯେ, ସେ ମୁଖ୍ୟମନ୍ତ୍ରୀ ଭାବେ ନୁହେଁ, ସେମାନଙ୍କ ଦିଦି ଭାବେ ଆସିଛନ୍ତି। ହାତ ଯୋଡ଼ି ସେ କହିଥିଲେ ଯେ, ଆରଜି କର ମେଡିକାଲ କଲେଜର ଦୁଷ୍କର୍ମ ଏବଂ ହତ୍ୟା ଘଟଣାରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ଦୋଷୀଙ୍କ ପ୍ରତି ସର୍ବାଧିକ ଦଣ୍ଡ ବିଧାନ ହେବ। ଯିଏ ବି ଦାୟିତ୍ୱ ଏବଂ କର୍ତ୍ତବ୍ୟରେ ଅବହେଳା କରିଥିବ କାହାକୁ ଛଡ଼ାଯିବ ନାହିଁ। ଡାକ୍ତରଙ୍କ ସୁରକ୍ଷା ନିମନ୍ତେ ସରକାର ସବୁ ପ୍ରକାର ସମ୍ଭାବ୍ୟ ପଦକ୍ଷେପ ନେଉଛନ୍ତି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶାନୁଯାୟୀ ପଦକ୍ଷେପ ନିଆଯାଉଛି। ଦୁଷ୍କର୍ମ ଏବଂ ହତ୍ୟା ଘଟଣାର ତଦନ୍ତ ସିବିଆଇ କରୁଛି। ରାଜ୍ୟ ପୋଲିସ ଏଥିରେ ସହଯୋଗ କରୁଛି। ମହିଳାଙ୍କ ପ୍ରତି ଦୁଷ୍କର୍ମ ଏବଂ ଅତ୍ୟାଚାର ରୋକିବାକୁ ରାଜ୍ୟ ବିଧାନସଭାରେ ଏକ ବିଲ୍ ଗୃହୀତ ହୋଇଛି। ଏଥିରେ ଦୋଷୀଙ୍କ ପ୍ରତି ତୁରନ୍ତ ଦଣ୍ଡ ବିଧାନ ବ୍ୟବସ୍ଥା ରହିଛି।

ମମତା ଶନିବାର ଆନ୍ଦୋଳନକାରୀ ଡାକ୍ତରଙ୍କ ଧାରଣା ସ୍ଥଳରେ ପହଂଚିବା ମାତ୍ରେ ଡାକ୍ତରମାନେ ସ୍ଲୋଗାନ ଦେଇଥିଲେ। ମମତା ସେମାନଙ୍କୁ କହିଥିଲେ ଯେ ସେମାନେ ୫ମିନିଟ ପାଇଁ ତାଙ୍କ କଥା ଶୁଣନ୍ତୁ। ତାପରେ ସେମାନେ ଚାହିଁଲେ ସ୍ଲୋଗାନ ଦେଇପାରନ୍ତି। ଏହା ସେମାନଙ୍କର ଗଣତାନ୍ତ୍ରିକ ଅଧିକାର। ସେ ନିଜେ ମଧ୍ୟ ଜଣେ ଛାତ୍ରୀ ଥିଲେ ଏବଂ ଏଭଳି ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ଛାତ୍ରଛାତ୍ରୀଙ୍କ ପ୍ରତି ଗଭୀର ସମ୍ମାନ ଏବଂ ଶ୍ରଦ୍ଧା ରହିଛି। ଛାତ୍ର ସମାଜର କଲ୍ୟାଣ ଲାଗି ସେ ସବୁ ବେଳେ ଲଢ଼େଇ କରି ଆସିଛନ୍ତି। ଆରଜି କର ମେଡିକାଲ ଛାତ୍ରୀଙ୍କ ପ୍ରତି ଯେଉଁ ଘଟଣା ଘଟିଲା ସେ ନିଜେ ମଧ୍ୟ ଏଥିରେ ବ୍ୟଥିତ ଏବଂ ଆଘାତ ପ୍ରାପ୍ତ। କାଲି ରାତିରେ ସେ ଏଥିପାଇଁ ଶୋଇପାରି ନାହାଁନ୍ତି ବୋଲି କହିଥିଲେ। ଛାତ୍ରମାନେ ସେମାନଙ୍କ କାର୍ଯ୍ୟ କ୍ଷେତ୍ରକୁ ଫେରି ଯାଆନ୍ତୁ। ସରକାର ସେମାନଙ୍କ ସମସ୍ତ ଦାବିକୁ ସହାନୁଭୂତିର ସହ ବିଚାର କରିବେ ବୋଲି ମମତା ପ୍ରତିଶ୍ରୁତି ଦେଇଥିଲେ। ମୋ ଉପରେ ବିଶ୍ୱାସ ରଖ, ଆପଣ ମାନଙ୍କୁ ନିଶ୍ଚୟ ନ୍ୟାୟ ମିଳିବ ବୋଲି ମମତା ସେମାନଙ୍କୁ କହିଥିଲେ। ସଙ୍କଟର ସମାଧାନ ପାଇଁ ଏହା ତାଙ୍କର ଶେଷ ପ୍ରୟାସ ବୋଲି ମମତା କହିଥିଲେ। ପୂର୍ବରୁ ଆନ୍ଦୋଳନକାରୀ ଡାକ୍ତରମାନେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସହ ଆଲୋଚନା ବୈଠକର ସିଧା ପ୍ରସାରଣ ଦାବି କରିଥିଲେ। ସବୁ କଥା ସ୍ୱଚ୍ଛତାର ସହ ହେଉ ବୋଲି ଡାକ୍ତରମାନେ ଦାବି କରିଥିଲେ। କିନ୍ତୁ ମମତା ଏହାକୁ ଗ୍ରହଣ କରିନଥିଲେ।

# ସ୍କୁଲ ଚାଲିଥିବା ବେଳେ ପଶିଗଲା ବାଘ

**ଉତ୍ତରପ୍ରଦେଶ, ୧୪।୯:** ସ୍କୁଲରେ ପଶିଲା ବାଘ । ଚାରିଆଡ଼େ ଖେଳିଗଲା ଆତଙ୍କ । ସୌଭାଗ୍ୟବଶତଃ ଉକ୍ତ ସମୟରେ ସ୍କୁଲରେ ପିଲା ନ ଥିବାରୁ ଯେକୌଣସି ପ୍ରକାରେ ଶିକ୍ଷକମାନେ ନିଜ ଜୀବନ ବଞ୍ଚାଇ ପାରିଛନ୍ତି। ଏପରି ଏକ ଛାତିଥରା ଘଟଣା ଉତ୍ତରପ୍ରଦେଶର ବିଜନୌରର ହଲଦୌର ପ୍ରାଥମିକ ବିଦ୍ୟାଳୟରେ ଘଟିଛି।

ଘଟଣା ଦିନ ଲଗାଣ ବର୍ଷା ହେତୁ ପିଲାମାନଙ୍କର ଜଲଦି ଛୁଟି ହୋଇ ଯାଇଥିଲା। ମାତ୍ର ଉକ୍ତ ସମୟରେ ହଠାତ୍ ସ୍କୁଲରେ ଏକ ବାଘ ପଶି ଯାଇଥିଲା। ବାଘର ଗର୍ଜନ ଶୁଣି ଶିକ୍ଷକଶିକ୍ଷୟିତ୍ରୀମାନେ ନିଜେ ଥିବା ରୁମ୍‌ର କବାଟ ଦେଇଦେଇଥିଲେ। ଏହାପରେ ବାଘଟି ସବୁ ରୁମ୍ କବାଟ ପାଖକୁ ଯାଇ ଗର୍ଜନ କରି ଠେଲିବାକୁ ଚେଷ୍ଟା କରିଥିଲା। ଏହାଶୁଣି ଶିକ୍ଷକଶିକ୍ଷୟିତ୍ରୀମାନେ ଭୟଭୀତ ହୋଇ ଯାଇଥିଲେ। ଏନେଇ ଖବର ପାଇ ବହୁ ସଂଖ୍ୟାରେ ଗ୍ରାମବାସୀ ସ୍କୁଲ ଅଭିମୁଖେ ଆସିଥିଲେ। ଏହାପରେ ସେମାନେ ବାଘଟିକୁ ଜଙ୍ଗଲ ଆଡ଼େ ଘଉଡ଼ାଇ ଦେଇଥିଲେ। ଫଳରେ ସମସ୍ତଙ୍କ ଜୀବନ ସୁରକ୍ଷିତ ରହିଥିବା ଜଣାଯାଇଛି।



# ଏନକାଉଣ୍ଟରରେ ୫ ଆତଙ୍କୀ ନିହତ, ୨ ଯବାନ ଶହୀଦ

**ଶ୍ରୀନଗର, ୧୪।୯:** ଗତ ୨୪ ଘଣ୍ଟା ଭିତରେ ଜାମ୍ମୁ-କାଶ୍ମୀରରେ ୩ଟି ଏନକାଉଣ୍ଟରାରେ ୫ଜଣ ଯବାନ ନିହତ ହୋଇଥିବା ବଳେ ୨ଜଣ ଯବାନ ଶହୀଦ ହୋଇଛନ୍ତି। ଶନିବାର ସକାଳେ ବାରମୂଲାରେ ସେନା ଏବଂ ଜାମ୍ମୁ-କାଶ୍ମୀର ପୋଲିସ ପକ୍ଷରୁ ଆତଙ୍କବାଦୀଙ୍କ ବିରୋଧରେ ଆରମ୍ଭ ହୋଇଥିଲା କମ୍ବିଂ ଅପରେସନ। ଉଭୟ ପକ୍ଷ ମଧ୍ୟରେ ଦୀର୍ଘ ସମୟ ଧରି ଏନକାଉଣ୍ଟର ହୋଇଥିଲା। ଏଥିରେ ୩ଜଣ ଆତଙ୍କୀ ନିହତ ହୋଇଥିଲେ। ସେଠାରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ ହୋଇଛି। ଗୁଇନ୍ଦା ସୂତ୍ରରୁ ଖବର ପାଇ ଶୁକ୍ରବାର ଅପରାହ୍ନରେ ଉତ୍ତର କାଶ୍ମୀରରେ ସେନା ଓ ରାଜ୍ୟ ପୋଲିସର ମିଳିତ ଅଭିଯାନ ଆରମ୍ଭ ହୋଇଥିଲା। ଏଥିରେ ଦୁଇଜଣ ଆତଙ୍କୀ ପ୍ରାଣ ହରାଇଥିବା ବେଳେ କାଠୁଆ ଜିଲ୍ଲାରେ ଆତଙ୍କବାଦୀଙ୍କ ଗୁଳିରେ ୨ଜଣ ଯବାନ ଶହୀଦ ହୋଇଛନ୍ତି। ଶହୀଦଙ୍କ ଭିତରେ ଜଣେ ଜୁନିୟର କମିଶନଡ ଅଫିସର ଅଛନ୍ତି। ଆତଙ୍କବାଦୀଭଙ୍କ ଗୁଳିରେ ୨ଜଣ ଯବାନ ମଧ୍ୟ ଆହତ ହୋଇଛନ୍ତି।

# ଅଣ୍ଡର ପାସରେ ବୁଡ଼ିଗଲା ଗାଡ଼ି

## ବ୍ୟାଙ୍କ ମ୍ୟାନେଜର, କ୍ୟାସିୟରଙ୍କ ଜୀବନ ଗଲା

**ନୂଆଦିଲ୍ଲୀ, ୧୪।୯:** ପ୍ରବଳ ବର୍ଷା ପରେ ଫରିଦାବଦର ଏକ ଅଣ୍ଡରପାସରେ ବଷା ପାଣି ଜମି ଥିବା ବେଳେ ଏହା ଭିତରେ ଏକ ଏସୟୁଭି ବୁଡ଼ି ଯାଇଥିଲା। ଏଥିରେ ଜଣେ ବ୍ୟାଙ୍କ ମ୍ୟାନେଜର ଏବଂ କ୍ୟାସିୟର ପ୍ରାଣ ହରାଇଛନ୍ତି। ମୃତକ ଜଣକ ହେଲେ ଗୁରଗ୍ରାମର ସେକ୍ଟର ୩୧ ସ୍ଥିତ ଏଚ ଏଚଡିଏଫସି ବ୍ୟାଙ୍କ ଶାଖାର ମ୍ୟାନେଜର ପୁଣ୍ୟଶ୍ରେୟ ଶର୍ମା ଏବଂ ସେହି ବ୍ୟାଙ୍କର କ୍ୟାସିୟର ବିରାଜ ଦ୍ୱିବେଦୀ। ଏକ ମହିନ୍ଦ୍ରା ଏସୟୁଭିରେ ସେମାନେ ପୁରୁଣା ଫରିଦାବାଦ ରେଳବାଇ ଅଣ୍ଡରପାସ ଦେଇ ଯାଉଥିବା ବେଳେ ସେଠାରେ ବର୍ଷା ପାଣି ଦେଖି ସେମାନେ ଅଟକି ନଥିଲେ। ଅଣ୍ଡାରପାସରେ କେତେ ପାଣି ଅଛି ତାହା ସେମାନେ ଆକଳନ କରିପାରିନଥିଲେ। ଅଣ୍ଡରପାସରେ ପୁଣି ଭିତରେ ସେମାନଙ୍କ ଗାଡ଼ି ବୁଡ଼ି ଯାଇଥିଲା। ଫଳରେ ପାଣିରେ ଶ୍ୱାସରୁଦ୍ଧ ହୋଇ ଉଭୟେ ପ୍ରାଣ ହରାଇଥିଲେ।

# ଯବାନଙ୍କ କ୍ୟାମ୍ପ ଉପରେ ରକେଟ୍ ମାଡ଼



**ରାୟପୁର, ୧୪।୯:** ଛତିଶଗଡ ବିଜାପୁରରେ ଯବାନଙ୍କ କ୍ୟାମ୍ପ ଉପରେ ହୋଇଛି ଆଖିବୁଜା ରକେଟ୍ ମାଡ଼। ୨୦ ରାଉଣ୍ଡ ୟୁବିଜିଏଲ୍ ମାଡ଼ କରିଛନ୍ତି ମାଓବାଦୀ। ଯବାନଙ୍କ ପାଲଟା ଗୁଳି ଚାଳନା ଯୋଗୁ ଖସି ପଳାଇଲେ ମାଓବାଦୀ। ଏହି ଘଟଣାରେ କେହି ମୃତାହତ ହୋଇ ନ ଥିବା ଜଣାଯାଇଚି। ଗତକାଲି ବିଳମ୍ବିତ ରାତିରେ ଘଟିଛି ଏହି ଘଟଣା। ମାଓନେତା ହିଡମାଙ୍କ ଗାଁ ହେଉଛି ପୂର୍ବତି। ଉକ୍ତ ଗାଁରେ ପ୍ରାୟ ମାସେ ହେବ ସିଆରପିଏଫ୍ ପକ୍ଷରୁ କ୍ୟାମ୍ପ ସ୍ଥାପନ କରାଯାଇଛି। ଏହା ଏକ ମାଓ ପ୍ରବଣ ଅଞ୍ଚଳ ହୋଇଥିବାରୁ ପ୍ରାୟ ଶହେରୁ ଊର୍ଦ୍ଧ୍ୱ ଯବାନ ଏଠାରେ ମୁତୟନ ହୋଇଥିଲେ। ସେମାନେ ଆଖପାଖ ଅଞ୍ଚଳରେ ମାଓବାଦୀଙ୍କ ଗତିବିଧି ଉପରେ ନଜର ରଖୁଥିବା ବେଳେ ସର୍ଚ୍ଚ ଅପରେସନ ଚଳାଉଥିଲେ। ମାତ୍ର ମାସକ ମଧ୍ୟରେ ଏହା ସେମାନଙ୍କ କ୍ୟାମ୍ପ ଉପରେ ପ୍ରଥମ ରକେଟ ମାଡ଼। ସ୍ଥାନୀୟ ବାସିନ୍ଦାଙ୍କ ସୂଚନା ଅନୁଯାୟୀ, ଗତ ରାତିରେ ବହୁ ସଂଖ୍ୟାରେ ମାଓବାଦୀ ଆସି କ୍ୟାମ୍ପ ଉପରକୁ ରକେଟ ମାଡ଼ କରିଥିଲେ। ଫଳରେ ଆଖପାଖ ଅଞ୍ଚଳରେ ପ୍ରଚଣ୍ଡ ଶବ୍ଦ ହୋଇଥିଲା। ଏହାପରେ ମାଓବାଦୀମାନେ ତୁରନ୍ତ ଉକ୍ତ ସ୍ଥାନ ଛାଡ଼ି ଚାଲି ଯାଇଥିଲେ। ମାଓବାଦୀଙ୍କ ଏପରି ହିଂସ୍ର କାର୍ଯ୍ୟକଳାପ ପରେ ସିଆରପିଏଫ୍ ପକ୍ଷରୁ ସେମାନଙ୍କୁ ଧରିବାକୁ ବିଭିନ୍ନ ସ୍ଥାନରେ ଚଢ଼ାଉ ସହ ସର୍ଚ୍ଚ ଅପରେସନ ଆରମ୍ଭ ହୋଇଛି।

# 'ରାହୁଲ ମୁସଲିମ ନା ଖ୍ରୀଷ୍ଟିଆନ ?'

**ନୂଆଦିଲ୍ଲୀ, ୧୪।୯:** ରାହୁଲ ଗାନ୍ଧିଙ୍କ ଜାତି ଏବଂ ସମ୍ପ୍ରଦାୟକୁ ନେଇ ଏକ ବିବାଦୀୟ ପ୍ରଶ୍ନ କରିଛନ୍ତି କର୍ଣ୍ଣାଟକ ବିଜେପି ବିଧାୟକ ବସନଗୌଡା ପାଟିଲ ଯତନାଲ। ସେ ଏକ କାର୍ଯ୍ୟକ୍ରମରେ କଂଗ୍ରେସ ସାଂସଦ ତଥା ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ଜଣେ ମୁସଲମାନ ନା ଖ୍ରୀଷ୍ଟିଆନ ବୋଲି ପ୍ରଶ୍ନ କରିଛନ୍ତି। ରାହୁଲ ଗାନ୍ଧିଙ୍କ ପ୍ରକୃତ ବଂଶ ଜାଣିବା ପାଇଁ ତଦନ୍ତ କରିବାକୁ ଆହ୍ୱାନ କରି ସେ କହିଛନ୍ତି, "ରାହୁଲ ଗାନ୍ଧି ଆମେରିକା ଯାଇ ରାଷ୍ଟ୍ର ବିରୋଧୀ ବିବୃତ୍ତି ଦେଇଛନ୍ତି। ସେ ଜାତିଗତ ଜନଗଣନା କରିବାକୁ ଚାହୁଁଛନ୍ତି, କିନ୍ତୁ ସେ କେଉଁ ଜାତିରେ ଜନ୍ମ ହୋଇଛନ୍ତି ତାହା ମଧ୍ୟ ଜାଣନ୍ତି ନାହିଁ। ସେ ମୁସଲମାନ ନା ଖ୍ରୀଷ୍ଟିଆନଙ୍କ ଦ୍ୱାରା ଜନ୍ମ ହୋଇଛନ୍ତି, ସେ ଜାଣି ନାହାଁନ୍ତି। ଏହାର ତଦନ୍ତ କରାଯିବା ଉଚିତ୍।" ସେ ଆହୁରି କହିଛନ୍ତି, "ଯଦି ସେ ନିଜକୁ ବ୍ରାହ୍ମଣ ବୋଲି ଦାବି କରୁଛନ୍ତି, ତେବେ ସେ କେଉଁ ବ୍ରାହ୍ମଣରୁ ଆସନ୍ତି? କଣ ସେ ଏପରି ଜଣେ ବ୍ରାହ୍ମଣ, ଯିଏ ପଇତା ପିନ୍ଧନ୍ତି ନାହିଁ? କେଉଁ ପ୍ରକାରର ବ୍ରାହ୍ମଣ ସେ? ରାହୁଲ ଗାନ୍ଧି 'ଦେଶ ପିସ୍ତଲ' ପରି, ତାଙ୍କ ଦ୍ୱାରା କୌଣସି ଉନ୍ନତି ହେବ ନାହିଁ।"

ପ୍ରକାଶ ଥାଉକି, ଦୀର୍ଘଦିନ ହେବ ରାହୁଲ ଗାନ୍ଧି ଜାତିଗତ ଜନଗଣନା ପାଇଁ ଦାବି କରି ଆସୁଛନ୍ତି। ଲୋକସଭା ନିର୍ବାଚନ ସମୟରେ ଏହା ତାଙ୍କର ମୁଖ୍ୟ ମୁଦ୍ଦା ଥିଲା। ନିର୍ବାଚନ ଘୋଷଣା ପତ୍ରରେ ସେ କହିଥିଲେ ଯେ, କଂଗ୍ରେସ କ୍ଷମତାକୁ ଆସିଲେ ନିଶ୍ଚିତ ରୂପେ ସାମାଜିକ-ଅର୍ଥନୈତିକ ଜାତିଗତ ଜନଗଣନା କରାଯିବ।

# ଦଳିତ ଯୁବତୀଙ୍କୁ ଗଣବଳାତ୍କାର, ୫ ଗିରଫ

**ଲକ୍ଷ୍ନୌ, ୧୪।୯:** ଜନ୍ମଭୂମି ଅଯୋଧ୍ୟାରେ ଘଟିଛି ସାଂଘାତିକ ଲଜ୍ଜାଜନକ ଘଟଣା। ମନ୍ଦିର ପରିସରରେ ସଫେଇ କରୁଥିବା ଜଣେ ଦଳିତ ହୋଇଛନ୍ତି ପାଶବିକ ଅତ୍ୟାଚାରର ଶିକାର। ତାଙ୍କୁ ୯ ଜଣ ଯୁବକ ଦୀର୍ଘ ଦିନ ଧରି ଗଣଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ପ୍ରଥମେ ଏନେଇ ମାମଲା ରୁଜୁ କରୁ ନ ଥିବା ପୁଲିସ୍ ପରେ ୫ ଜଣଙ୍କୁ ବାନ୍ଧିଥିବା ଜଣାଯାଇଛି। ଏହି ଘଟଣା ସମଗ୍ର ରାଜ୍ୟରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ପୀଡ଼ିତାଙ୍କ ଅଭିଯୋଗ ଅନୁଯାୟୀ, ଜଣେ ଯୁବକଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ଥିଲା। ସେ ଉକ୍ତ ଯୁବକଙ୍କ ନିକଟତର ହୋଇ ଯାଇଥିବା ବେଳେ ଏହାର ଫାଇଦା ଯୁବକଜଣକ ଉଠାଇଥିଲେ। ଏପରିକି ସେ ନିଜ ସାଙ୍ଗମାନଙ୍କୁ ଆଣି ଜୋରଜବରଦସ୍ତି କରିଥିଲେ। ମାତ୍ର ମୁଁ ଘଟଣାସ୍ଥଳରୁ ପଳାଇବାକୁ ଦୌଡ଼ିବାରୁ ତଳେ ପଡ଼ି ବେହୋସ ହୋଇ ଯାଇଥିଲି। ଏହାପରେ ସେମାନେ ମୋ' ସହ ଦୁର୍ଷମ କରିଛନ୍ତି। ସନ୍ଧ୍ୟାରେ ହୋସ୍ ଆସିବା ବେଳକୁ ମୋ' ପାଖରେ ଦୁଇ ଜଣ ଯୁବକ ଥିଲେ । ସେମାନେ ମୋତେ ଏକ ଗେଷ୍ଟ ହାଉସ୍‌ର ଗ୍ୟାରେଜକୁ ନେଇ ସେଠାରେ ଗଣଦୁଷ୍କର୍ମ କରିଥିଲେ। ଏହାର ଭିଡିଓ କରି ସେମାନେ ମୋତେ ବ୍ଲାକମେଲ୍ କରିବାକୁ ଆରମ୍ଭ କଲେ। ଭିଡିଓ ଭାଇରାଲ କରିବାର ଧମକ ଦେଇ ସେମାନେ ବିଭିନ୍ନ ସ୍ଥାନକୁ ଡାକି ଶାରୀରିକ ସମ୍ପର୍କ ରଖୁଥିଲେ। ଏଥିରେ ଅତିଷ୍ଠ ହୋଇ ଗତ ୨୮ ତାରିଖରେ ଥାନାରେ ଅଭିଯୋଗ କରିବାକୁ ଯାଉଥିବା ବେଳେ ଉକ୍ତ ଯୁବକମାନେ ଫୋନ୍ କରି ଧମକ ଦେଇଥିଲେ। ଏପରିକି ତୁମ ସହ ଯାହା ହେଉଛି, ତୁମ ଭଉଣୀମାନଙ୍କ ସହ ବି ହେବ ବୋଲି କହିଥିଲେ। ଏହାପରେ ଘରକୁ ଫେରି ଆସିଥିଲି। ମାତ୍ର ପରେ ଗତ ୩୧ ତାରିଖରେ ଥାନାକୁ ଯାଇଥିଲି। ମାତ୍ର ସେଠାରେ ସେମାନେ ମୋ' ଅଭିଯୋଗ ମିଥ୍ୟା ବୋଲି ପ୍ରମାଣିତ କରିବାକୁ ଚେଷ୍ଟା କଲେ। ୩ ଦିନ ପର୍ଯ୍ୟନ୍ତ ଥାନାରେ ମୋ' ଅଭିଯୋଗ ନେଇ ମାମଲା ରୁଜୁ ନ ହେବାରୁ ଏସ୍‌ପି ଅଫିସ ଯାଇ ଘଟଣା ଜଣାଇଥିଲି। ଏହାପରେ ସେଠାରୁ ନିର୍ଦ୍ଦେଶ ଆସିବା ପରେ ପୁଲିସ୍ ମାମଲା ରୁଜୁ କରିବାକୁ ମୋତେ ଡାକିଥିଲା। ଥାନାରେ ୩୬ ଘଣ୍ଟା ବସାଇବା ପରେ ପୁଲିସ୍ ମାମଲା ରୁଜୁ କରିଥିଲା ବୋଲି ପୀଡ଼ିତା କହିଛନ୍ତି। ଏହାପରେ ପୁଲିସ୍ ଘଟଣାର ତଦନ୍ତ ଆରମ୍ଭ କରି ପୀଡ଼ିତାଙ୍କ ଡାକ୍ତରୀ ମାଇନା ପାଇଁ ପଠାଇଥିଲା। ଏହି ଘଟଣାରେ ଏଯାବତ ୫ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ଅନ୍ୟମାନଙ୍କୁ ଖୋଜା ଯାଉଥିବା ପୁଲିସ୍ ଅଧିକାରୀ କହିଛନ୍ତି।

# ନାବାଳିକା ମେଡ୍‌ଙ୍କୁ ନିର୍ଯାତନା ଦେଉଥିଲେ ବିଧାୟକ

**ଲକ୍ଷ୍ନୌ, ୧୪।୯:** ଉତ୍ତର ପ୍ରଦେଶର ପ୍ରମୁଖ ବିରୋଧୀ ଦଳ ସମାଜବାଦୀ ପାର୍ଟି(ଏସ୍‌ପି)ର ବିଧାୟକ ଜାହିଦ ବେଗ ଓ ତାଙ୍କ ପତ୍ନୀ ସୀମା ବେଗଙ୍କ ବିରୋଧରେ ରୁଜୁ ହୋଇଛି ମାମଲା। ଏମାନେ ନିଜ ଘରେ ଜଣେ ନାବାଳିକାଙ୍କୁ କାମ କରାଉଥିଲେ। ଏଥିସହ ତାଙ୍କୁ ନିର୍ଯାତନା ଦେଉଥିଲେ ବୋଲି ଅଭିଯୋଗ ପରେ ଏପରି ପଦକ୍ଷେପ ଗ୍ରହଣ କରାଯାଇଛି।

ରାଜ୍ୟର ଶ୍ରମ ବିଭାଗ ପକ୍ଷରୁ ମାମଲା କରାଯାଇଛି। ମାମଲା ରୁଜୁ କରିବା ପାଇଁ ଶିଶୁ କଲ୍ୟାଣ କମିଟିର ଅଧ୍ୟକ୍ଷ ପିସସି ଉପାଧ୍ୟାୟ ପ୍ରସ୍ତାବ ଦେଇଥିଲେ। ଘଟଣା ସାମ୍ନାକୁ ଆସିବା ପରେ ଭାଡୋହି ପୁଲିସ୍ ଓ ଶ୍ରମ ବିଭାଗର

## ରୁଜୁ ହେଲା ମାମଲା

ଅଧିକାରୀମାନେ ଅଭିଯୁକ୍ତ ବିଧାୟକଙ୍କ ଘରେ ପହଞ୍ଚିଥିଲେ। ସେମାନେ ସେଠାରୁ ୧୭ ବର୍ଷୀୟ ଝିଅକୁ ଉଦ୍ଧାର କରିଛନ୍ତି। ବେଗ ପରିବାରରେ ନାବାଳିକା ଜଣଙ୍କ ମେଡ ବା ସହାୟିକା ଭାବେ କାମ କରୁଥିଲେ। ଭାଡୋହି ଏସ୍‌ପି ମୀନାକ୍ଷୀ କତୟାତନ କହିଛନ୍ତି, ଉଦ୍ଧାର ହୋଇଥିବା ନାବାଳିକାର ବୟାନ ପରେ ବିଧାୟକ ଓ ତାଙ୍କ ପତ୍ନୀଙ୍କ ବିରୋଧରେ ମାମଲା କରାଯାଇଛି। ଶ୍ରମ ବିଭାଗ ପକ୍ଷରୁ ବେଗ ଓ ତାଙ୍କ ପତ୍ନୀଙ୍କୁ ନୋଟିସ କରାଯାଇଛି। ସେମାନେ ୧୭ ବର୍ଷୀୟ ଝିଅକୁ ବଳପୂର୍ବକ ଘରେ ବନ୍ଦ କରି ରଖିଥିଲେ ଓ ବିନା ପାରିଶ୍ରମିକରେ ତାଙ୍କୁ ଘର କାମ କରାଉଥିଲେ। ଏନେଇ ଭାରତୀୟ ନ୍ୟାୟ ସଂହିତା, ଜୁଭେନାଇଲ ଜଷ୍ଟିସ ଆକ୍ଟ ଓ ଗୋଟି ଶ୍ରମିକ ଉଚ୍ଛେଦ ଆଇନର ବିଭିନ୍ନ ଦଫାରେ ମାମଲା ହୋଇଛି। କୁହାଯାଉଛି ଯେ ନାବାଳିକା ଜଣଙ୍କ ବିଧାୟକଙ୍କ ଘରେ ୮ରୁ ୯ ବର୍ଷ ହେଲା କାମ କରୁଥିଲେ। ତାଙ୍କୁ ଉଦ୍ଧାର କରିବା ପରେ ପ୍ରୟାଗରାଜରେ ଥିବା ଶିଶୁ ଆଶ୍ରମକୁ ପଠାଇ ଦିଆଯାଇଛି।

## ଧାରାବାହିକ 'ଆଇସି-୮୧୫ ଦ କାନ୍ଦାହାର ହାଇଜାକ୍' ବିବାଦ

# '୧୯୮୪ରେ ଅପହୃତ ବିମାନରେ ଥିଲେ ମୋ' ବାପା: ଜୟଶଙ୍କର

**ନୂଆଦିଲ୍ଲୀ, ୧୪।୯:** ୧୯୮୪ ମସିହାରେ ହୋଇଥିବା ଏକ ଅପହୃତ ବିମାନ ଭିତରେ ଥିଲେ ମୋ' ବାପା। ଆଉ ମୁଁ ଉଦ୍ଧାରକାରୀ ଟିମ୍‌ର ସଦସ୍ୟ ଥିଲି। ' ଜଣେ ଆଇଏଫ୍‌ଏସ୍ ଅଧିକାରୀ ଭାବେ କାର୍ଯ୍ୟାରମ୍ଭ କରିବାର ଅଳ୍ପ ଦିନ ମଧ୍ୟରେ ଏଭଳି ଅଜବ ଅନୁଭୂତି ହାସଲ କରିଥିବା ନେଇ ବଖାଣିଛନ୍ତି ଭାରତର ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କର। ନେଟଫ୍ଲିକ୍ସରେ ପ୍ରସାରିତ ଅନୁଭବ ସିହ୍ନାଙ୍କ ନିର୍ଦ୍ଦେଶିତ ଧାରାବାହିକ 'ଆଇସି୮୧୫ ଦ କାନ୍ଦାହାର ହାଇଜାକ୍'କୁ ନେଇ ବିବାଦ ସୃଷ୍ଟି ହୋଇଥିବା ବେଳେ ନିଜ ଅନୁଭୂତି ବଖାଣିଛନ୍ତି ବୈଦେଶିକ ମନ୍ତ୍ରୀ। ସିନେମାରେ ଯଦି ଠିକ୍ ତଥ୍ୟ ଉପସ୍ଥାପନ କରାଯିବନି ତା' ହେଲେ ଲୋକେ ତାହା ଦେଖିବେ ନାହିଁ ବୋଲି ସେ କହିଛନ୍ତି।

ସୁଇଜରଲାଣ୍ଡର ଜେନେଭାରେ ଭାରତୀୟ ସମୁଦାୟଙ୍କ ସହ ବାର୍ତ୍ତାଳପ ସମୟରେ ଏୟାର ଇଣ୍ଡିଆର ଏକ ବିମାନ ଅପହରଣ ଘଟଣାକୁ ମନେ ପକାଇ ଜୟଶଙ୍କର କହିଛନ୍ତି, ୧୯୮୪ ମସିହାରେ ଇଣ୍ଡିଆନ ଏୟାରଲାଇନ୍ସର ଫ୍ଲାଇଟ ୪୨୧କୁ ହାଇଜାକ କରାଯାଇଥିଲା। ଅଲ ଇଣ୍ଡିଆ ଶିଖ୍ ଷ୍ଟୁଡେଣ୍ଟସ୍ ଫେଡେରେସନର ୭ ସଦସ୍ୟ ଦିଲ୍ଲୀରୁ ଶ୍ରୀନଗର ଯାଉଥିବା ବିମାନକୁ ଅପହରଣ କରିନେଇଥିଲେ। ଉକ୍ତ ପ୍ଲେନ୍‌କୁ ପ୍ରଥମେ ଲାହୋର ପରେ କରାଚ ଓ ପରେ ଦୁବାଇରେ ଲ୍ୟାଣ୍ଡ କରାଯାଇଥିଲା।

ବିମାନରେ ୭୯ ଯାତ୍ରୀ ଥିବା ବେଳେ ସେଥିରେ

## ମୁଁ ଉଦ୍ଧାରକାରୀ ଟିମ୍‌ରେ ଥିଲି

ମୋ' ପିତା ଥିବା ସୂଚନା ପାଇଥିଲି। ଅପରପକ୍ଷେ ଏହାର ମୁକାବିଲା ପାଇଁ ଗଠିତ ଟିମ୍‌ରେ ମୁଁ ବି ସଦସ୍ୟ ଥିଲି ବୋଲି ସେ କହିଛନ୍ତି। ଜୟଶଙ୍କର ୧୯୭୯ ମସିହାରେ ଭାରତୀୟ ବିଦେଶ ସେବାରେ ଯୋଗ ଦେଇଥିଲେ। ତାଙ୍କ ପିତା କୃଷ୍ଣାସ୍ୱାମୀ ସୁବ୍ରମଣ୍ୟମ ଜଣେ ପୂର୍ବ ସିଭିଲ ସର୍ଭିସ ମ୍ୟାନ୍ ଥିବା ସହ ଅନ୍ତରାଷ୍ଟ୍ରୀୟ ରଣନୀତିକାର ଓ ପତ୍ରକାର ବି ଥିଲେ।

ଜୟଶଙ୍କରଙ୍କ କହିବାନୁଯାୟୀ, ବିମାନ ଅପହରଣର ୪ ଘଣ୍ଟା ପରେ ସେଥିରେ ମୋ' ପିତା



ଥିବା ମୋତେ ସୂଚନା ପାଇଥିଲି। ଏହାପରେ ନିଜ ସରକାରୀ ଦାୟିତ୍ୱ ଓ ବ୍ୟକ୍ତିଗତ ଚିନ୍ତା ମଧ୍ୟରେ ଅଜବ ପରିସ୍ଥିତି ସୃଷ୍ଟି ହୋଇଥିଲା। ସେ କହିଛନ୍ତି, ମୋ' ଛୁଆ ସେତେବେଳେ ଖୁବ୍ ଛୋଟ ଥିବା ବେଳେ ମୋ' ପତ୍ନୀ କାମ ପାଇଁ ବାହାରେ ଥିଲେ। ତେଣୁ ମୋତେ ମଧ୍ୟାହ୍ନରେ ଛୁଆ ପାଖକୁ ଯିବାର ଥିଲା। କିନ୍ତୁ ମୁଁ ମା'ଙ୍କୁ ଫୋନ୍ କରି ଘରକୁ ଯାଇପାରିବିନି ବୋଲି ମନା କରିଥିଲି। ଗୋଟିଏ ପଟେ ମୁଁ ହାଇଜାକ୍ ସମସ୍ୟାର ସମାଧାନ ପାଇଁ ଗଠିତ ଟିମ୍‌ର ମୁଁ ସଦସ୍ୟ ଥିଲି, ଅପରପକ୍ଷେ, ବନ୍ଧକଙ୍କୁ ସୁରକ୍ଷିତ ଉଦ୍ଧାର ନିମନ୍ତେ ସରକାରଙ୍କ ଉପରେ ଚାପ ପକାଉଥିବା ପରିବାରରେ ବି ସାମିଲ ଥିଲି।

ମୋ' ବାପା ଜଣେ ଡାଇବେଟିକ୍ ରୋଗୀ ହୋଇଥିବାରୁ ତାଙ୍କୁ ଇନସୁଲିନର ନିହାତି ଆବଶ୍ୟକ ଥିଲା। ଏହାପରେ ତୁରନ୍ତ ଦୁଇଟି ଆମ୍ବୁଲାନ୍ସ ଫ୍ଲାଇଟ ସେଠାରେ ପହଞ୍ଚିଲା। ଜୟଶଙ୍କରଙ୍କ ପିତାଙ୍କୁ ତୁରନ୍ତ ଜଣେ ଅପହରଣକାରୀଙ୍କ ସହ ଉକ୍ତ ପ୍ଲେନ୍‌କୁ ନିଆଯାଇ ଇନସୁଲିନ ଦିଆଯାଇଥିଲା। ଏହାପରେ ଅପହରଣକାରୀମାନେ ତୁରନ୍ତ ସବୁ ଦାବି ନ ମାନିଲେ ଅଧ ଘଣ୍ଟାରେ ଜଣେ ଲେଖାଏ ବନ୍ଧକଙ୍କୁ ମାରିଦେବେ ବୋଲି ଚେତାବନୀ ଦେଇଥିଲେ। ଏହି ଅପହରଣ ନାଟକ ଦୀର୍ଘ ୩୬ ଘଣ୍ଟା ଧରି ଚାଲିଥିବା ବେଳେ ଶେଷରେ ଏଥିରେ ଯବନିକା ପଡ଼ିଥିଲା। ସମସ୍ତ ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିଲା ବୋଲି ସେ କହିଛନ୍ତି।

## ରାହୁଲଙ୍କୁ ଜୟଶଙ୍କରଙ୍କ କଟାକ୍ଷ

# ଜୀବନ 'ଖଟା-ଖଟ' ନୁହେଁ



**ନୂଆଦିଲ୍ଲୀ, ୧୪।୯:** ନିର୍ବାଚନ ପ୍ରଚାର ସମୟରେ ରାହୁଲ ଗାନ୍ଧିଙ୍କ 'ଖଟା-ଖଟ' ପ୍ରତିଶୃତିକୁ କଟାକ୍ଷ କରିଛନ୍ତି ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କର। ଜେନେଭାରେ ପ୍ରବାସୀ ଭାରତୀୟଙ୍କୁ ସମ୍ବୋଧିତ କରିବାବେଳେ ସେ କହିଛନ୍ତି, ଜୀବନ 'ଖଟା-ଖଟ' (ଏତେ ସହଜ) ନୁହେଁ, ଜୀବନ ପାଇଁ କଠିନ ପରିଶ୍ରମ ଦରକାର। ଭିତ୍ତିଭୂମି ନିର୍ମାଣ ପାଇଁ ମାନବ ସମ୍ବଳର ଆବଶ୍ୟକତା ଉପରେ ଆଲୋକପାତ କରି ସେ କହିଛନ୍ତି, ଯେଉଁମାନେ କାମ କରିଛନ୍ତି ସେମାନେ କଠିନ ପରିଶ୍ରମ ଏବଂ ନିଷ୍ଠାର ମହତ୍ତ୍ୱ ବୁଝନ୍ତି। "ଯେପର୍ଯ୍ୟନ୍ତ ଆମେ ମାନବ ସମ୍ବଳର ବିକାଶ କରିନାହୁଁ, ସେପର୍ଯ୍ୟନ୍ତ କଠିନ ପରିଶ୍ରମ ଦରକାର। ତେଣୁ ଜୀବନ 'ଖଟା-ଖଟ' ନୁହେଁ। ଜୀବନ କଠିନ ପରିଶ୍ରମ, ଜୀବନ ନିଷ୍ଠା। ଯେଉଁମାନେ ଚାକିରି କରିଛନ୍ତି ଏବଂ ଏଥିପାଇଁ ପରିଶ୍ରମ କରିଛନ୍ତି, ସେମାନେ ଏହା ଜାଣନ୍ତି। ତେଣୁ ଆପଣଙ୍କୁ ମୋର ବାର୍ତ୍ତା, ଯେ ଏଥିପାଇଁ କଠିନ ପରିଶ୍ରମ କରିବାକୁ ପଡିବ।" ମ୍ୟାନୁଫ୍ୟାକଚରିଂ ବିନା ଏକ ଦେଶ ବିଶ୍ୱରେ ପ୍ରମୁଖ ଶକ୍ତି ହୋଇପାରିବ ନାହିଁ ବୋଲି ସେ କହିଛନ୍ତି। ସେ ଆହୁରି କହିଛନ୍ତି, "ଯେଉଁମାନେ କୁହନ୍ତି ଯେ ଆମେ ଏଥିପ୍ରତି ଅକ୍ଷମ, ତେଣୁ ଆମେ ଏହି କାମ କରିବା ପାଇଁ ଚେଷ୍ଟା କରିବା ମଧ୍ୟ ଉଚିତ୍ ନୁହେଁ। ସେମାନେ ବର୍ତ୍ତମାନ ନିଜକୁ ପଚାରନ୍ତୁ, ମ୍ୟାନୁଫ୍ୟାକଚିରିଂ ବିନା ଦୁନିଆରେ ଏକ ପ୍ରମୁଖ ଶକ୍ତି ହୋଇପାରିବେ କି? କାରଣ ଏକ ପ୍ରମୁଖ ଶକ୍ତି ଟେକ୍ନୋଲୋଜି ଆବଶ୍ୟକ କରେ। ମ୍ୟାନୁଫ୍ୟାକଚରିଂ ବିକାଶ ନକରି କେହି ଟେକ୍ନୋଲୋଜିର ବିକାଶ କରିପାରିବେ ନାହିଁ।" ପ୍ରକାଶ ଥାଉକି, ଲୋକସଭା ନିର୍ବାଚନ ପ୍ରଚାର ସମୟରେ ରାହୁଲ ଗାନ୍ଧି କହିଥିଲେ କଂଗ୍ରେସ କ୍ଷମତାକୁ ଆସିଲେ 'ଖଟା-ଖଟ' ସମସ୍ୟାର ସମାଧାନ କରିଦେବ।

## ଏସୀୟ ଚାମ୍ପିଅନ୍ସ ଟ୍ରଫି ହକି

# ପାକିସ୍ତାନକୁ ଧୂଳି ଚଟାଇଲା ଭାରତ



○ ଲିଗ୍‌ରେ ହରମନପ୍ରୀତଙ୍କ ଟିମ୍ ଅପରାଜେୟ
○ ନୀଳକାନ୍ତ 'ହିରୋ ଅଫ୍ ଦ ମ୍ୟାଚ୍'

**ହୁଲୁନବୁଇର (ଚୀନ୍), ୧୪।୯:** ଡିଫେଣ୍ଡିଂ ଚାମ୍ପିଅନ୍ ଭାରତ ହିରୋ ଏସୀୟ ଚାମ୍ପିଅନ୍ସ ଟ୍ରଫି ହକି ଟୁର୍ଣ୍ଣାମେଣ୍ଟରେ ଶନିବାର ନିଜ ଶେଷ ଲିଗ୍ ମ୍ୟାଚ୍‌ରେ ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ୨-୧ରେ ରୋମାଞ୍ଚକ ଭାବେ ପରାସ୍ତ କରିଛି। ଏହା ଫଳରେ ହରମନପ୍ରୀତ ସିଂହଙ୍କ ଟିମ୍ ଗ୍ରୁପ୍ ପର୍ଯ୍ୟାୟରେ ଅପରାଜେୟ ରହିଛି। ଭାରତୀୟ ଟିମ୍ ଏହା ପୂର୍ବରୁ ଦକ୍ଷିଣ କୋରିଆକୁ ୩-୧, ମାଲେସିଆକୁ ୮-୧, ଜାପାନକୁ ୫-୧ ଓ ଆୟୋଜକ ଚୀନ୍‌କୁ ୩-୦ରେ ହରାଇଥିଲା। ଟିମ୍‌ର ଏହା ଲଗାତାର ପଞ୍ଚମ ବିଜୟ ଥିଲା। ଭାରତ ମୋଟ୍ ୧୫ ପଏଣ୍ଟ ପାଇ ଲିଗ୍ ଶୀର୍ଷରେ ଥିବା ବେଳେ ପାକିସ୍ତାନ ୮, ଦକ୍ଷିଣ କୋରିଆ ୬ ଓ ମାଲେସିଆ ୫ ପଏଣ୍ଟ ପାଇ ଲିଗ୍ ପର୍ଯ୍ୟାୟ ଶେଷ କରିଛନ୍ତି। ଚୀନ୍ (୩ ପଏଣ୍ଟ) ଓ ଜାପାନ (୧)ର ଗୋଟିଏ ଲେଖାଏଁ ମ୍ୟାଚ୍ ବାକି ଅଛି। ଆସନ୍ତା ୧୬ରେ ଦୁଇ ସେମିଫାଇନାଲ୍ ଓ ୧୭ରେ ଫାଇନାଲ୍ ମୁକାବିଲା ହେବ।

ଭାରତୀୟ ଅଧିନାୟକ ହରମନପ୍ରୀତ ସମ୍ମୁଖରୁ ଟିମ୍‌ର ନେତୃତ୍ୱ ନେଇଥିଲେ। ସେ ଟିମ୍ ପକ୍ଷରୁ ଉଭୟ ଗୋଲ୍ ସ୍କୋର୍ କରିଥିଲେ। ଅନ୍ୟପଟେ, ପାକିସ୍ତାନ ପକ୍ଷରୁ ଅହମଦ ନଦୀମ (ଅଷ୍ଟମ ମିନିଟ୍) ଏକମାତ୍ର ଗୋଲ୍ ଦେଇଥିଲେ। ଚଳିତ ଟୁର୍ଣ୍ଣାମେଣ୍ଟରେ ଏହା ପାକିସ୍ତାନର ପ୍ରଥମ ପରାଜୟ ଥିଲା, ଯିଏ ସେମିଫାଇନାଲ୍‌ରେ ପ୍ରବେଶ କରିସାରିଛି। ଉତ୍ତମ ପ୍ରଦର୍ଶନ ପାଇଁ ନୀଳକାନ୍ତ ଶର୍ମା 'ହିରୋ ଅଫ୍ ଦ ମ୍ୟାଚ୍' ବିବେଚିତ ହୋଇଥିଲେ।

ଏହି ବିଜୟ ୨୦୧୬ରୁ ପାକିସ୍ତାନ ବିପକ୍ଷରେ ଭାରତର ଆଧିପତ୍ୟକୁ ସମ୍ପ୍ରସାରିତ କରିଛି। ଶେଷ ଥର ଉଭୟ ଟିମ୍ ଗତ ବର୍ଷ ହାଙ୍ଗଝୁ ଏସିଆଡ୍‌ରେ ମୁହାଁମୁହିଁ ହୋଇଥିଲେ, ଯେଉଁଥିରେ ଭାରତ ୧୦-୨ରେ ପାକିସ୍ତାନକୁ ମାତ୍ ଦେଇଥିଲା। ଏସୀୟ ଚାମ୍ପିଅନ୍ସ ଟ୍ରଫିର ପୂର୍ବ ସଂସ୍କରଣରେ ବି ଭାରତ ଏହି ଟିମ୍‌କୁ ୪-୦ରେ ହରାଇଥିଲା।

ଉଭୟ ଟିମ୍ ଜୋର୍‌ଦାର ଢଙ୍ଗରେ ମ୍ୟାଚ୍ ଆରମ୍ଭ କରିଥିଲେ, ତେବେ ।କିସ୍ତାନ ପ୍ରଥମେ ଗୋଲ୍ ଦେଇଥିଲା। ମିଡ୍‌ଫିଲ୍ଡରେ ହନ୍ନନ ଶାହିଦଙ୍କ କୌଶଳପୂର୍ଣ୍ଣ ଖେଳ ଯୋଗୁଁ ନଦୀମ ସ୍କୋର୍ କରିବାରେ ସଫଳ ହୋଇଥିଲେ। ଭାରତୀୟ ଟିମ୍ ଧୈର୍ଯ୍ୟର ସହ ତା'ର ଜବାବ ଦେଇଥିଲା ଏବଂ ୧୩ତମ ମିନିଟ୍‌ରେ ପ୍ରଥମ ନୋଲ୍ଟି କର୍ଣ୍ଣର ଜିତିଥିଲା। ହରମନପ୍ରୀତ ଏହାକୁ ଗୋଲ୍‌ରେ ପରିଣତ କରି ସ୍କୋର୍‌ଲାଇନ୍‌କୁ ୧-୧ ସ୍ଥିତିକୁ ଆଣିଥିଲେ। ଏହାର ଛଅ ମିନିଟ୍ ପରେ ସେ ଏହି କୃତିତ୍ୱକୁ ଦୋହରାଇଥିଲେ ଏବଂ ଭାରତ ୨-୧ରେ ଅଗ୍ରଣୀ ହାସଲ କରିଥିଲା।

ଦ୍ୱିତୀୟ କ୍ୱାର୍ଟର୍‌ରେ ଭାରତ ବଲ୍ ଉପରେ ନିୟନ୍ତ୍ରଣ ବଜାୟ ରଖିଥିବା ବେଳେ ପାକିସ୍ତାନ ମଧ୍ୟ କେତେକ ସୁଯୋଗ ପାଇଥିଲା। ମଧ୍ୟାନ୍ତରର ଠିକ୍ ପୂର୍ବରୁ ପାକିସ୍ତାନ ପିସି ଜରିଆରେ ଗୋଲ୍ ଶୁଝାଇବାରେ ବିଫଳ ହୋଇଥିଲା। ପାର୍ଶ୍ୱ ପରିବର୍ତ୍ତନ ପରେ ଭାରତ ୩୭ତମ ମିନିଟ୍‌ରେ ଆଉ ଏକ ପିସି ଜିତିଥିଲା, ହେଲେ ଏହା ନିଷ୍ଫଳ ହୋଇଥିଲା। ପାକିସ୍ତାନ ଏହାପରେ କମ୍ ସମୟ ମଧ୍ୟରେ ଚାରି ପିସି ହାସଲ କରିଥିଲା, କିନ୍ତୁ ଏ ସବୁ ଭାରତର ରକ୍ଷଣଭାଗକୁ ଭେଦ କରିପାରି ନ ଥିଲା ଯାହା ଫଳରେ ତୃତୀୟ କ୍ୱାର୍ଟର୍ ଗୋଲ୍‌ଶୂନ୍ୟ ରହିଥିଲା।

ଉଭୟ ଟିମ୍ ପକ୍ଷରୁ ଅବିରତ ଆକ୍ରମଣ ସତ୍ତ୍ୱେ ଅନ୍ତିମ କ୍ୱାର୍ଟର୍‌ରେ ବି କୌଣସି ଗୋଲ୍ ହୋଇପାରି ନ ଥିଲା। ଏହି ସମୟରେ ଭାରତ ତିନି ପିସି ପାଇଥିଲା, କିନ୍ତୁ କୌଣସିଟି କାମରେ ଆସି ନ ଥିଲା।

ପାକିସ୍ତାନର ଅଶରଫ ୱାହୀଦ ରାଣା ଭାରତର ଯୁଗରାଜ ସିଂହଙ୍କୁ ଫାଉଲ୍ ମାରିବାରୁ ରେଡ୍ କାର୍ଡ ପାଇଥିଲେ ଏବଂ ୧୦ ମିନିଟ୍ ପାଇଁ ସସ୍‌ପେଣ୍ଡ ହୋଇଥିଲେ। ପ୍ରଥମ ପାଞ୍ଚ ମିନିଟ୍‌ରେ ଭାରତର ମନପ୍ରୀତ ସିଂହ ବି ୟେଲୋ କାର୍ଡ ପାଇଥିଲେ।



## ଦୁଲୀପ ଟ୍ରଫି କ୍ରିକେଟ

# ପ୍ରଥମ ସିଂହ ଓ ତିଲକ ବର୍ମାଙ୍କ ଶତକ

**ଅନନ୍ତପୁରମ, ୧୪।୯:** ଏଠାରେ ଚାଲିଥିବା ଦୁଲୀପ ଟ୍ରଫି କ୍ରିକେଟ ମ୍ୟାଚରେ ଇଣ୍ଡିଆ-ଡି' ବିପକ୍ଷରେ ଇଣ୍ଡିଆ-ଏ ବଡ଼ ଅଗ୍ରଣୀ ହାସଲ କରିଛି। ପ୍ରଥମ ଇନିଂସରେ ୧୦୭ ରନରେ ଅଗ୍ରଣୀ ହାସଲ କରିଥିବା ଇଣ୍ଡିଆ-ଏ ଏହାର ଦ୍ୱିତୀୟ ଇନିଂସରେ ୩ ୱିକେଟ ହରାଇ ୩୮୦ ରନ ସଂଗ୍ରହ କରି ପାଳି ସମାପ୍ତି ଘୋଷଣା କରିଛି। ଇଣକ୍ଡିଆ-ଏପକ୍ଷରୁ ଓପନର ପ୍ରଥମ ସିଂହ ୧୨୨ ଏବଂ ତିଲକ ବର୍ମା ଅପରାଜିତ ୧୧୧ ରନ ସଂଗ୍ରହ କରିଛନ୍ତି। ତିଲକ ୧୯୩ ବଲରୁ ୯ଟି ଚୌକା ସହ ୧୧୧ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିବା ବେଳେ ପ୍ରଥମ ୧୮୯ ବଲରୁ ୧୨ଟି ଚୌକା ଏବଂ ଗୋଟିଏ ଛକ୍କା ସହାୟତାରେ ୧୨୨ ରନ କରି ଆଉଟ ହୋଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ମୟଙ୍କ ଅଗ୍ରୱାଲ ୫୬ ଏବଂ ଶାଶ୍ୱତ ରାୱତ ଅପରାଜିତ ୬୪ ରନ ସଂଗ୍ରହ କରିଥିଲେ। ପୂର୍ବରୁ ଇଣ୍ଡିଆ-ଏ'ର ପ୍ରଥମ ଇନିଂସରେ ୨୯୦ ରନ କରିଥିବା ବେଳେ ଇଣ୍ଡିଆ-ଡି ପ୍ରଥମ ଇନିଂସରେ ୧୮୩ ରନ କରିଥିଲା। ଇଣ୍ଡିଆ-ଡି' ପାଇଁ ଦ୍ୱିତୀୟ ଇନିଂସରେ ୪୯୮ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି।

**ଇଣ୍ଡିଆ-ଏ ଦ୍ୱିତୀୟ ଇନିଂସରେ ୩୮୦/୩ରେ ପାଳି ଘୋଷଣା**

ଅନ୍ୟ ଏକ ମ୍ୟାଚରେ ଇଣ୍ଡିଆ-ସି'ର ପ୍ରଥମ ଇନିଂସ ସ୍କୋର ୫୨୫ ରନ ଜବାବରେ ଇଣ୍ଡିଆ-ବି' ଏହାର ପ୍ରଥମ ଇନିଂସରେ ଏହି ଖବର ଲେଖାଯିବା ସୁଦ୍ଧା ୬ ୱିକେଟ ହରାଇ ୨୪୩ ରନ ସଂଗ୍ରହ କରିଛି। ଇଣ୍ଡିଆ-ବି' ପକ୍ଷରୁ ଅଭିମନ୍ୟୁ ଈଶ୍ୱରନ ଶତକ ହାସଲ କରିଛନ୍ତି। ଇଣ୍ଡିଆ-ସି' ପକ୍ଷରୁ ଅଂଶୁଲ କାମ୍ବୋଜ ୫ଟି ୱିକେଟ ଦଖଲ କରିଛନ୍ତି।

## ଅଷ୍ଟ୍ରେଲିଆ ବିପକ୍ଷ ଦ୍ୱିତୀୟ ଟି-୨୦ ଆନ୍ତର୍ଜାତିକ

# ଇଂଲଣ୍ଡକୁ ଜିତାଇଲେ ଲିଭିଙ୍ଗ୍‌ଷ୍ଟୋନ୍



**କାର୍ଡିଫ୍, ୧୪।୯:** ଇଂଲଣ୍ଡ ଦ୍ୱିତୀୟ ଟି-୨୦ ଆନ୍ତର୍ଜାତିକରେ ଅଷ୍ଟ୍ରେଲିଆକୁ ୩ ୱିକେଟ୍‌ରେ ପରାସ୍ତ କରିଛି। ଏହା ଫଳରେ ତିନି ମ୍ୟାଚ୍ ବିଶିଷ୍ଟ ଶୃଙ୍ଖଳା ୧-୧ ବରାବର ସ୍ଥିତିରେ ପହଞ୍ଚିଛି। ଅଲ୍‌ରାଉଣ୍ଡ ପ୍ରଦର୍ଶନ ପାଇଁ ଇଂଲଣ୍ଡର ଲିଆମ୍ ଲିଭିଙ୍ଗ୍‌ଷ୍ଟୋନ୍ 'ପ୍ଲେୟର୍ ଅଫ୍ ଦ ମ୍ୟାଚ୍' ବିବେଚିତ ହୋଇଛନ୍ତି। ଅଷ୍ଟ୍ରେଲିଆ ୨୮ ରନ୍‌ରେ ପ୍ରଥମ ମ୍ୟାଚ୍ ଜିତିଥିଲା। ଲକ୍ଷ୍ୟର ପିଛା କରିଥିବା ଇଂଲଣ୍ଡ ଟିମ୍‌ର ଲିଆମ୍ ଲିଭିଙ୍ଗ୍‌ଷ୍ଟୋନ୍ ଦମ୍‌ଦାର ପ୍ରଦର୍ଶନ କରି ୪୭ ବଲ୍‌ରୁ ୮୭ ରନ୍‌ର ଇନିଂସ୍ ଖେଳିଥିଲେ, ଯେଉଁଥିରେ ୬ ଚୌକା ଓ ୫ ଛକା ଥିଲା। ଏହାଛଡ଼ା ଜ୍ୟାକବ୍ ବେଥେଲ୍ ୨୪ ବଲ୍‌ରୁ ୪୪ ଓ ଅଧିନାୟକ ଫିଲ୍ ସଲ୍ଟ ୨୩ ବଲ୍‌ରୁ ୩୯ ରନ୍ କରିଥିଲେ। ଲିଭିଙ୍ଗ୍‌ଷ୍ଟୋନ୍ ଓ ବେଥେଲ୍ ୪୭ ବଲ୍‌ରୁ ୯୦ ରନ୍ ଯୋଗ କରିଥିଲେ। ଟିମ୍ ୧୯ ଓଭର୍‌ରେ ୭ ୱିକେଟ୍ ହରାଇ ୧୯୪ ରନ୍ କରି ବିଜୟୀ ହୋଇଥିଲା। ଅଷ୍ଟ୍ରେଲିଆ ପକ୍ଷରୁ ମାଥ୍ୟୁ ଶର୍ଟ ୨୨ ରନ୍ ଦେଇ ୫ ୱିକେଟ୍ ନେଇଥିଲେ। ଏହାଛଡ଼ା ସିନ୍ ଆବୋଟ୍‌ଙ୍କୁ ୨ ୱିକେଟ୍ ମିଳିଥିଲା।

ଏହା ପୂର୍ବରୁ ସୋଫିଆ ଗାର୍ଡେନ୍ସ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଇଂଲଣ୍ଡର ଅଧିନାୟକ ସଲ୍ଟ ଟସ୍ ଜିତି ବୋଲିଂ ନେଇଥିଲେ। ପ୍ରଥମେ ବ୍ୟାଟିଂ କରିଥିବା ଅଷ୍ଟ୍ରେଲୀୟ ଟିମ୍ ଜାକ୍-ଫ୍ରେଜର୍ ମ୍ୟାକ୍‌ଗର୍କଙ୍କ ପ୍ରଥମ ଅର୍ଦ୍ଧଶତକ ସହାୟତାରେ ନିର୍ଦ୍ଧାରିତ ୨୦ ଓଭର୍‌ରେ ୬ ୱିକେଟ୍ ହରାଇ ୧୯୩ ରନ୍ ସଂଗ୍ରହ କରିଥିଲା। ପାୱାରପ୍ଲେରେ ଟିମ୍ ୧ ୱିକେଟ୍ ହରାଇ ୬୭ ରନ୍ କରିଥିଲା। ମ୍ୟାକ୍‌ଗର୍କ ୩୧ ବଲ୍‌ରୁ ୪ ଚୌକା ଓ ୨ ଛକା ସହାୟତାରେ ୫୦ ରନ୍ କରିଥିବା ବେଳେ ଜୋଶ୍ ଇଂଲିସ୍ ୨୬ ବଲ୍‌ରୁ ୪୨ ଓ ଅଧିନାୟକ ଟ୍ରେଭିସ୍ ହେଡ୍ ୧୪ ବଲ୍‌ରୁ ୩୧ ରନ୍‌ର ଇନିଂସ୍ ଖେଳିଥିଲେ। ବିପକ୍ଷ ବୋଲର୍ ବ୍ରିଡନ୍ କାର୍ସ ଓ ଲିଭିଙ୍ଗ୍‌ଷ୍ଟୋନ୍ ୨ ଲେଖାଏଁ ଏବଂ ସାମ୍ କରନ୍ ଓ ଆଦିଲ୍ ରଶିଦ ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ।

## ଡାଇମଣ୍ଡ ଲିଗ୍ ଫାଇନାଲ୍

# ଅବିନାଶଙ୍କୁ ନବମ ସ୍ଥାନ

**ବ୍ରସଲ୍ସ (ବେଲ୍‌ଜିଅମ୍), ୧୪।୯:** ଭାରତର ଷ୍ଟିପଲ୍‌ଚେଜ୍ ଜାତୀୟ ରେକର୍ଡଧାରୀ ଅବିନାଶ ସାବଲେ ତାଙ୍କ ଡାଇମଣ୍ଡ ଲିଗ୍ ଫାଇନାଲ୍ ପଦାର୍ପଣରେ ନବମ ସ୍ଥାନ ହାସଲ କରିଛନ୍ତି। ସେ ରେସ୍‌ରେ ୮ ମିନିଟ୍ ୧୭.୦୯ ସେକେଣ୍ଡ ସମୟ ନେଇଥିଲେ। ଏହା ତାଙ୍କ ଜାତୀୟ ରେକର୍ଡ ଠାରୁ ବି କମ୍ ଥିଲା, ଯେଉଁଥିରେ ସେ ୮:୦୯.୯୧ ସମୟ ନେଇଥିଲେ। କେନିଆର ଆମୋସ୍ ସରେମ୍ ୮:୦୬.୯୦ ସମୟ ସହ ଚାମ୍ପିଅନ୍‌ସିପ୍ ଜିତିଥିଲେ। ଅଲିମ୍ପିକ୍ ତଥା ବିଶ୍ୱ ଚାମ୍ପିଅନ୍ ମରକ୍କୋର ସୌଫିଆନେ ଏଲ୍ ବକ୍କାଲୀ ଦ୍ୱିତୀୟ ସ୍ଥାନରେ ରହିଥିଲେ, ଯିଏକି ୮:୦୮.୬୦ ସମୟ ନେଇଥିଲେ। ଟ୍ୟୁନିସିଆର ମହମ୍ମଦ ଅମିନ ଝିନାଅଉ (୮:୦୯.୬୮) ତୃତୀୟ ସ୍ଥାନ ଅଧିକାର କରିଥିଲେ। ଅବିନାଶ ଅପ୍ରତ୍ୟାଶିତ ଭାବେ ପ୍ରଥମ ଥର ଡାଇମଣ୍ଡ ଲିଗ୍ ଫାଇନାଲ୍‌ରେ ସ୍ଥାନ ପାଇଥିଲେ। ସେ ଦୁଇ ଇଭେଣ୍ଟରୁ ତିନି ପଏଣ୍ଟ ପାଇ ଓଭରଅଲ୍ ଷ୍ଟାଣ୍ଡିଙ୍ଗ୍ସରେ ୧୪ତମ ସ୍ଥାନରେ ଥିଲେ। କିନ୍ତୁ ତାଙ୍କ ଠାରୁ ଅଧିକ ର୍‌ୟାଙ୍କ୍ ଥିବା ଚାରି ଆଥ୍‌ଲେଟ୍ - ଇଥିଓପିଆର ଲାମେଚା ଗିର୍ମା, ନ୍ୟୁଜିଲାଣ୍ଡର ଜିଓର୍ଡି ବିମିଶ୍, ଜାପାନର ର୍‌ୟୁଜି ମୁରା ଓ ଆମେରିକାର ହିଲାରୀ ବୋର୍ ନାମ ପ୍ରତ୍ୟାହାର କରିନେବାରୁ ଅବିନାଶ ୧୨ ଆଥ୍‌ଲେଟ୍‌ଙ୍କ ଫାଇନାଲ୍ ପାଇଁ ଯୋଗ୍ୟତା ହାସଲ କରିଥିଲେ।

ଏହି ସିଜନ୍‌ରେ ଅବିନାଶଙ୍କୁ ମିଶ୍ରିତ ଫଳାଫଳ ମିଳିଥିଲା। ସେ ଜୁଲାଇରେ ହୋଇଥିବା ଡିଏଲ୍ ସିରିଜ୍‌ର ପ୍ୟାରିସ୍ ଲେଗ୍‌ରେ ୮:୦୯.୯୧ ସମୟର ବ୍ୟକ୍ତିଗତ ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିବା ସହ ଜାତୀୟ ରେକର୍ଡ ସ୍ଥାପନ କରିଥିଲେ। ତେବେ ଅଗଷ୍ଟରେ ସିଲେସିଆ ଲେଗ୍‌ରେ ସେ ୮:୨୯.୯୬ ସମୟ ନେଇ ୧୪ତମ ସ୍ଥାନରେ ରହିଥିଲେ। ଏହାଛଡ଼ା ସେ ପ୍ୟାରିସ୍ ଅଲିମ୍ପିକ୍ସରେ ୮:୧୪.୧୮ ମିନିଟ୍ ସମୟ ସହ ନୈରାଶ୍ୟଜନକ ୧୧ତମ ସ୍ଥାନ ହାସଲ କରିଥିଲେ।



## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ନବୀନ-ପାଣ୍ଡିଆନ...

କେଉଁ ସରକାରୀ ନିର୍ଦ୍ଦେଶନାମା ଆଧାରରେ କରିଥିଲେ। ନା କେବଳ ନବୀନ ପଟ୍ଟନାୟକଙ୍କ ମୌଖିକ ଘୋଷଣାରେ ସରକାରୀ ତହବିଲରୁ କୋଟି କୋଟି ଟଙ୍କା ପାଣି ଭଳି ଖର୍ଚ୍ଚ କରାଗଲା। ମୁଖ୍ୟମନ୍ତ୍ରୀ ରାଜ୍ୟ ପ୍ରଶାସନର ମୁଖ୍ୟ ନିଶ୍ଚିତ, ଏଥିରେ ସନ୍ଦେହ ନାହିଁ। କିନ୍ତୁ ସେ ମଧ୍ୟ ଆଇନ ଓ ସରକାରୀ କାର୍ଯ୍ୟବିଧି ଓ କାର୍ଯ୍ୟ ପରିଚାଳନାର ଗଣ୍ଡିରେ ବନ୍ଧା। ସେ ଯେକୌଣସି ନିଷ୍ପତ୍ତି ନେବେ ତାହାର କଳା-ଧଳାରେ ଲିପିବଦ୍ଧ ହେବା ବାଧ୍ୟ। ଅର୍ଥାତ ଏସମ୍ପର୍କିତ ରିଜୋଲ୍ୟୁସନ ବା ନିର୍ଦ୍ଦେଶନା ଜାରି କରାଯିବା ବାଧ୍ୟ। ସରକାର ବଦଳିଯିବା ପରେ ବଣ୍ଟି-ବବଲି ଯୋଡିର ଏକଛତ୍ରବାଦ ଶାସନରେ ପଡିଛି ପୂର୍ଣ୍ଣଛେଦ। ଆଉ ନୂଆ ସରକାର ବଣ୍ଟି-ବବଲି ସ୍କାମର ପର୍ଦ୍ଦାଫାଶ କରିଦେଇଛନ୍ତି। ଏକଥା ନୁହେଁ ଯେ, ଏପ୍ରଶ୍ନ ପୂର୍ବରୁ କେହି ପଚାରିନଥିଲେ ବା ସ୍କାମ ନେଇ କେହି ମୁହଁ ଖୋଲିନଥିଲେ। ବିଜେପିର ବର୍ତ୍ତମାନର ସାଂସଦ ଅପରାଜିତ ଷଡଙ୍ଗୀ ଓ ରାଜ୍ୟ ସଭାପତି ମନମୋହନ ସାମଲ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେମାନଙ୍କ ଅଭିଯୋଗ ଆଧାରରେ କେନ୍ଦ୍ର ସରକାର ମଧ୍ୟ ତତ୍କାଳୀନ ମୁଖ୍ୟ ଶାସନ ସଚିବଙ୍କୁ ଏନେଇ ରିପୋର୍ଟ ମାଗିଥିଲେ।କେନ୍ଦ୍ରୀୟ ପ୍ରଶାସନିକ ଅଧିକାରୀଙ୍କ ମାନୁଆଲ କହୁଛି, ଯେଉଁ ସରକାରୀ ଅଧିକାରୀ ନିଜ ପଦର ଅପବ୍ୟବହାର କରି ସରକାରୀ ଅର୍ଥର ଦୂରୁପଯୋଗ କରିଥିବେ, ସେହି ଅର୍ଥ ତାଙ୍କ ଠାରୁ ଆଦାୟ କରାଯିବ। ତାହାପୁଣି ସେ ଅବସର ନେବାର କିମ୍ବା ଭିଆରଏସ ନେବାର ସାଢେ ଚାରି ବର୍ଷ ମଧ୍ୟରେ। ସାଢେ ଚାରି ବର୍ଷ ପରେ ସରକାର କିଛି କରିପାରିବେ ନାହିଁ। ତେଣୁ ସମୟ ଥାଉ ଥାଉ ସରକାର ବିଜେଡି ସରକାର ଅମଳରେ ଫାଇଭ-ଟି ଓ ନବୀନ ଓଡିଶା ନାଁରେ ହୋଇଥିବା ଅପବ୍ୟୟ ପାଣ୍ଡିଆନଙ୍କ ଠାରୁ ଆଦାୟ କରିବେ କି, ତାହା ଏକ ବିରାଟ ପ୍ରଶ୍ନ।

### ୨ ଲକ୍ଷ ଟଙ୍କା...

ଲାଗି ବିଜେଡି ସରକାରଙ୍କ ନିଷ୍ପତ୍ତିର ପରିବର୍ତ୍ତନ କରି ସୁଧମୁକ୍ତ ଋଣ ସୀମା ଦୁଇ ଲକ୍ଷ ଟଙ୍କାକୁ ବୃଦ୍ଧି କରିବା ନେଇ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଏତଦ୍‌ଭିନ୍ନ ୩ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଫସଲ ଋଣ ଉପରେ ୨% ସୁଧରେ ଯୋଗାଇ ଦେବା ଲାଗି ବିଚାର ଆଲୋଚନା କରୁଛନ୍ତି। ଆସନ୍ତା ମାସରେ ଏହି ପ୍ରସ୍ତାବ ରାଜ୍ୟ କ୍ୟାବିନେଟ ଅନୁମୋଦନ କରିବା ସମ୍ଭାବନା ରହିଛି। ଦୀର୍ଘବର୍ଷ ଧରି ଚାଷୀମାନଙ୍କ ଉପରେ ପଡ଼ି ରହିଥିବା ଋଣକୁ ପରିଶୋଧ କ୍ରିବା ପାଇଁ ସରକାର ୱାନ୍‌ଟାଇମ୍ ସେଟେଲେମେଣ୍ଟ (ଓଟିଏସ୍) ଘୋଷଣା ସହ ସ୍ୱତନ୍ତ୍ର ଗାଇଡ୍‌ଲାଇନ ଜାରି କରିବେ। ଚାଷୀଙ୍କ ସୁବିଧା ପାଇଁ ଅଧିକ ସଂଖ୍ୟକ ପ୍ରାଥମିକ କୃଷି ସମବାୟ ସମିତି ଖୋଲାଯିବ ଓ ଚାଷୀଙ୍କୁ ମାଗଣା ସଦସ୍ୟ ଭାବେ ଏଥିରେ ସାମିଲ କରିବାକୁ ମଧ୍ୟ ରାଜ୍ୟ ସରକାର ଯୋଜନା ପ୍ରସ୍ତୁତ କରିଥିବା ସୂଚନା ମିଳିଛି। ଉଲ୍ଲେଖଯୋଗ୍ୟ, ତତକାଳୀନ ବିଜେଡି ସରକାର ୨୦୨୨ ଏପ୍ରିଲ ମାସରୁ ବିନା ସୁଧରେ ଚାଷୀଙ୍କୁ ୧ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଫସଲ ଋଣ ଓ ୧ରୁ ୩ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଫସଲ ଋଣ ଉପରେ ୨% ସୁଧ ଯୋଗାଇ ଆସୁଥିଲେ । ୨୦୨୩ ଖରିଫ ଋତୁରେ ରାଜ୍ୟର ୧୮ଲକ୍ଷ ୯୮ହଜାର ୬୪୮ଜଣ ଚାଷୀଙ୍କୁ ୯୭୧୮.୦୪୮କୋଟି ଟଙ୍କାର ଫସଲ ଋଣ ବିଭିନ୍ନ ସମବାୟ ବ୍ୟାଙ୍କ ମାଧ୍ୟମରେ ବଂଟନ କରାଯାଇଥିଲା। ୨୦୨୩ ରବି ଋତୁରେ ପ୍ରାୟ ୮୮୮୮.୨୪କୋଟି ଟଙ୍କା ଫସଲ ଋଣ ଚାଷୀଙ୍କୁ ଦିଆଯାଇଛି । ତେବେ ୨୦୨୪ ଖରିଫ ଋତୁରେ ରାଜ୍ୟ ସରକାର ୧୧ହଜାର କୋଟି ଟଙ୍କା ଫସଲ ଋଣ ଚାଷୀଙ୍କୁ ଯୋଗାଇବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ । ମୋହନ ମାଝୀଙ୍କ ସରକାର ନିଜର ନିର୍ବାଚନୀ ପ୍ରତିଶ୍ରୁତି ପୂରଣ କରି ଏବେ 'ସୁଭଦ୍ରା ଯୋଜନା' ମାଧ୍ୟମରେ ମହିଳାମାନଙ୍କ ଆସ୍ଥାଭାଜନ ହେବାକୁ ଲାଗି ପଡ଼ିଥିବାବେଳେ ଅନୁରୂପ ଭାବେ ଚାଷୀଙ୍କ ପାଇଁ ବ୍ୟାପକ ଯୋଜନା ଓ କାର୍ଯ୍ୟକ୍ରମ ହାତକୁ ନେବାକୁ ନିଷ୍ପତ୍ତି ନେଇଛନ୍ତି । ଯାହାକି ଆସନ୍ତା ମାସେ ଦୁଇମାସ ମଧ୍ୟରେ ଏହା କାର୍ଯ୍ୟକାରୀ ହେବ ବୋଲି ଜଣାପଡ଼ିଛି।

### ଡିସିପିଙ୍କ ନିର୍ଦ୍ଦେଶ...

ଧରାଛୁଆଁ ଦେଇନଥିଲା ଏହି ଠକ। ସେପଟେ ପୋଲିସ ମଧ୍ୟ କାର୍ଯ୍ୟାନୁଷ୍ଠାନ ନେବା ତ ଦୂର କଥା, କେସ ମଧ୍ୟ ରୁଜୁ କରିନଥିଲା। ଏ ଥାନରୁ ସେ ଥାନା ଦୌଡ଼ି ଦୌଡ଼ି ନିରାଶ ହୋଇଥିଲେ ଆଶାୟୀ। ଶେଷରେ ଭୁବନେଶ୍ୱର ଡିସିପିଙ୍କ ଦ୍ୱାରସ୍ଥ ହୋଇଥିଲେ। କେବଳ ଅଭିଯୋଗ ଏଣ୍ଟ୍ରି କରାଇବା ଆଳରେ ଅଭିଯୁକ୍ତକୁ ଗୋଟିଏ ଫୋନ କଲ କରି କାମ ସାରି ଦେଇଥିଲା ପୋଲିସ । ଯେଉଁଥିପାଇଁ କେଉଁ କୂଳର ନହୋଇ କାନ୍ଦି କାନ୍ଦି ନିଜ ଘରକୁ ଫେରିଥିଲେ ଆଶାୟୀ । ଯାହାକୁ ନେଇ କିଛି ଦିନ ତଳେ ବୟାନ ରଖି କଡା ଭାଷାରେ ସରକାରଙ୍କୁ ନିନ୍ଦା କରିଥିଲେ ବିଜେପି ନେତା ତଥା ବ୍ରହ୍ମପୁର ସାଂସଦ ପ୍ରଦୀପ ପାଣିଗ୍ରାହୀ ।

ଏବେ କିନ୍ତୁ ସରକାର ବଦଳିଛି। ପୋଲିସକୁ ଦିଅଁ ଦେଖାଇବା ପାୱାର୍ ମଧ୍ୟ ଠକ ଯୁବକ ପାଖରେ ନାହିଁ। ଏଣୁ ନୂଆ ସରକାର ଗଠନ ପରେ ଏହି ମହାଦୁର୍ନୀତି ର ଖୋଳତାଡ଼ ହେବ ବୋଲି ଆଶାୟୀ ଯୁବକ ଯୁବତୀ ମାନେ କହିଛନ୍ତି। ରାଜ୍ୟ ସଭାପତି ମନମୋହନ ସାମଲଙ୍କୁ ଭେଟି ଏକ ଦାବିପତ୍ର ଦେଇଛନ୍ତି। ଦୁଇଦିନ ତଳେ ପୁଣି ଥରେ ଉପର ମହଲ ରୁ ଚାପ ପରେ ଡିସିପିଙ୍କ ନିର୍ଦ୍ଦେଶ କ୍ରମେ କମିଶନରେଟ ପୋଲିସରେ ରୁଜୁ ହୋଇଛି ମାମଲା। ଏଥର ଠକ ଜଣଙ୍କୁ ପୋଲିସ ଜେଲ ର ଚାରିକାନ୍ଥ ଦେଖାଇବ ବୋଲି ଆଶା କରିଛନ୍ତି ଠକେଇର ଶିକାର ଶତାଧିକ ଯୁବକ ଯୁବତୀ ।

### ବାନ୍ଦର ଅବସ୍ଥାରେ...

ତାହା ବଡ ପ୍ରଶ୍ନବାଚୀ ହୋଇଛି। ଇତିମଧ୍ୟରେ ରାଜ୍ୟର ଅନ୍ୟତମ ସବୁଦିନିଆ ବନ୍ଦର ଗୋପାଳପୁରକୁ ଅଦାନୀ କମ୍ପାନୀ ହାତେଇ ନେଇଥିବାବେଳେ ଓଡିଶା ଉପକୂଳରେ ପ୍ରସ୍ତାବିତ ୧୩ଟି ବନ୍ଦର କାର୍ଯ୍ୟ କେତେଦୂର ଆଗେଇବ ତାହାକୁ ନେଇ ସନ୍ଦେହ ପ୍ରକାଶ ପାଇଲାଣି । ତେବେ ଅସ୍ତରଙ୍ଗ ବନ୍ଦରକୁ ନେଇ ଯେଉଭଳି ବାନ୍ଦର ଅବସ୍ଥା ଉପୁଜିଛି ଓ ଭୂତଙ୍କ ଆଗରେ ହଜାର ହଜାରଲୋକେ ରୁଣ୍ଡ ହୋଇ ପ୍ରତିବାଦ କରିଛନ୍ତି ଏବଂ ସରକାରୀ ବାବୁମାନେ ଏଥିରୁ ଦୂରେଇ ରହିଛନ୍ତି ତାହା ଏହି ବନ୍ଦରର ଭାଗ୍ୟ ଭବିଷ୍ୟତକୁ ଏକ ପ୍ରକାର ଅନ୍ଧାରକୁ ଠେଲିବାରେ ଲାଗିଛି।

## ରାଜ୍ୟ ଖବର

### ମା'ର ତଣ୍ଟି କାଟିଦେଲେ ୨ ପୁଅ

**କଟକ, ୧୪।୯ (ସଂଚାର ବ୍ୟୁରୋ):** ମା'ର ଗଳା କାଟି ହତ୍ୟା କରିବାକୁ ପଛାଇଲେ ନାହିଁ ୨ ପୁଅ। ଏଭଳି ଘଟଣା ଘଟିଛି କଟକ ଜିଲ୍ଲାର ମହାନଦୀ ବିହାରରେ। ହତ୍ୟାକାଣ୍ଡ ପରେ ଜଣେ ପୁଅ ଫେରାର୍ ହୋଇ ଯାଇଥିବା ବେଳେ ଅନ୍ୟ ଜଣେ ଅଭିଯୁକ୍ତ ପୁଅକୁ ଅଟକ ରଖିଛି ପୁଲିସ। ମହାନଦୀ ବିହାର ସ୍ଥିତ ଘରେ ମା' ଓ ଦୁଇ ପୁଅ ରୁହନ୍ତି। ଆଜି ସକାଳେ ଦୁଇ ପୁଅ ମିଶି ମା'କୁ ଗଳାକାଟି ହତ୍ୟା କରିଥିଲେ। ପାଖ ପଡ଼ୋଶୀ ମା'ର ଚିତ୍କାର ଶୁଣି ଦୌଡ଼ି ଆସିଥିଲେ। ଘରେ ମହିଳାଙ୍କ ରକ୍ତାକ୍ତ ମୃତଦେହ ପଡ଼ିଥିବା ଦେଖିଥିଲେ।

### ମୋଦିଙ୍କ ଓଡ଼ିଶା ଗସ୍ତ ପାଇଁ ପୁଲିସ ପକ୍ଷରୁ ସୁରକ୍ଷା କଡାକଡ଼ି

**ଭୁବନେଶ୍ୱର, ୧୪।୯ :** ଆସନ୍ତା ୧୭ ତାରିଖ ଦିନ ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ଆଖି ଆଗରେ ରଖି କମିଶନରେଟ୍ ପୁଲିସ ତରଫରୁ ଗତ କାଲି "ସେଫ ସିଟି ଡ୍ରାଇଭ" ଅଧୀନରେ କ୍ୟାପିଟାଲ ଥାନା, ଖାରବେଳନଗର ଥାନା, ଲକ୍ଷ୍ମୀସାଗର ଥାନା, ବଡ଼ଗଡ଼ ଥାନା, ସହିଦନଗର ଥାନା, ମୈତ୍ରୀବିହାର ଥାନା, ନୟାପଲ୍ଲୀ ଥାନା, ମଞ୍ଚେଶ୍ୱର ଥାନା, ଇନଫୋସିଟି ଥାନା ଓ ଚନ୍ଦ୍ରଶେଖରପୁର ଥାନା ଆଦି ଅଞ୍ଚଳ ମଧ୍ୟରେ ଥିବା ସମସ୍ତ ହୋଟେଲ ଗୁଡ଼ିକୁ କଡାକଡ଼ି ଭାବେ ଯାଞ୍ଚ କରାଯାଇଥିଲା। ଏହି ଯାଞ୍ଚ ସମୟରେ ହୋଟେଲ ମାଲିକ ମାନଙ୍କୁ "ସରାଇ ଆପ" ବ୍ୟବହାର କରିବା ସହିତ ଉକ୍ତ ଆପ ମାଧ୍ୟମରେ ହୋଟେଲରେ ରହୁଥିବା ସମସ୍ତ ବ୍ୟକ୍ତି ବିଶେଷ ମାନଙ୍କର ତଥ୍ୟ ପ୍ରତେକ ଦିନ ଅପଲୋଡ଼ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଉକ୍ତ ଆପକୁ ସେମାନେ ଡାଉନଲୋଡ଼ କରିବା ସହିତ ସେଥିରେ ଗ୍ରାହକ ମାନଙ୍କ ସମସ୍ତ ବିବରଣୀ ପଞ୍ଜୀକୃତ କରିବାଲାଗି ମଧ୍ୟ ନିର୍ଦ୍ଦେଶ ଦିଆଯାଇଥିଲା। କେଉଁ ହୋଟେଲରେ କେତେ ଗ୍ରାହକ ଅଛନ୍ତି, କାହାର ଅପରାଧିକ ସମ୍ପର୍କ କାହା ସହ ଅଛିକି ନାହିଁ ଏହିସବୁ ବିଷୟରେ କଡାକଡ଼ି ଭାବେ ଯାଞ୍ଚ କରାଯାଇଥିଲା।

ଭୁବନେଶ୍ୱର ସହର ମଧ୍ୟରେ ଅପରାଧିକ କାର୍ଯ୍ୟକ୍ରମକୁ ନିୟନ୍ତ୍ରଣ କରିବା ସହିତ ହୋଟେଲରେ ଗ୍ରାହକ ମାନଙ୍କ ଦ୍ୱାରା ଦିଆଯାଇଥିବା ପରିଚୟ ତଥା ଠିକଣା ସଠିକ ଅଛି କି ନାହିଁ ତାହା ଯାଞ୍ଚ କରାଯାଇଥିଲା। ଏ କ୍ଷେତ୍ରରେ ବ୍ୟତିକ୍ରମ ହେଲେ ହୋଟେଲ ମାଲିକ ମାନଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବା ଲାଗି ମଧ୍ୟ ସୂଚିତ କରାଯାଇଥିଲା। ସହରରେ ଘଟୁଥିବା ବିଭିନ୍ନ ଅପରାଧକୁ ହ୍ରାସ କରିବା ନିମନ୍ତେ ଡିସିପି ପ୍ରତୀକ ସିଂହଙ୍କ ନିର୍ଦ୍ଦେଶ କ୍ରମେ ଭୁବନେଶ୍ୱର ସହରାଞ୍ଚଳ ପୁଲିସ ଜିଲ୍ଲା ତରଫରୁ ବିଭିନ୍ନ ଥାନା ଅଞ୍ଚଳରେ ସର୍ବସାଧାରଣ ସ୍ଥାନରେ ମଦ୍ୟପାନ ବିରୋଧରେ ଧରପଗଡ଼ ଅଭିଯାନ କଡାକଡ଼ି କରିବା ସହିତ ବିଭିନ୍ନ ଥାନା ଅଞ୍ଚଳରେ ନାଇଟ୍ ବ୍ଲକିଂ ତଥା ଚେକିଂ ଅଭିଯାନ କରାଯାଇଥିଲା। ଭୁବନେଶ୍ୱର ସହରାଞ୍ଚଳ ପୁଲିସ ଜିଲ୍ଲାରେ ଥିବା ପ୍ରତ୍ୟେକ ଥାନାର ବଛା ବଛା ଅଫିସର, କର୍ମଚାରୀ, ପିଓପିଡ଼ି ଓ ଟିମ-୬୦ର ମିଳିତ ପ୍ରୟାସରେ ତଥା ସମ୍ପୃକ୍ତି ଥାନାର ଆଇଆଇସି ଏବଂ ଏସିପିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଧରପଗଧ ଅଭିଯାନ ପରିଚାଳିତ ହେଉଥିବା ବେଳେ, ବିଭିନ୍ନ ଥାନା ପରିସର ଅଞ୍ଚଳରେ ଥିବା ସର୍ବସାଧାରଣ ସ୍ଥାନରେ ମଦ୍ୟପାନ, ବିଭିନ୍ନ ଖଟି/ଆଡା ତଥା ଯାନବାହାନ ଯାଞ୍ଚ କରାଯିବା ସହ ଆବଶ୍ୟକ ସ୍ଥଳେ ଜୋରିମାନା ଆଦାୟ କରାଯାଇଥିବା ବେଳେ ଗାଡି ଜବତ କରାଯାଇ ଅଭିଯୁକ୍ତ ମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।ଏହି କ୍ରମରେ ବିଭିନ୍ନ ଥାନା ପୁଲିସ ମୋଟ ୫୮ ଜଣ ନିୟମ ଖିଲାଫକାରୀଙ୍କୁ ଥାନା ମାନଙ୍କରେ ଅଟକ ରଖାଯାଇଥିବା ବେଳେ, ଓଡ଼ିଶା ସହରାଞ୍ଚଳ ପୁଲିସ ଆଇନ୍ ଅନୁଯାଇ ୪୬ ଜଣ ନିୟମ ଖିଲାଫକାରୀଙ୍କୁ ମୋଟ ୨୩ ହଜାର ଟଙ୍କା ଜୋରିମାନା ଆଦାୟ କରାଯାଇଛି।

## ସେମାଳାଗୁଡାରୁ ଅଜଗର ଉଦ୍ଧାର

**ବୋରିଗୁମ୍ମା, ୧୪।୯ (ସଂଚାର ବ୍ୟୁରୋ):** କୋରାପୁଟ ଜିଲ୍ଲା ବୋରିଗୁମ୍ମା ସେମାଳା ଗୁଡା ଗାଁ ରୁ ଅଜଗର ସାପ ଉଦ୍ଧାର ହୋଇଛି। ସୂଚନା ଅନୁଯାୟୀ ଆଜି ସକାଳୁ ସେମଳା ଗୁଡା ଗାଁର ଏକ ନାଳରେ ଏକ ୭ ଫୁଟର ଅଜଗର ସାପ ଯିବାର ଦେଖିଥିଲେ କିଛି ଗ୍ରାମବାସୀ। ସଙ୍ଗେ ସଙ୍ଗେ ଗାଁ ଲୋକେ ଏକାଠି ହୋଇ ଥିଲେ। କିଛି ଯୁବକ ସାପଟିକୁ ଉଦ୍ଧାର କରି ବନ ବିଭାଗକୁ ଖବର ଦେଇଥିଲେ। କିନ୍ତୁ ବନବିଭାଗ କର୍ମଚାରି ପହଂଚିବା ପୂର୍ବରୁ ଗ୍ରାମବାସୀ ସୁରକ୍ଷିତ ଭାବେ ସାପର ଓଜନ କରି ସାପଟିକୁ ନିକଟରେ ଥିବା ଜଙ୍ଗଲରେ ଛାଡିଦେଇ ଥିବା ସୂଚନା ମିଳିଥିଲା। ସାପଟି ଖାଦ୍ୟ



ଅନ୍ୱେଷଣରେ ଗାଁ ମୁହାଁ ହୋଇଛି ବୋଲି ଅନୁମାନ କରାଯାଉଛି। ସାପ ଦେଖିବାକୁ ଗାଁରେ ପ୍ରବଳ ଭିଡ ଦେଖିବାକୁ ମିଳିଛି। ଅଜଗର ସାପଟିର ଓଜନ ପାଖାପାଖି ୩୦ କିଲୋ ରହିଛି।

## ହାତୀ ମୃତ୍ୟୁ ଘଟଣାରେ ତିନି ଅଭିଯୁକ୍ତଙ୍କୁ ଗିରଫ କଲା ବନ ବିଭାଗ



**ବୈଶିଙ୍ଗା, ୧୪।୯ (ସଂଚାର ବ୍ୟୁରୋ):** ବେତନଟୀ ରେଞ୍ଜ ଅଧୀନ ବୈଶିଙ୍ଗା ଥାନା ସଇତପୁର ପଞ୍ଚାୟତର ଜାମଶୁଳୀ ଠାରେ ଗୁରୁବାର ମାଈ ହାତୀ ମୃତ୍ୟ  ଘଟଣାରେ ତିନି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କଲା ବେତନଟୀ ବନ ବିଭାଗ। ଜାମଶୁଳୀ ଗ୍ରାମର କିଛି ଧାନ ଚାଷୀ ହାତୀ ମାନଙ୍କ ଠାରୁ ନିଜ ଫସଲକୁ ରକ୍ଷା କରିବା ଉଦ୍ଦେଶ୍ୟରେ ଜାଣିଶୁଣି ଜିଆଇ ତାରରେ ବିଦ୍ୟୁତ ସଂଯୋଗ କରିଥିଲେ । ଯାହାର ଫଳ ସ୍ୱରୂପ ମାଈ ହାତୀ ସେହି ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିଥିଲା । ଯେଉଁ ଘଟଣା  ସାରା ମୟୂରଭଞ୍ଜ ଜିଲ୍ଲାରେ ଚହଳ ପକାଇଥିଲା । ଉକ୍ତ ଘଟଣାକୁ ନେଇ ବନ ବିଭାଗ ତଦନ୍ତ ଅନୁଯାୟୀ ଏହି ବିଦ୍ୟୁତ ତାର ସଂଯୋଗରେ ଜଡିତ ଥିବା ତିନି ଜଣ ଅଭିଯୁକ୍ତଙ୍କୁ  ଶୁକ୍ରବାର ଗିରଫ  ଆଜି ଶୁକ୍ରବାର ଗିରଫ କରିଥିଲା । ସେମାନେ ହେଲେ ଜାମଶୂଳୀ ଗ୍ରାମର ସୁରେନ୍ଦ୍ର ହେମ୍ବ୍ରମ (୩୫), ଦୁଖିଆ ମୁର୍ମୁ (୩୮) ଏବଂ ପୂର୍ଣ୍ଣଚନ୍ଦ୍ର ମହାନ୍ତ(୪୦) । ଆଜି ଉକ୍ତ ତିନି ଜଣଙ୍କ ଜାମିନ ନାମଞ୍ଜୁର ପରେ  ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ବନ ବିଭାଗ ତରଫରୁ  ଜଣାଯାଇଛି।

## ଯୋଗେଶ୍ୱର ମନ୍ଦିରରୁ ଚୋରି

**ସୁବର୍ଣ୍ଣପୁର, ୧୪।୯ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ସଦର ମହକୁମା ଛନଛାନ ଡୁଙ୍ଗୁରି ଠାରେ ଥିବା ଶ୍ରୀ ଶ୍ରୀ ଯୋଗେଶ୍ୱର ମନ୍ଦିରରୁ ୧୩ ତାରିଖ ମଧ୍ୟରାତ୍ରୀରେ ତାଲା ଭାଙ୍ଗି କେତେଜଣ ଦୁର୍ବୃତ୍ତ ପ୍ରାୟ ୩୦ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ନଗଦ ସହିତ ଆସବାବପତ୍ର ଆଦି ନେଇ ଯାଇଛନ୍ତି । ଆସବାବପତ୍ର ମଧ୍ୟରେ ଅଧିକାଂଶ ଇଲେକଟ୍ରିକ ସାମାନ, ସାଉଣ୍ଡ ବକ୍ସ, ପରାତ ଆଦି ଚୋରି ହୋଇଥିବା ଦେଖାଯାଇଛି । ମନେହେଉଛି କେତେକ ଅସାମାଜିକ ଲୋକ ଯେଉଁମାନେ ପ୍ରତିଦିନ ସଂଧ୍ୟାରୁ ରାତି ପର୍ଯ୍ୟନ୍ତ ନାନା ପ୍ରକାର ନିଶାଦ୍ରବ୍ୟ ସେବନ କରୁଥିବା ଦେଖାଯାଉଛି । ଏହାର ବିହିତ ତଦନ୍ତ କରି ପ୍ରତିକାର ବ୍ୟବସ୍ଥା କରିବାକୁ ପୁଲିସ ତଥା ପ୍ରଶାସନିକ କର୍ତ୍ତୃପକ୍ଷଙ୍କୁ ମନ୍ଦିର କମିଟି ତରଫରୁ ଅନୁରୋଧ କରାଯାଇଛି ।

## ଭେଡେନ ଗଣେଶ ପୂଜା ଉଦ୍‌ଯାପିତ



**ଭେଡେନ, ୧୪।୯ (ସଂଚାର ବ୍ୟୁରୋ):** ବରଗଡ଼ ଜିଲ୍ଲା ଭେଡେନ ତଳିପଡ଼ା ବୃକଦର ୟଙ୍ଗ ଏସୋସିଏସନ ପକ୍ଷରୁ ଚାଲିଥିବା ସପ୍ତାହ ବ୍ୟାପି ଗଣେଶ ପୂଜା ଉତ୍ସବ ଶନିବାର ଦିନ ଭସାଣି ସହ ଉଦଯାପିତ ହୋଇଛି । ଏହି ଭସାଣି ଉତ୍ସବର ମୁଖ୍ୟ ଆକର୍ଷଣ ଥିଲା ଆଦିବାସୀ ନୃତ୍ୟ ।  ବିଗତ ବର୍ଷ ଗୁଡିକରେ ଭିନ୍ନ ଭିନ୍ନ ସାମଗ୍ରୀରେ ଗଣେଶ ମୂର୍ତ୍ତି ନିର୍ମାଣ କରି ପ୍ରସିଦ୍ଧି ଲାଭ କରିଥିବା ଏହି ପୂଜା ରେ ଚଳିତ ବର୍ଷ ପିସ୍ତା ବାଦାମରେ ମୂର୍ତ୍ତି ନିର୍ମାଣ କରାଯାଇଥିଲା ।

## ପୋଖରୀରେ ବୁଡି ଯୁବକ ମୃତ

**ପାଟଣାଗଡ, ୧୪।୯ (ସଂଚାର ବ୍ୟୁରୋ):** ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ଥାନା କଂସାପଲା ଗ୍ରାମର ଜୟନ୍ତ ବନଗୁଲା (ମଣ୍ଟୁ) (୩୬) ଆଜି ସକାଳେ ନିଜ ଗାଁରେ ଥିବା ପୋଖରୀକୁ ଗାଧୋଇବାକୁ ଯାଇ ଫୁଲ ତୋଳିବା ପାଇଁ ପାଣି ଭିତରକୁ ପଶିଥିଲେ । ପୋଖରୀ ବହୁତ ଗଭୀର ଥିବାରୁ ପାଣି ଭିତରୁ ବାହାରକୁ ବାହାରି ପାରି ନଥିଲେ । ଗାଧୋଇବା ପାଇଁ ଆସିଥିବା କିଛି ସ୍ଥାନୀୟ ଯୁବକ ତାଙ୍କ ଘର ଲୋକଙ୍କୁ ଖବର କରିଥିଲେ । ପରିବାର ଲୋକେ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ପୋଲିସ ଏବଂ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ । ଘଟଣାର ଖବର ପାଇ ଖପ୍ରାଖୋଲ ପୋଲିସ ଏବଂ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ଶବକୁ ଉଦ୍ଧାର କରି ଖପ୍ରାଖୋଲ ଡାକ୍ତରଖାନାକୁ ଆଣିଥିଲେ । ଡାକ୍ତର ଜୟନ୍ତଙ୍କୁ ମୃତ ଘୋଷଣା କରିଥିବା ବେଳେ ପୋଲିସ ମୃତକଙ୍କ ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇଥିବା ଜଣାପଡିଛି। ଏନେଇ ଖପ୍ରାଖୋଲ ଥାନା ୟୁଡି କେସ୍ ନଂ ୧୩/୨୦୨୪ରେ ଏକ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ କରୁଥିବା ଖପ୍ରାଖୋଲ ଥାନାଧିକାରୀ ନରେନ୍ଦ୍ର ଛତ୍ର ପ୍ରକାଶ କରିଛନ୍ତି ।

## ଝାଡୁ ମାରିଲେ ପୌରାଧ୍ୟକ୍ଷା, ଉପାଧ୍ୟକ୍ଷ ଓ କାଉନସିଲର

**ନୟାଗଡ଼, ୧୪।୯ (ସଂଚାର ବ୍ୟୁରୋ):** ନୟାଗଡ଼ ପୌର ପରିଷଦ ପକ୍ଷରୁ ଚାଲିଛି ସମୁହ ସଫେଇ ଅଭିଯାନ । ଆଜିର ଏହି ଅଭିଯାନରେ ଝାଡୁ ଧରିଛନ୍ତି ନୟାଗଡ଼ ପୌରଧ୍ୟକ୍ଷା ନିରୁପମା ଖଟେଇ ଓ ଉପାଧ୍ୟକ୍ଷ ଗୁରୁ ପ୍ରସାଦ ଜେନା । ସଫେଇ କାର୍ଯ୍ୟ କରିବା ସହ ଲୋକ ମାନଙ୍କୁ ସଚେତନତା ବାର୍ତ୍ତା ଦେଇଛନ୍ତି । ନୟାଗଡ଼ ପୁରୁଣା ବସଷ୍ଟାଣ୍ଡ ଠାରୁ ହାଟପଦା ପର୍ଯ୍ୟନ୍ତ ସମୁହ ସଫେଇ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ପ୍ରତ୍ୟେକ ପରିବାର ଘରର ଅଳିଆକୁ ଦୁଆର ଆଗରେ ଡବାରେ ରଖିବା ପାଇଁ ପରାମର୍ଶ ଦିଆଯାଇଛି । ନୟାଗଡ଼ ପୁରୁଣା ବସ ଷ୍ଟାଣ୍ଡ ଠାରୁ ଉଭୟ ପାଶ୍ୱର୍ର ସଫେଇ କାର୍ଯ୍ୟ କରାଯାଇଛି। ଆଜିର ଏହି କାର୍ଯ୍ୟକ୍ରମରେ କାଉନସିଲର କିଶାନ ଦାସ ଲକ୍ଷ୍ମୀଧର ମହାପାତ୍ର, ସୁନୀତା ମହାପାତ୍ର, ଦୀନବନ୍ଧୁ ଗୁରୁ, ଅଳକା ନାୟକ, ଜାନକୀ ବଲ୍ଲଭ ଜେନା, ସାମ୍ବାଦିକ ତଥା ସମାଜସେବୀ ଶ୍ରୀକାନ୍ତ ଖଟେଇ ଓ କାଉନସିଲରଙ୍କ ପ୍ରତିନିଧି ଗଦାଧର ଜେନା ପ୍ରମୁଖ ସାମିଲ ହୋଇଥିଲେ । ଏଥି ସହିତ ପୌର କର୍ମଚାରୀ ମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

### ଆବାସ ମିଳିବ କହି ଘରୁ ଡାକି ନେଲେ

## ସରପଞ୍ଚଙ୍କ ବିରୋଧରେ ନାରା ଦେବାକୁ କହିଲେ

**କେନ୍ଦ୍ରାପଡ଼ା, ୧୪।୯ (ସଂଚାର ବ୍ୟୁରୋ):** ଆମକୁ ଆବାସ ଯୋଜନାରେ ଘର ମିଳିବ ବୋଲି କହି ଓସ୍ତପୁର ଗ୍ରାମପଞ୍ଚାୟତର ଜଣେ କୁଜି ନେତା ଘରୁ ଡାକି ନେଲେ । ଆମକୁ ଅଟୋ ଭଡ଼ା ବାବଦରେ ୨୦ ଟଙ୍କା ଲେଖାଏ ଦେଲେ । ଆମେ ଅଟୋରେ ବସି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆସିଲୁ । ହେଲେ ଏଠାରେ ସରପଞ୍ଚ ପ୍ରସନ୍ନ ରାଉତଙ୍କ ବିରୋଧରେ ଆନ୍ଦୋଳନରେ ଆମକୁ ସାମିଲ କଲେ ବୋଲି ଓସ୍ତପୁର ପଞ୍ଚାୟତରେ କେତେକ ମହିଳା କହିଛନ୍ତି ।

ମହିଳାମାନେ କହିଛନ୍ତି ଜଣେ କୁଜିନେତା ଚିତରଞ୍ଜନ ସ୍ୱାଇଁ ଆମ ପାଖକୁ ଆସିଲେ । କହିଲେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଯିବା । ସେଠାକୁ ଗଲେ ତୁମମାନଙ୍କ ଚାଳ ଛପର ଘର ଆଉ ରହିବ ନାହିଁ । ତୁମମାନଙ୍କୁ ତତ୍‌କ୍ଷଣାତ ଛାତ ଘର କରିବା ପାଇଁ ଆବାସ ଯୋଜନାରେ ହିତାଧିକାରୀ କରି ଦିଆଯିବ । ଏହାଦ୍ୱାରା ତୁମମାନଙ୍କ ଜୀବନ ବଦଳିଯିବ । ହେଲେ ଏହା ପଛରେ ଯେ ଏତେବଡ଼ ଷଡ଼ଯନ୍ତ୍ର ରହିଥିଲା ତାହା ଆମେ ଜାଣି ପାରିଲୁ ନାହିଁ । ଆମ ପଞ୍ଚାୟତର ସଚ୍ଚୋଟ ଓ ସାଧୁତା ପଣିଆ ରଖିଥିବା ସରପଞ୍ଚଙ୍କ ବିରୋଧରେ ଆମକୁ ଗୋଟି ଭାବେ ବ୍ୟବହାର କଲେ । ଘର ପାଇବା ଆଶାରେ ଆମେ ଆସିଲୁ । ହେଲେ ଏଠାରେ ଆମକୁ ଏକ ଶୋଭାଯାତ୍ରାରେ ସାମିଲ କରି ସରପଞ୍ଚଙ୍କ ବିରୋଧରେ ନାରା ଦେବାକୁ କହିଲେ । ଫଳରେ ଆମେ ଶୋଭାଯାତ୍ରାରୁ ନିଜକୁ ଦୁରେଇ ରଖିଲୁ ବୋଲି ମହିଳାମାନେ କହିଛନ୍ତି । ସେମାନେ କହିଛନ୍ତି ସରପଞ୍ଚ ପଞ୍ଚାୟତରେ ବିଭିନ୍ନ ପ୍ରକାରର ଉନ୍ନୟନମୂଳକ କାର୍ଯ୍ୟ କରିଛନ୍ତି । ତାଙ୍କ ବିରୋଧରେ ଆମର କିଛି ଅଭିଯୋଗ ନାହିଁ । ତେଣୁ ଏଭଳି ଜଣେ ସଚ୍ଚୋଟ ଓ ଦାୟିତ୍ୱବାନ ସରପଞ୍ଚଙ୍କ ବିରୋଧରେ ଆମକୁ ମତାଇବା ସଂପୃକ୍ତ କୁଜିନେତାଙ୍କ ପାଇଁ ବହୁତ ମହଙ୍ଗା ପଡିବ ବୋଲି ମହିଳାମାନେ କହିଛନ୍ତି ।

ସୂଚନା ଥାଉକି ଓସ୍ତପୁର ପଞ୍ଚାୟତର କେତେକ ମହିଳା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ। ତାଙ୍କୁ ଆଣିଥିବା ଚିତରଞ୍ଜନ ସ୍ୱାଇଁ ନାମକ ବ୍ୟକ୍ତି ସେମାନଙ୍କୁ ସରପଞ୍ଚଙ୍କ ବିରୋଧରେ ନାରା ଦେବାକୁ କହିଥିଲେ। ହେଲେ ମହିଳାମାନେ ଏହା ଜାଣିବା ପରେ ଆନ୍ଦୋଳନରୁ ଛତ୍ରଭଙ୍ଗ ଦେଇଥିଲେ। ସରପଞ୍ଚ ଶ୍ରୀ ରାଉତଙ୍କୁ ପଞ୍ଚାୟତର ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ପଚାରିବାରୁ ସେ କହିଲେ ଏହି ପଞ୍ଚାୟତରେ ଯେଉଁସବୁ ଉନ୍ନୟନମୂଳକ କାର୍ଯ୍ୟ ହୋଇଛି ତାହାକୁ ବ୍ଲକ ପ୍ରଶାସନ ସହ ପଞ୍ଚାୟତର ସାଧାରଣ ଲୋକେ କହିବେ। ସରକାରଙ୍କ ପକ୍ଷରୁ ଗତ ଅଢେଇ ବର୍ଷ ମଧ୍ୟରେ ଯେଉଁ ସବୁ ଯୋଜନାରେ ଅର୍ଥ ଆସିଛି ତାହାର ଶତ ପ୍ରତିଶତ ଖର୍ଚ୍ଚ ହୋଇଛି। ଗୋଟିଏ ଟଙ୍କା ବାଟ ମାରଣା ହେବାକୁ ସେ ଦେଇ ନାହାଁନ୍ତି ବୋଲି ପ୍ରକାଶ କରିଛନ୍ତି ।ଏହା ଗୋଟେ ପ୍ରାୟୋଜିତ କାର୍ଯ୍ୟକ୍ରମ ବୋଲି ଶ୍ରୀ ରାଉତ କହିଛନ୍ତି।



## ଫ୍ଲୋରେନ୍ସ ନାଇଟିଙ୍ଗେଲ ପୁରସ୍କାରପ୍ରାପ୍ତ ନର୍ସିଂ ସିଷ୍ଟର ସଂଯୁକ୍ତାଙ୍କୁ ମାଲକାଗିରିରେ ସମ୍ବର୍ଦ୍ଧନା

**ମାଲକାନାଗିରି, ୧୪।୯ (ସଂଚାର ବ୍ୟୁରୋ):** ମାଲକାନଗିରି ଉତ୍ତମ ରୋଗୀ ସେବା କ୍ଷେତ୍ର ଜାତୀୟସ୍ତରରେ ନିଜକୁ ପରିଚିତ କରାଇପାରିଥିବା ନର୍ସିଂ ସିଷ୍ଟର ସଂଯୁକ୍ତା ସେଠୀ ଦିଲ୍ଲୀରେ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୋପଦି ମୁର୍ମୁଙ୍କ ଦ୍ୱାରା ପୁରସ୍କୃତ ହେବା ପରେ ସେ ଆଜି ମାଲକାନଗିରି ଫେରିଛନ୍ତି । ସଦର ବସଷ୍ଟାଣ୍ଡ ଠାରେ ଶ୍ରୀମତୀ ସଂଯୁକ୍ତାସେଠୀ ଙ୍କୁ ମେଡିକାଲରେ କାର୍ଯ୍ୟରତ ଡାକ୍ତର,ଫର୍ମାଶିଷ୍ଟ ଓ ନର୍ସିଂ ସହଯୋଗୀ ମିଳିତ ଭାବେ  ବସ୍ଥୁ ଫୁଲତୋଡା ଦେଇ ସ୍ୱାଗତ କରିବା ସହ ପାଛୋଟି ନେଇଥିଲେ ।  ଆଦିବାସୀ ଅଧ୍ୟୁଷିତ ମାଲକାନଗିରି ଜିଲ୍ଲାରେ ନିଜର ରୋଗୀସେବା ବ୍ରଜ୍ୟବସ୍ଥୁ ପରିଚାଳନା ଓ ଅନ୍ୟାନ ସେବା ପାଇଁ ସେ ରାଜ୍ୟ ସରକାରଙ୍କ ତରଫରୁ ଯୋଗ୍ୟ ବିବେଚିତ ହୋଇ ସେ ଏହି ପୁରସ୍କାର ଓ ମାନପତ୍ର ପାଇଥିଲେ  ମଧ୍ୟ ଏହାର ଶ୍ରେୟ ସେ ନିଜ ଜିଲ୍ଲାବାସୀ,ସହକର୍ମୀ ଓ ସ୍ୱାସ୍ଥ୍ୟକେନ୍ଦ୍ରର ବରିଷ୍ଠ ଅଧିକାରୀଙ୍କୁ ଦେଇଛନ୍ତି । ସେ କହିଛନ୍ତି ଯେ ସମଗ୍ର ରାଜ୍ୟରୁ ୭ଜଣଙ୍କ ମଧ୍ୟରେ ସେ ଚୟନ ହୋଇ ନିଜକୁ ଗର୍ବିତ ମନେ କରୁଛନ୍ତି । ସାରାଦେଶ ରେ ଏହି ସମ୍ବର୍ଦ୍ଧନା ଉତ୍ସବ ରେ ପାଇଁ ୧୫ଜଣଙ୍କ  ଚୟନ ହୋଇଥିବା ବେଳେ ଓଡିଶାରୁ ସେ ଜଣେ ପ୍ରତିନିଧିତ୍ୱ କରିଥିବା ଗଣମାଧ୍ୟମ ପ୍ରତିନିଧିଙ୍କ ନିକଟରେ ବକ୍ତବ୍ୟ ରଖିଛନ୍ତି। ଆଜି ଏହି ସମ୍ବର୍ଦ୍ଧନା ସମୟରେ ଡାଃ କବିତା ସ୍ୱାଇଁ, ଫର୍ମାଶିଷ୍ଟ ଶତବିର ସିଂ ରେୟାର ଅନ୍ୟ ସହଯୋଗୀ ଶ୍ରୀମତୀ ରୀତା ମାଝି, ସଞ୍ଜୁଲତା ଶେଠୀ,ସାବିତ୍ରୀ ପୂଜାରୀ ,ନମିତା ସ୍ୱାଇଁ। ଗୌରି ନାହାକ,ସୁପ୍ରଭା ବାରିକ, ଭାରତି ବେହେରା ଉପସ୍ଥିତ ରହିଥିଲେ ।

## ସୁଭଦ୍ରା ଯୋଜନାରେ ୧ ଲକ୍ଷ ୩ ହଜାର ୮୬ ପଞ୍ଜୀକୃତ

**ଜିଲ୍ଲାର ବରିଷ୍ଠ ଅଧିକାରୀ ସହ ବ୍ଲକ ନୋଡାଲ ଅଧିକାରୀଙ୍କ ବିଭିନ୍ନ ସେବା କେନ୍ଦ୍ରରେ ତଦାରଖ**

**ସୁବର୍ଣ୍ଣପୁର, ୧୪।୯ (ସଂଚାର ବ୍ୟୁରୋ):** ମହିଳା ସଶକ୍ତିକରଣ ନେଇ କାର୍ଯ୍ୟକାରୀ କରାଯାଉଥିବା ସରକାରଙ୍କ ପ୍ରମୁଖ ଯୋଜନା ସୁଭଦ୍ରା ପାଇଁ ପଞ୍ଜିକରଣ କାର୍ଯ୍ୟ ଆଗେଇ ଚାଲିଛି। ଜିଲ୍ଲାରେ ଫର୍ମ ବିତରଣରେ କୌଣସି ସମସ୍ୟା ନ ଥିବା ବେଳେ ପ୍ରାୟ ସମସ୍ତଙ୍କ ପାଖକୁ ଫର୍ମ ପହଞ୍ଚାଇ ଦିଆଯାଇପାରିଛି । ଜିଲ୍ଲା ପାଇଁ ଆବଶ୍ୟକ ଫର୍ମ ମୁଦ୍ରଣ ପରେ ବି ଅଧିକ ଫର୍ମ ମୁଦ୍ରଣ କରାଯାଇଛି। ସରକାରଙ୍କ ଦ୍ୱାରା ଜାରୀ ମାର୍ଗ ଦର୍ଶିକା ଅନୁଯାୟୀ ପଞ୍ଜିକରଣ କାର୍ଯ୍ୟକୁ ସରଳୀକରଣ କରାଯାଇଥୁବାରୁ ଆଗ ଭଳି ପଞ୍ଜିକରଣ ଓ.ଟି.ପି. ଆଧାରିତ ଦିଆଯାଉନାହିଁ।  ଇ-କେୱାଇସି କୁ ପ୍ରାଧାନ୍ୟ ଦିଆଯାଉନାହିଁ ଅଥବା ପଞ୍ଜିକରଣ ପାଇଁ କୌଣସି ଶେଷ ଧାର୍ଯ୍ୟ ତାରିଖ ନାହିଁ। ସେପ୍ଟେମ୍ବର ୧୭ ପୂର୍ବରୁ ଯେପରି ସର୍ବାଧିକ ସଂଖ୍ୟାରେ  ମହିଳା ପଞ୍ଜିକୃତ ହୋଇପାରିବେ ସେଥିପାଇଁ ଜିଲ୍ଲାପ୍ରଶାସନ ଦ୍ୱାରା ସବୁ ପ୍ରକାର ପରିଚାଳନା ବ୍ୟବସ୍ଥା ଉପରେ ତୀକ୍ଷ୍ଣ ଦୃଷ୍ଟି ରଖାଯାଉଛି। ସୁବର୍ଣ୍ଣପୁର ଜିଲ୍ଲାର ୨ ଲକ୍ଷ ୫୦ ହଜାର ପାଖାପାଖି ଯୋଗ୍ୟ ମହିଳା ଏହି ଯୋଜନାରେ ଯୋଡ଼ି ହେବାନେଇ ପ୍ରଶାସନ ତରଫରୁ ଆକଳନ କରାଯାଇଛି। ବର୍ତ୍ତମାନ ସୁଦ୍ଧା ୧ ଲକ୍ଷ ୩ ହଜାର ୮୬ ଅନଲାଇନ ଆବେଦନ ହୋଇ ସାରିଥିବା ପ୍ରଶାସନ ତରଫରୁ ସୂଚନା ପ୍ରଦାନ କରାଯାଇଛି । ବର୍ତ୍ତମାନ ସୁଦ୍ଧା ୧ ଲକ୍ଷ ୩ ହଜାର ମହିଳା ପଞ୍ଜିକୃତ ହୋଇସାରିଥିବା ଏବଂ ଆବେଦନ ପ୍ରକ୍ରିୟା ପୂର୍ବାପେକ୍ଷା ସରଳୀ କରଣ ହୋଇଥିବା ତଥା ସୁଭଦ୍ରା ଯୋଜନା ଉଦଘାଟନ ଆଉ ୩ ଦିନ ବାକିଥିବାରୁ ସର୍ବାଧିକ ସଂଖ୍ୟକ ପଞ୍ଜିକରଣ ହୋଇପାରିବ। ଜିଲ୍ଲାରେ  ୩୦୪ଜନ ସେବା କେନ୍ଦ୍ର  ଓ ୧୭୨ ମୋ ସେବା କେନ୍ଦ୍ର



ଜରିଆରେ ପଞ୍ଜିକରଣ କାର୍ଯ୍ୟ ଚାଲୁ ରହିଛି। ଏହି ପଞ୍ଜିକରଣ କାର୍ଯ୍ୟ ପାଇଁ କୌଣସି ସି ଏସ ସି ଅଥବା ମୋ ସେବା କେନ୍ଦ୍ର ପରିଚାଳକ ଅର୍ଥ ଦାବି କରୁଥିବା ପ୍ରମାଣ ମିଳିଲେ କେନ୍ଦ୍ର ବିରୁଦ୍ଧରେ ଆଇନାନୁମୋଦିତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଏହି ଆବେଦନ ପ୍ରକ୍ରିୟା କାର୍ଯ୍ୟର ବ୍ୟବସ୍ଥିତ ସୁପରିଚାଳନା ନିମନ୍ତେ ଜିଲ୍ଲାର ସମସ୍ତ କେନ୍ଦ୍ର କୁ ସମ୍ପୃକ୍ତ ନୋଡାଲ ଅଧିକାରୀ ଓ ବରିଷ୍ଠ ଅଧିକାରୀ ବୃନ୍ଦ ପରିଦର୍ଶନ କରି କାର୍ଯ୍ୟର ତଦାରଖ କରିବା ସହ ଉପସ୍ଥିତ ହିତାଧିକାରୀଙ୍କ ସହ ଆଲୋଚନା କରୁଛନ୍ତି। ଯୋଜନାର ଶୁଭାରମ୍ଭ ସେପ୍ଟେମ୍ବର ୧୭ ରେ ହେବାକୁ ଥିବା ବେଳେ  ପ୍ରଥମ କିସ୍ତିରେ ୫ ହଜାର ଟଙ୍କାପ୍ରଦାନ କରାଯିବ।

## ମାଲକାନଗିରିରେ ତୃତୀୟ ଜାତୀୟସ୍ତରୀୟ ଲୋକ ଅଦାଲତ

**ମାଲକାନାଗିରି, ୧୪।୯ (ସଂଚାର ବ୍ୟୁରୋ):** ମାଲକାନଗିରି ରାଜ୍ୟ ଆଇନ ସେବା ପ୍ରାଧିକରଣ ନିର୍ଦ୍ଦେଶ କ୍ରମେ ଆଜି ତା ୧୪.୦୯.୨୦୨୪ରିଖ ମାଲକାନଗିରି ଜିଲ୍ଲା ଆଇନ ସେବା ପ୍ରାଧିକରଣ, ତାଲୁକ ଆଇନ ସେବା ପ୍ରାଧିକରଣ ମୋଟୁ ଏବଂ ଜେଏମ୍ଏଫ୍‌ସି ମାଥିଲି  ଓ ଜେଏମ୍ଏଫ୍‌ସି କୁଡୁମୁଲୁ ଗୁମ୍ମା, ଗ୍ରାମ ନ୍ୟାୟଳୟ, କୋରୁକୋଣ୍ଡା, ମାଲକାନଗିରି  ଦ୍ୱାରା ତୃତୀୟ  ଜାତୀୟ ସ୍ତରୀୟ ଲୋକ ଅଦାଲତ ମାଲକାନଗିରିର ସମସ୍ତ ବିଚାରଳୟ ତଥା ମାଥିଲି , ମୋଟୁ, କୁଡୁମୁଲୁଗୁମ୍ମା ଠାରେ ମଧ୍ୟ ଅନୁଷ୍ଠିତ ହୋଇ ଯାଇ ଅଛି ।ଏହି ଲୋକ ଅଦାଲତ ରେ ଅନ୍ୟ ମାନଙ୍କ ମଧ୍ୟ ରେ ମାଲକାନଗିରି ଜିଲ୍ଲା ଜଜ ତଥା ଆଇନ ସେବା ପ୍ରାଧିକରଣ ର ଅଧକ୍ଷ୍ୟ  ଡାଃ ପ୍ରସନ୍ନ କୁମାର ପଣ୍ଡା , ଅତିରିକ୍ତ ଜିଲ୍ଲା ଜଜ ଶ୍ରୀଯୁକ୍ତ ଶାନ୍ତନୁ କୁମାର ଦାସ, ମୁଖ୍ୟ ବିଚାର ବିଭାଗୀୟ ଦଣ୍ଡାଧିକାରୀ ଶ୍ରୀଯୁକ୍ତ ସତ୍ୟପ୍ରିୟ ଦାସ ,  ବରିଷ୍ଠ ଦେୱାନୀ ବିଚାରପତି ଶ୍ରୀ ବିଜୟ କୁମାର ଦାସ , ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ତଥା ବରିଷ୍ଠ ଦେୱାନୀ ବିଚାରପତି ସୁଶ୍ରୀ ସଂଗୀତା ପାତ୍ର , ଉପଖଣ୍ଡ ଦଣ୍ଡାଧିକରି ଶ୍ରୀମତୀ ପ୍ରତିମା ସାହୁ ଏବଂ ଗ୍ରାମ ନ୍ୟାଧିକାରୀ  ଦେବେନ୍ଦ୍ରନାଥ ବାଘ, ପ୍ରଥମ ଶ୍ରେଣୀ ଦଣ୍ଡାଧିକରି ,ମାଥିଲି ଶ୍ରୀଯୁକ୍ତ ପଦ୍ମନାଭ ମାଝି , ପ୍ରଥମ ଶ୍ରେଣୀ ଦଣ୍ଡାଧିକାରୀ ,ମୋଟୁ  ଶ୍ରୀଯୁକ୍ତ ପ୍ରବୀଣ କୁମାର  ହୋତା, ପ୍ରଥମ ଶ୍ରେଣୀ ଦଣ୍ଡାଧିକାରୀ, କୁଡୁମୁଲୁ ଗୁମ୍ମା  ଶ୍ରୀମତୀ ବିମଳ ଲକ୍ଷ୍ମୀ ଚୌଧୁରୀ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ  ପ୍ରକାର ମୋକଦମା  ର ଫଇସଲା କରିଥିଲେ । ଏହି ଜିଲ୍ଲାସ୍ତରୀୟ ଲୋକ ଅଦାଲତ ରେ ମୋଟ ୮୪୬ଟି  ମକଦ୍ଦମର ଫଇସଲା କରାଯାଇ  ୬୫୫୮୧୭୮ଟଙ୍କା ଧାର୍ଯ୍ୟ କରାଯାଇଥିଲା। ଏହି ଲୋକ ଅଦାଲତରେ ଜିଲ୍ଲା କୋର୍ଟ, ଅତିରିକ୍ତ ଜିଲ୍ଲା ଜଜ କୋର୍ଟ, ସବ ଜଜ କୋର୍ଟ, ଏସଡ଼ିଜେଏମ କୋର୍ଟ ,ମୋଟୁ ଜେଏମଏଫସି କୋର୍ଟ, ମାଥିଲି  ଜେଏମଏଫସି କୋର୍ଟ, କୁଡୁମୁଲୁଗୁମ୍ମା ଜେଏମଏଫସି କୋର୍ଟ  ଓ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ମାଲକାନଗିରି, ତାଲୁକ ଆଇନ ସେବା ସମିତି ,ମୋଟୁ  ଓ ଆଇନସେବା ପ୍ରତିପକ୍ଷ ଓକିଲଙ୍କ କାର୍ଯ୍ୟାଳୟ ର ସମସ୍ତ କର୍ମଚାରୀ ଓ ମାଲକାନଗିରି ଓ ମୋଟୁ ର  ଓକିଲ ସଂଘ ର ସଭ୍ୟ ଗଣ  ଉପସ୍ଥିତ ରହି ଅଦାଲତ କାର୍ଯ୍ୟ ରେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

## ୧୭ରୁ ବାହାରିବ କୋଶଳ ଅସ୍ମିତା ରଥ

**ସୁବର୍ଣ୍ଣପୁର, ୧୪।୯ (ସଂଚାର ବ୍ୟୁରୋ):** ପାଟଣାଗଡ କୋଶଳେଶ୍ୱରୀ ମନ୍ଦିରରୁ ବୈଦ୍ୟନାଥ କୋଶଳେଶ୍ୱର ମନ୍ଦିର ପର୍ଯ୍ୟନ୍ତ ଦଶଟି ଜିଲ୍ଲା ବୁଲି ସଚେତନ କରିବ ରଥ। ପଶ୍ଚିମ ଓଡିଶାର ଅସ୍ମିତା ବର୍ତ୍ତମାନ ଘୋର ସଂକଟରେ ପଡିଛି । ଏହାର ଭାଷା ସଂସ୍କୃତି ତଥା ଅସ୍ମିତାର ସୁରକ୍ଷା ଓ ସଂମୃଦ୍ଧି ସକାଶେ ସାଧାରଣ ଜନତାକୁ ସଚେତନ କରିବା ନିମନ୍ତେ ବଲାଂଗିର, କଳାହାଣ୍ଡି, ନୁଆପଡା, ବରଗଡ, ସମ୍ବଲପୁର, ଝାରସୁଗୁଡା, ସୁନ୍ଦରଗଡ, ଦେବଗଡ, ବୌଦ୍ଧ, ସୁବର୍ଣ୍ଣପୁର ଆଦି ଦଶଟି ଜିଲ୍ଲାରେ କୋଶଳ ଅସ୍ମିତା ରଥ ବୁଲିବା ସହ ପ୍ରତି ଜିଲ୍ଲା ସଦର ମହକୁମାରେ ସାଧାରଣ ଜନତା, ଯୁବଶକ୍ତି, ମାତୃଶକ୍ତି, ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ, ନେତୃମଣ୍ଡଳୀ ଓ ଗଣମାଧ୍ୟମ ପ୍ରତିନିଧିମାନଂକୁ ନେଇ ସଭା ସମିତି ଅନୁଷ୍ଠାନ କରିବାକୁ କୋଶଳ ସାହିତ୍ୟ ସଂସ୍କୃତି ଏକାଡେମି ଓ କୋଶଳ ହେରିଟେଜ ଟ୍ରଷ୍ଟ ତରଫରୁ ନିଷ୍ପତି ହୋଇଛି । ଏହି କୋଶଳ ଅସ୍ମିତା ରଥ ଚଳିତ ସେପ୍ଟେମ୍ବର ୧୭ ତାରିଖ ବଲାଂଗିର ଜିଲ୍ଲା ପାଟଣାଗଡ କୋଶଳେଶ୍ୱରୀ ମନ୍ଦିରରୁ ବାହାରି ୨୩ ତାରିଖ ସୁବର୍ଣ୍ଣପୁର ଜିଲ୍ଲାର ବୈଦ୍ୟନାଥ କୋଶଳେଶ୍ୱର ମନ୍ଦିରରେ ଯାତ୍ରା ଶେଷ ହେବ । ଏହି ଯାତ୍ରା ସମୟରେ ରାସ୍ତାରେ ପଡୁଥିବା ବିଭିନ୍ନ ସହର ଓ ଗ୍ରାମରେ ପଥପ୍ରାନ୍ତ ସଭା ହେବ । ଏହି କାର୍ଯ୍ୟକ୍ରମରେ ଏକାଡେମୀର ସଭାପତି ପଦ୍ମଶ୍ରୀ ଡ.ଶ୍ରୀନିବାସ ଉଦଗାତା, ଉପସଭାପତି ପଦ୍ମଶ୍ରୀ ହଳଧର ନାଗ, ପ୍ରମୁଖ ବିଶିଷ୍ଟ ବ୍ୟକ୍ତି ସମ୍ମାନିତ ଅତିଥି ଭାବେ ଯୋଗଦାନ କରିବାକୁ ସମ୍ମତି ପ୍ରଦାନ କରିଛନ୍ତି । ଉପରୋକ୍ତ କାର୍ଯ୍ୟକ୍ରମରେ ବିପୁଳ ସଂଖ୍ୟାରେ ଜନସାଧାରଣ ଯୋଗଦାନ କରିବାକୁ ଏକାଡେମୀର ସାଧାରଣ ସଂପାଦକ ଗୋରେଖନାଥ ସାହୁ ଓ ଯୁଗ୍ମ ସଂପାଦକ ସାକେତ ଶ୍ରୀଭୂଷଣ ସାହୁ ଅନୁରୋଧ କରିଛନ୍ତି ।

## ପ୍ରାଥମିକ ଶିକ୍ଷକ ସଂଘର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର




**ବୋରିଗୁମ୍ମା, ୧୪।୯ (ସଂଚାର ବ୍ୟୁରୋ):** କୋରାପୁଟ ଜିଲ୍ଲାର ବୋରିଗୁମ୍ମା ଠାରେ ପ୍ରାଥମିକ ଶିକ୍ଷକମାନଙ୍କୁ ପଦୋନ୍ନତିରେ ଏବଂ ଓଟିଇଟି ଯୋଗ୍ୟତାକୁ ଲାଗୁ ନ କରିବା ପାଇଁ ଆଜି ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଶନିବାର ସକାଳ ୧୦ଟା ସମୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ପ୍ରାଥମିକ ଶିକ୍ଷକ ସଂଘର କର୍ମକର୍ତ୍ତାମାନେ ଗୋଷ୍ଠିଶିକ୍ଷାଧିୱରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିଭିନ୍ନ ସ୍ଲୋଗାନ ଦେଇ ଦାବିପତ୍ର ବିଇଓ ସଚିନ ମଲ୍ଲିକଙ୍କୁ ପ୍ରଦାନ କରିଥିଲେ। ଏହି ଦାବିପତ୍ର ପ୍ରଦାନ ସମୟରେ  ବୋରିଗୁମ୍ମା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ର ସଭାପତି ମୃତ୍ୟୁଞ୍ଜୟ ପଣ୍ଡା, ସମ୍ପାଦକ ଏନ୍.କାମେଶ୍ୱର ରାଓ, ଉପସଭାପତି ଲଲୀତ କୁମାର ପଟ୍ଟନାୟକ,ମନୁ ସାହୁ, ହରିହର ଶତପଥୀ,ନୀଳକଣ୍ଠ ଭାତଭୋଇ ,ସହ ସମ୍ପାଦକ ପ୍ରଶାନ୍ତ କୁମାର ଗୈଡ , କୋଷାଧ୍ୟକ୍ଷ ବିନାୟକ ପୂଜାରୀ , ରମାକାନ୍ତ ମହାପାତ୍ର, ଅନୀଲ କୁମାର ଦେବତା,ଲବ ପେଣ୍ଠିଆ, ପ୍ରଫୁଲ୍ଲ ନାୟକ, ପଦ୍ମନାଭ ପେଣ୍ଠିଆ,ବିଶୁ,କମଲୁ ଭତରା,ସୁତମ ବିଷୋୟୀ ,ବାପି ନାୟକ,ତଥା କୁମୁଲି ପ୍ରାଥମିକ ଶିକ୍ଷକ ସଂଘ ର ସମସ୍ତ କର୍ମ କର୍ତ୍ତା ସମେତ ଶତାଧିକ ଶିକ୍ଷକ ଶିକ୍ଷୟତ୍ରୀ ଯୋଗଦାନ କରିଥିଲେ

## ଇତିଶ୍ରୀ ହେଲେ ଖୋର୍ଦ୍ଧା ରେଳବାଇ ଡିଭିଜନ୍ ପରାମର୍ଶଦାତା କମିଟି ସଦସ୍ୟ

**ବ୍ୟାସନଗର, ୧୪।୯ (ସଂଚାର ବ୍ୟୁରୋ):** ବିଜେପି ନେତ୍ରୀ  ତଥା ରାଜ୍ୟ ବିଜେପି ମହିଳା ମୋର୍ଚ୍ଚା ସଂପାଦିକା ଇତିଶ୍ରୀ ଜେନା ଖୋର୍ଦ୍ଧା ଡିଭିଜନ୍ ରେଳବାଇ ପରାମର୍ଶଦାତା କମିଟି(ଡିଆରୟୁସିସି)  ଡିଭିଜନାଲ ରେଲୱେ ୟୁଜର୍ସ କନସଲଟେଟିଭ କମିଟି ସଦସ୍ୟଭାବେ ମନୋନୀତ ହୋଇଛନ୍ତି। ଯାଜପୁର ସାଂସଦ ଡ. ରବିନାରାୟଣ ବେହେରାଙ୍କ ସୁପାରିଶ କ୍ରମେ ୨୦୨୪-୨୬ ଦୁଇବର୍ଷ ପାଇଁ ସେ ଏହି ଦାୟିତ୍ୱ ନିର୍ବାହ କରିବେ ।  ଏହି ଖବର ଜଣାପଡିବାପରେ



ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି । ଏଥିପାଇଁ ସେ କୋରେଇ ବିଧାୟକ ଆକାଶ ଦାସ ନାୟକ, ସାଂସଦ ଡ.ବେହେରା, ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ କୃତଜ୍ଞତା ଜଣାଇଛନ୍ତି । ନିଜ କାର୍ଯ୍ୟକାଳ ସମୟରେ ସେ ଯାଜପୁରରୋଡ ରେଳ ଷ୍ଟେସନ ସମେତ ବିଭିନ୍ନ ରେଳଷ୍ଟେସନ ସମସ୍ୟାକୁ ବୈଠକରେ ଉପସ୍ଥାପନ କରିବାକୁ ଦାବି କରିବେ ବୋଲି ନିର୍ଭୟ ସୂଚନାକୁ କହିଛନ୍ତି ।

## ଓଡ଼ିଶା ଆଦର୍ଶ ବିଦ୍ୟାଳୟର ପ୍ରତିଷ୍ଠା ଦିବସ

**ଖଣ୍ଡପଡ଼ା, ୧୪।୯ (ସଂଚାର ବ୍ୟୁରୋ):** ଭାପୁର ବ୍ଲକ ଫତେଗଡ ଗ୍ରାମରେ ଅବସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟ ପରିସରରେ ଶନିବାର ଦିନ ୧୦ମ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ, ଆୟୋଜିତ ସଭାରେ ବିଦ୍ୟାଳୟର ଅଧ୍ୟକ୍ଷା ଶ୍ରୀମତୀ ପଦ୍ମିନୀ ବାରିକ ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥି ଭାବରେ ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ପ୍ରଫୁଲ୍ଲ କୁମାର ମହାନ୍ତି, ସମ୍ମାନିତ ଅତିଥି ଭାବରେ ସ୍ଥାନୀୟ ପଞ୍ଚାୟତ ସରପଞ୍ଚ ମଞ୍ଜୁଲତା ସେଠି ଓ ଖଣ୍ଡପଡ଼ା ଆଦର୍ଶ ବିଦ୍ୟାଳୟ ର ଅଧ୍ୟକ୍ଷ ବିଦ୍ୟାଧର ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ । ବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରଥମେ ଅତିଥି ସ୍ୱାଗତମ୍ ସଙ୍ଗୀତ ଗାନ କରାଯାଇ, ପୁଷ୍ପ ଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧନା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଏଥିସହିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହିତ ବିଭିନ୍ନ ପ୍ରତିଯୋଗିତା ରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

## ଜିଲ୍ଲା ଯୁବ ରେଡକ୍ରସ ସମିତିର କାର୍ଯ୍ୟକାରୀ ବୈଠକ

**ଖୋର୍ଦ୍ଧା, ୧୪।୯ (ସଂଚାର ବ୍ୟୁରୋ):** ଖୋର୍ଦ୍ଧା ଜିଲ୍ଲା ଯୁବ ରେଡକ୍ରସ୍ ସମିତି କାର୍ଯ୍ୟକାରୀ ବୈଠକ ସଂପ୍ରତି ପ୍ରାଣନାଥ ସ୍ୱୟଂ ଶାସିତ ମହାବିଦ୍ୟାଳୟର ମୈତ୍ରୀ ଭବନ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ଜିଲ୍ଲାର ବିଭିନ୍ନ କଲେଜରୁ ଯୁବ ରେଡକ୍ରସ୍ ପରାମର୍ଶଦାତାମାନେ ଯୋଗଦେଇ ଶିକ୍ଷାବର୍ଷ ଗୁଡିକରେ ହେଉଥିବା କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ଉଦଘାଟନୀ ଉତ୍ସବରେ ମୁଖ୍ୟବକ୍ତା ଭାବରେ ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ ଯୋଗଦେଇ ଯୁବକମାନଙ୍କ ଯୁବ ସୁଲଭ ବ୍ୟକ୍ତିତ୍ୱ ସମାଜରେ ପରିବର୍ତ୍ତନ ଆଣିପାରିବ ବୋଲି ପ୍ରକାଶ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ଃ ପ୍ରଣବ କିଶୋର ମହାନ୍ତି ଉପସ୍ଥିତ ବ୍ୟକ୍ତି ବିଶେଷଙ୍କୁ ରେଡକ୍ରସ୍ ଦିବସରେ ଶପଥପାଠ କରାଇ ଏହାର ମହାନତା ଉପରେ ମତବ୍ୟକ୍ତ କରିଥିଲେ। ଜିଲ୍ଲା ଯୁବ ରେଡକ୍ରସର ଆବାହକ ଗଦାଧର ସାହୁ ବିଗତ ବର୍ଷ ଗୁଡ଼ିକରେ ହୋଇଥିବା କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ସଂଯୋଜକ ରଞ୍ଜନ କୁମାର ମହାପାତ୍ର ଜିଲ୍ଲାର ବହୁମୁଖି କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ।ପଦାର୍ଥ ବିଜ୍ଞାନର ଅଧ୍ୟାପକ ସୁବୋଧ କୁମାର ଜଗଦେବ ଅତିଥି ପରିଚୟ ପ୍ରଦାନ କରିଥିଲେ। ବାଳିକା



ବିଭାଗର ଯୁବ ରେଡକ୍ରସଦାତ୍ରୀ ତଥା ଦର୍ଶନ ବିଭାଗର ଅଧ୍ୟାପିକା ପୁଷ୍ପିତା ପ୍ରିୟମ୍ବଦା ତ୍ରିପାଠୀ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିବା ସହିତ ବିବରଣୀ ପାଠ କରିଥିଲେ। ଇତିହାସ ବିଭାଗ ଅଧ୍ୟାପକ ରବି ନାରାୟଣ ସ୍ୱାଇଁ ସହଯୋଗ କରିଥିଲେ ।

### ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

## ନୟାଗଡ଼ ଜିଲ୍ଲାରେ ୧୨୧୫ ମାମଲା ଫଇସଲା

**ନୟାଗଡ, ୧୪।୯ (ସଂଚାର ବ୍ୟୁରୋ):** ଜାତୀୟ ଆଇନ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶମତେ ଆଜି ଭାରତରସମସ୍ତ ବିଚାର ବିଭାଗୀୟ ଅଦାଲତ ପରିସରରେ ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଚଳିତ ବର୍ଷର ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଅଛି । ନୟାଗଡ ଜିଲ୍ଲାର ଉକ୍ତ ଲୋକ ଅଦାଲତରେ ୫ଟି ମୋଟର ଦୁର୍ଘଟଣା ଜନିତ ମାମଲା ଫଇସଲା କରାଯାଇ କ୍ଷତିପୂରଣ ବାବଦକୁ ୨୯,୧୫,୦୦୦ ଟଙ୍କା ପ୍ରଦାନ କରିବା ପାଇଁ ବୀମା କମ୍ପାନୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ସେହିପରି ୭୯ ଦେୱାନି ମାମଲା ଫଇସଲା କରାଯାଇଥିଲା। ଏନ. ଆଇ. ଆକ୍ଟ କେସ ୨୪ଟି ଫଇସଲା କରାଯାଇ ୧୯,୫୦,୦୦୦ ଟଙ୍କା ଆଦାୟ କରଯାଇଥିଲା ଏବଂ ବିବାହଜନିତ ୨୫ ଟି ମାମଲା ଫଇସଲା କରାଯାଇଥିଲା। ବ୍ୟାଙ୍କରୁ ଋଣ ନେଇ ଋଣ ପରିଶୋଧ କରିନଥିବା ୧୦୧ ଜଣ ଋଣ ଗ୍ରହିତାଙ୍କଠାରୁ ୪୬,୪୮,୩୫୮ ଟଙ୍କା ଦେବା ପାଇଁ ରାଜିନାମା ସ୍ୱାକ୍ଷରିତ କରାଯାଇଥିଲା । ଅନ୍ୟାନ୍ୟ ଫୌଜଦାରୀ ୨୬୭ଟି ମାମଲା ଫଇସଲା କରାଯାଇ ୧୦,୦୦,୦୦୦ ଟଙ୍କା ଆଦାୟ କରଯାଇଥିଲା ୨୯ ଟି ପ୍ରାକ ବିଜୁଳି ମାମଲା ଫଇସଲା କରାଯାଇ ୩,୪୭,୨୬୫ ଟଙ୍କା ଆଦାୟ କରଯାଇଥିଲା । ସେହିପରି ୬୭୬ଟି ରାଜସ୍ୱ ମାମଲା ଫଇସଲା କରାଯାଇ ୭୨,୪୩୦ ଟଙ୍କା ଆଦାୟ କରଯାଇଥିଲା ଏବଂ ୦୩ ସାଲିସ ଯୋଗ୍ୟ ଫଉଜଦାରି ମାମଲାର ଫଇସଲା ହୋଇଥିଲା। ଏହି ଲୋକ ଅଦାଲତରେ ଜିଲ୍ଲା ଓ ଦୌରା ଜଜ ଆନନ୍ଦ ନାରାୟଣ ମହାରଣା, ପରିବାର ଅଦାଲତ ବିଚାରପତି ସୁବ୍ରତ କୁମାର ପଟ୍ଟନାୟକ, ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ ରିଜା ରାୟ , ବରିଷ୍ଠ ଦେୱାନି ଅଦାଲତ ବିଚାରପତି ସତ୍ୟବ୍ରତ ରଣା, ବରିଷ୍ଠ ଦେୱାନି ଅଦାଲତ ବିଚାରପତି (ଏଲଆର ଆଣ୍ଡ ଏଲଟିଭି) ରବି ନାରାୟଣ ବେହେରା, ଉପଖଣ୍ଡ ଫୌଜଦାରୀ ବିଚାରପତି ସୋନାଲୀ ସରିତା ଉପସ୍ଥିତ ରହି ନିଜ ନିଜ ଅଦାଲତ ପରିଚାଳନା କରିଥିବା ବେଳେ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଶ୍ରୁତିସ୍ମିତ୍ବା ଦାସ, ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ଅଞ୍ଜଳି ମଚ୍ଛଖଣ୍ଡ, ବରିଷ୍ଠ ଦେୱାନି ବିଚାରପତି ତଥା ସହକାରୀ ଦୌରାଜଜ (ମହିଳା ଅଦାଲତ) ସ୍ୱୟଂ ପ୍ରଭା ଆଚାର୍ଯ୍ୟ ଏବଂ ସିଭିଲ କୋର୍ଟ ରେଜିଷ୍ଟ୍ରାର ଡଃ ନିଶାକର ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଚଳିତ ବର୍ଷର ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଆସନ୍ତା ତା ୧୪.୧୨.୨୦୨୪ ରିଖ ଶନିବାର ଅନୁଷ୍ଠିତ ହେବାକୁ ଯାଉଅଛି ବୋଲି ପ୍ରାଧିକରଣ ସଚିବ ଅଞ୍ଜଳି ମଚ୍ଛଖଣ୍ଡ ଜନସାଧାରଣଙ୍କୁ ସୂଚନା ଦେବା ସହ ଏହାର ସୁଫଳ ନେବାକୁ ପରାମର୍ଶ ଦେଇଛନ୍ତି।

# ୩ ଘଣ୍ଟା ଦର୍ଶନ ବନ୍ଦ



ପୁରୀ,୧୪।୯:(ସଂଚାର ବ୍ୟୁରୋ) ରବିବାର ଭାଦ୍ରବ ଶୁକ୍ଳ ଦ୍ୱାଦଶୀ ତିଥି । ରବିବାର ଶ୍ରୀମନ୍ଦିରରେ ବାବନ ଜନ୍ମ ନୀତି ଅନୁଷ୍ଠିତ ହେବ। ମଧ୍ୟାହ୍ନ ଧୂପ ସରିବା ପରେ ନୀତିକାନ୍ତି କରାଯିବ। ତେଣୁ ଅପରାହ୍ନ ୫ଟାଠାରୁ ରାତି ୮ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ।

# ଖଣି ମାଫିଆଙ୍କୁ ଧର

## ଖୋର୍ଦ୍ଧା ଏସ୍‌ପିଙ୍କୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ଚିଠି



ପୁରୀ,୧୪।୯(ସଂଚାର ବ୍ୟୁରୋ): ଖୋର୍ଦ୍ଧା ଜିଲ୍ଲାରେ ମହାପ୍ରଭୁଙ୍କ ଜମି ଉପରେ ଥିବା ନିର୍ମାଣ ପଥର ଏବଂ ମାଙ୍କଡ଼ା ପଥର ଖଣି ଲିଜ ଧାରୀ ମାନଙ୍କୁ ଧାର୍ଯ୍ୟ ପରିମାଣଠାରୁ ଅଧିକ ଅଧିକ ଉତ୍ତୋଳନ ସଂକ୍ରାନ୍ତରେ ଏହା ପୂର୍ବରୁ ନୋଟିସ୍ କରାଯାଇଥିଲା । ହେଲେ ସେମାନଙ୍କ ମଧ୍ୟରୁ କେତେକ ଲିଜଧାରୀ ଜୋରିମାନା ଦାଖଲ କରିନାହାନ୍ତି । ଏଥିରୁ ଜଣାପଡୁଛି ଯେ, ସେମାନେ ସ୍ଥାନୀୟ ମାଫିଆଙ୍କ ସହ ହାତ ମିଳାଇ ବେଆଇନ୍ ଉତ୍ତୋଳନ କରୁଥିବା ଏବଂ ଏହାଦ୍ୱାରା ମହାପ୍ରଭୁଙ୍କ ରାଜସ୍ୱ କ୍ଷତି ହେଉଥିବା ମୁଖ୍ୟ ପ୍ରଶାସକ ନିଜ ଚିଠିରେ ଉଲ୍ଲେଖ କରିଛନ୍ତି । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଜମି ଉପରେ ଖୋର୍ଦ୍ଧା ଜିଲ୍ଲାରେ ଥିବା ପଥର ଖଣି ଗୁଡିକରେ ଧାର୍ଯ୍ୟ ଅନୁମୋଦିତ ପରିମାଣ ଠାରୁ ଅଧିକ ପରିମାଣ ଉତ୍ତୋଳନ ଏବଂ ବେଆଇନ୍ ଉତ୍ତୋଳନ ସଂକ୍ରାନ୍ତରେ ମାମଲା ରୁଜୁ କରିବାକୁ ଖୋର୍ଦ୍ଧା ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ଚିଠି ଲେଖିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ। ତେଣୁ ସମ୍ପୃକ୍ତଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲେ, ମହାପ୍ରଭୁଙ୍କ ଜମି ଉପରେ ଆଖି ପକାଉଥିବା ଆଇନ୍ ଉଲ୍ଲଂଘନକାରୀ ଏବଂ ମାଫିଆଙ୍କ ମଧ୍ୟରେ ଭୟ ସଂଚାର ହେବା ସହ ବେଆଇନ୍ ଖଣି ଉତ୍ତୋଳନକୁ ରୋକାଯାଇ ପାରି ଓ ରାଜସ୍ୱ ହାନି ହେବ ନାହିଁ ବୋଲି ମୁଖ୍ୟ ପ୍ରଶାସକ ନିଜ ଚିଠିରେ ଖୋର୍ଦ୍ଧା ଆରକ୍ଷୀ ଅଧୀକ୍ଷକଙ୍କୁ ଜଣାଇଛନ୍ତି । ଏହା ଭିତରେ କ୍ଷମତା ସମ୍ପନ୍ନ ଅଧିକାରୀ, ସମ୍ପୃକ୍ତ ଖିଲାପି ଲିଜଧାରୀଙ୍କ ଲିଜ୍ ମଧ୍ୟ ରଦ୍ଦ କରିଛନ୍ତି ଏବଂ ଭବିଷ୍ୟତରେ କୌଣସି ନିଲାମରୁ ବାଦ୍ ଦେବା ପାଇଁ ସେମାନଙ୍କୁ କଳାତାଲିକା ଭୁକ୍ତ ମଧ୍ୟ କରିଛନ୍ତି । ଏହା ଉପରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସମ୍ପୃକ୍ତି ଖିଲାପି ଲିଜଧାରୀଙ୍କ ବିରୋଧରେ ଖୋର୍ଦ୍ଧା ସଦର ଥାନାରେ ଏତଲା ଦାୟର କରାଯାଇଛି।

# ଟାଟା ଷ୍ଟିଲ ପକ୍ଷରୁ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ମ୍ୟାଚ୍



ଭୁବନେଶ୍ୱର,୧୪।୯(ସଂଚାର ବ୍ୟୁରୋ): ଟାଟା ଷ୍ଟିଲ ପକ୍ଷରୁ ଆୟୋଜିତ ବନ୍ଧୁତପୂର୍ଣ୍ଣ ଫୁଲବଲ ମ୍ୟାଚରେ ଅଫିସର୍ସ ଟିମକୁ ୩-୦ ପେନାଲ୍ଟି ସୁଟଆଉଟରେ ହରାଇଛନ୍ତି ଲିଡ଼ର୍ସ-ଏକ୍ସଆଇ। ଟାଟା ଷ୍ଟିଲ ପକ୍ଷରୁ ଆଜି ଭୁବନେଶ୍ୱରସ୍ଥିତ ଫୁଟବଲ ଏକାଡେମୀରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ମ୍ୟାଚର ଆୟୋଜନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ମୋହନ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ପ୍ରଭାତୀ ପରିଡା ଏଥିରେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

ଲିଡର୍ସ-ଏକ୍ସଆଇର ନେତୃତ୍ୱ ନେଉଥିଲେ ପଂଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାୟକ। ସେପଟେ ଅଫିସର୍ସ-ଏକ୍ସଆଇର ନେତୃତ୍ୱ ନେଇଥିଲେ ମୁଖ୍ୟ ଶାସନ ସଚିବ ମୋନଜ ଆହୁଜା। ଲିଡର୍ସ-ଏକ୍ସଆଇରେ ଏକାଧିକ ମନ୍ତ୍ରୀ, ବିଧାୟକମାନେ ଯୋଗଦେଇଥିଲେ। ସେହିପରି ଅଫିସର୍ସ-ଏକ୍ସଆଇରେ ମୁଖ୍ୟ ଶାସନ ସଚିବଙ୍କ ସହ ପରିବହନ କମିଶନର ଅମିତାଭ ଠାକୁର, ପୂର୍ବତନ ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର, ଅର୍ଥ ବିଭାଗର ପ୍ରମୁଖ ସଚିବ ଶାସ୍ୱତ ମିଶ୍ର, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ସଚିବ ଧର୍ମା ହାଂସଦା ପ୍ରମୁଖ ଭାଗ ନେଇଥିଲେ।

# ଇଂଜିନିୟରିଂ ଛାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ

ଭୁବନେଶ୍ୱର,୧୪।୯ (ସଂଚାର ବ୍ୟୁରୋ): ଭୁବନେଶ୍ୱରର ଏକ ଘରୋଇ ଇଂଜିନିୟରିଂ କଲେଜର ଜଣେ ଛାତ୍ରଙ୍କର ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତ ଛାତ୍ରଙ୍କ ଜଣଙ୍କ ହେଲେ ଝାରଖଣ୍ଡ ରାଞ୍ଚିର ଅଭିଷେକ ରବି। ଛାତ୍ର ଜଣଙ୍କ କମ୍ପ୍ୟୁଟର ସାଇନ୍ସର ପ୍ରଥମ ବର୍ଷର ଛାତ୍ର ବୋଲି ସୂଚନା ମିଳିଛି । ଗତକାଲି ଛାତ୍ର ଜଣଙ୍କ କଲେଜ ଛାତ ସିଢ଼ିରୁ ପଡ଼ି ଯାଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଛାତ୍ରଙ୍କର ମୃତ୍ୟୁ ଘଟିଛି। ଅଭିଷେକଙ୍କ ମୃତ୍ୟୁ ହୋଇଥିବା ପରିବାର ଲୋକଙ୍କୁ ଜଣାଇଥିଲେ କଲେଜ କର୍ତ୍ତୃପକ୍ଷ। ଅନ୍ୟପକ୍ଷରେ ୧୨ ତାରିଖରେ ଛାତ୍ର ଜଣଙ୍କ କଲେଜରେ ତାଙ୍କୁ ରାଗିଂ କରାଯାଉଥିବା ନେଇ ଥାନାରେ ଅଭିଯୋଗ କରିଥିବା ସୂଚନା ରହିଛି। ତେବେ ଛାତ୍ରଙ୍କର ମୃତ୍ୟୁ ନେଇ ପରିବାର ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିନାହିଁ। ଗତ ୧୦ ତାରିଖରେ ଛାତ୍ର ଜଣଙ୍କ ଘରୋଇ ଇଂଜିନିୟରିଂ କଲେଜରେ ନାମ ଲେଖାଇଥିଲେ।

# ଆଖି ଦାନ କରିବେ କେଭି



ଭୁବନେଶ୍ୱର, ୧୪।୯(ସଂଚାର ବ୍ୟୁରୋ): ଏଲ ଭି ପ୍ରସାଦ ଚକ୍ଷୁ ଚିକିତ୍ସାଳୟର ୧୪ ତମ ଚକ୍ଷୁ ବ୍ୟାଙ୍କ୍ ଓ ସ୍ୱଚ୍ଛ ପଟଳ ସମ୍ବନ୍ଧୀୟ ଜାତୀୟ ସମ୍ମିଳନୀ ଆଜି ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ମିଳନୀରେ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ମୁଖ୍ୟଅତିଥି ରୂପେ ଯୋଗଦାନ କରି କହିଥିଲେ ଯେ, ଅଙ୍ଗଦାନ କରି ଯେପରି ଜଣେ ବ୍ୟକ୍ତିକୁ ଆମେ ଜୀବନ ଦାନ ଦେଇପାରିବା ସେହିପରି ଚକ୍ଷୁଦାନ କରି ଆମେ ଜଣେ ବ୍ୟକ୍ତିକୁ ନିଜ ଆଖିରେ ଦୁନିଆ ଦେଖେଇପାରିବା । ଅନୁରୂପଭାବେ, ମୁଁ ମଧ୍ୟ ନିଜ ଆଖିକୁ ଦାନ କରିବାକୁ ପ୍ରସ୍ତୁତ। ଭାରତରେ ବାସ କରୁଥିବା ଜନସଂଖ୍ୟାର ୧% ଦୃଷ୍ଟିହୀନ ଥିବାବେଳେ ଚକ୍ଷୁ ଦାନ ଓ ପ୍ରତିରୋପଣ ଦ୍ୱାରା ଆମେ ପରସ୍ପରକୁ ସାହାଯ୍ୟ କରିପାରିବା ଓ ସେମାନଙ୍କୁ ନିଜ ଆଖିରେ ଦୁନିଆ ଦେଖେଇ ପାରିବା। ଜୀବନରେ ଏହାଠାରୁ ବଡ ଉପଲବ୍ଧି ଆଉ କିଛି ହେଇ ନ ପାରେ। ଓଡ଼ିଶାରେ 'ଦୃଷ୍ଟିଦାନ ଚକ୍ଷୁ ବ୍ୟାଙ୍କ୍' ୨୦୦୭ ମସିହାରେ ଏଲ୍ ଭି ପ୍ରସାଦ ଚକ୍ଷୁ ଚିକିତ୍ସାଳୟ ଦ୍ୱାରା ଖୋଲାଯାଇଥିଲା। ଯାହା ଆଜି ଦେଶର ପ୍ରମୁଖ ୧୦ ଚକ୍ଷୁ ବ୍ୟାଙ୍କ୍ ଭିତରେ ସ୍ଥାନିତ ହୋଇପାରିଛି ଏବଂ ବର୍ଷକୁ ୧୫୦୦ରୁ ଉର୍ଦ୍ଧ୍ୱ ଦାନ ଚକ୍ଷୁକୁ ସଂଗୃହିତ କରୁଛି । ଓଡ଼ିଶା ସରକାର ମଧ୍ୟ ଏହି ମହନୀୟ ପ୍ରୟାସକୁ ସହଯୋଗ କରି ସବୁ ଜିଲ୍ଲାସ୍ତରୀୟ ମେଡ଼ିକାଲ ଗୁଡ଼ିକରେ ଚକ୍ଷୁ ଦାନ ପାଇଁ ସହଜ ଓ ସରଳ ପ୍ରାବଧାନ କରିଛନ୍ତି।

# ପୋଲିସ ପ୍ରଶାସନର ଜ୍ୱାଇଁପୁଅ ସାଜିଛନ୍ତି ବିଜେଡି ନେତା



ଭଦ୍ରକ,୧୪।୯:(ସଂଚାର ବ୍ୟୁରୋ) ଦ୍ୱାପର ଯୁଗରେ ବହୁ ଜ୍ଞାନୀ , ଗୁଣି ବ୍ୟକ୍ତି ମାନଙ୍କ ଉପସ୍ଥିତିରେ ଯାଜ୍ଞସେନୀ ଦ୍ରୌପଦୀ ଙ୍କୁ କୁରୁସଭାରେ ବସ୍ତ୍ରହରଣ କରାଯାଇଥିଲା , ବିବସ ଅବସ୍ଥାରେ ଅସହାୟ ଦ୍ରୌପଦୀ ଆକୁଳ ନିବେଦନ କରୁଥିଲେବି ସମସ୍ତେ ଥିଲେ ନିର୍ବିକାର , ଠିକ ସେହିପରି ଏକ ଅଭାବନୀୟ ଘଟଣା ଘଟିଛି ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ପରିସରରେ , ଜଣେ ଅସହାୟ ବିଧବା ମହିଳାଙ୍କ ଚୁଟିକୁ ଘୋଷାଡ଼ି ବିଧା , ଗୋଇଠା , ଲାତ, ତଣ୍ଟିଆ ମରାଯାଉଥିବା ପରି ଛାତି ଥରା ଦୃଶ୍ୟ ବ୍ଲକ ଅଧକ୍ଷ ଓ ବିଡ଼ିଓ ଙ୍କ ବାସଗୃହ ସାମ୍ନାରେ ସର୍ବସମ୍ମୁଖରେ ହେଉଥିଲେ ମଧ୍ୟ ସମସ୍ତେ ସାଜିଥିଲେ ଦେଖେଣାହାରୀ। କାହିଁକିନା ମହିଳାଙ୍କୁ ମାଡାମାରୁଥିବା ବ୍ୟକ୍ତି ଜଣଙ୍କ ଜଣେ ପ୍ରଭାବ ସାଳି ବିଜେଡି ନେତା । ବାସୁଦେବପୁର ବ୍ଲକ ବାଲିମେଦ ଗ୍ରାମପଂଚାୟତର ପୂର୍ବତନ ସରପଂଚ ଥିବା ଏହି ବାବୁ ଜଣଙ୍କ ନାଁ ପ୍ରଫୁଲ୍ଲ ପଳିତା। ସାଧାରଣ ଜନତାଙ୍କ ଉପରେ ତାଙ୍କର ଦାଦାଗିରି ପାଇଁ ସେ ପଂଚାୟତ ନିର୍ବାଚନରେ ହାରିଯାଇଥିଲେ ମଧ୍ୟ ତାଙ୍କ ଜୁଲୁମ କମିନାହିଁ । ସବୁଠାରୁ ବଡ଼କଥା ବିଡ଼ିଓ ଓ ବ୍ଲକ ଅଧକ୍ଷ ବାସଗୃହ ନିକଟରେ ଏହି ଘଟଣା ଘଟିଥିବା ବେଳେ ବ୍ଲକ ପରିସରରେ ଲାଗିଥିବା ସିସିଟିଭି ଠିକ ସେହି ସମୟରେ କାହିଁକି କାମକରୁନଥିଲା।? ସିସିଟିଭ ନଚାଲିବା ପଛରେ ଥିଲାକି ଷଡଯନ୍ତ୍ର? ଏହି ମଦ ଘଟଣାର ଭିଡ଼ିଓ ସାଧାରଣରେ ଭାଇରଲ ହେବା ପରେ ବାସୁଦେବପୁର ପୋଲିସ ମାଡମାରିଥିବା ବିଜେଡି ନେତା ପ୍ରଫୁଲ୍ଲ ପଳିତା ଙ୍କୁ ଗିରଫ କରିବା ପରିବର୍ତ୍ତେ ଅସହାୟ ମହିଳା ଜଣଙ୍କୁ ନେଇ ଥାନାରେ ଦୀର୍ଘ ଆଠ ଘଣ୍ଟା କାଳ ଅଟକ ରଖିଥିଲା ।

# ଭାଇ ବନିବା ପାଇଁ ଖଣ୍ଡା ବୁଲାଇ ଆତଙ୍କ

ଭୁବନେଶ୍ୱର, ୧୪।୯ (ସଂଚାର ବ୍ୟୁରୋ): ନିଜକୁ ଭାଇ ବନିବା ପାଇଁ ବଡ଼ଗଡ଼ ଥାନା ଅଞ୍ଚଳରେ ଗୁରୁବାର ରାତିରେ ଖଣ୍ଡା ବୁଲାଇ ଆତଙ୍କ ରଚିଛି ଚିଣ୍ଟୁ ମହାନ୍ତି। ପୁଲିସ ଚଢ଼ାଉ କରି ଗତକାଲି ରାତିରେ ପେଶାଦାର ଅପରାଧୀ ଚିଣ୍ଟୁକୁ ଗିରଫ କରାଯିବା ସହ ତାଠାରୁ ଏକ ଖଣ୍ଡା ଜବତ କରାଯାଇଛି। ସୂଚନା ଯୋଗ୍ୟଯେ, କିଛିଦିନ ଚୁପ ରହିବା ପରେ ପେଶାଦାର ଅପରାଧୀ ଚିଣ୍ଟୁ ଗୁରୁବାର ରାତିରେ ବିଜେବି ନଗର ସ୍ଥିତ କ୍ୟାରେମ ଫିଲ୍ଡ ନିକଟରେ ପହଞ୍ଚି ସେଠାରେ ପ୍ରଥମେ ପାଟିତୁଣ୍ଡ କରିଥିଲା। ପରେ ସାଙ୍ଗରେ ନେଇ ଆସିଥିବା ଏକ ଖଣ୍ଡାକୁ ବାହାର କରି ଫିଲ୍ଡରେ ଗଣେଷ ପୂଜା କରୁଥିବା ପିଲାମାନଙ୍କୁ ଦେଖାଇବା ସହ ସେମାନଙ୍କୁ ହତ୍ୟାର ଧମକ ଦେଇ ଖଣ୍ଡା ବୁଲାଇ ଆତଙ୍କ କରିଥିଲା। ଏପରିକି ଖଣ୍ଡାକୁ ଚିଣ୍ଟୁ ପାଖ କାନ୍ଥ ଓ ମାଟିରେ ଘଷି ବେଶ କିଛି ସମୟ ଧରି ପାଟିତୁଣ୍ଡ କରିଥିଲା। ଚିଣ୍ଟୁ ଜଣେ ପେଶାଦାର ଅପରାଧୀ ହୋଇଥିବାରୁ ତାହାର ଏପରି କାର୍ଯ୍ୟ ଦେଖି ଫିଲ୍ଡରେ ଥିବା ପୂଜା କମିଟି ସଦସ୍ୟମାନେ ଦୌଡ଼ି ପଳାଇଥିଲେ। ଏହି ସମୟରେ ଚିଣ୍ଟୁ ଜଣଙ୍କ ବେକରେ ଖଣ୍ଡା ଲଗାଇ ତାଙ୍କ ସୁନା ଚେନ୍ ଓ ୧୮ ହଜାର ଟଙ୍କା ନେଇ ଯାଇଥିଲା। ଏନେଇ ପରେ କ୍ଲବ୍ ପିଲାମାନେ ବଡ଼ଗଡ଼ ପୁଲିସକୁ ଖବର ଦିଆଯିବାରୁ ଘଟଣାସ୍ଥଳରେ ଥାନାର ପିସିଆର ଭ୍ୟାନ ପହଞ୍ଚି ଚିଣ୍ଟୁକୁ ଗିରଫ କରି ଥାନାକୁ ନେଇଥିଲା।





# ଶୁଭଶ୍ରୀଙ୍କ ପ୍ରତିଭାକୁ ପ୍ରଭାତୀଙ୍କ ପ୍ରଶଂସା

ଭୁବନେଶ୍ୱର,୧୪।୯(ସଂଚାର ବ୍ୟୁରୋ): ଆଜି ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ଓ ପର୍ଯ୍ୟଟନ ମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା କୁନି ଝିଅ ଶୁଭଶ୍ରୀ ନନ୍ଦିଙ୍କ ଅସାଧାରଣ ପ୍ରତିଭା ଦେଖି ଖୁସି ବ୍ୟକ୍ତ କରିବା ସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ।

କଟକ ଚୌଧୁରୀ ବଜାର ଅଞ୍ଚଳର ଶୁଭଶ୍ରୀ ଆଖିରେ ପଟି ବାନ୍ଧି ନିର୍ଭୁଲ ଭାବେ ପଢ଼ି ପାରୁଥିବାର କଳା ଦେଖି ଶ୍ରୀମତୀ ପରିଡ଼ା ବିସ୍ମିତ ହୋଇଥିଲେ ।

# ତହସିଲ କାର୍ଯ୍ୟାଳୟରେ ଜମି ମାଫିଆଙ୍କ ଭୋଜି !




ଆନନ୍ଦପୁର୧୪।୯(ସଂଚାର ବ୍ୟୁରୋ): ଏପଟେ ଘସିପୁରା ତହସିଲ ଅଞ୍ଚଳରେ ସରକାରୀ ଜମିର ଖୋଲାଖୋଲିଭାବେ ଜବର ଦଖଲ ଚାଲିଥିବାବେଳେ କାର୍ଯ୍ୟାଳୟ ପରିସରରେ ଜମି ମାଫିଆଙ୍କ ଭୋଜି ଚର୍ଚ୍ଚାକୁ ଆସିଛି। ଏନେଇ ସୋସିଆଲ ମିଡ଼ିଆରେ ଭାଇରାଲ ହେବାପରେ ତଦନ୍ତପାଇଁ କେନ୍ଦୁଝର ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଗତକାଲି ସରକାରୀ କାର୍ଯ୍ୟଦିବସରେ ତହସିଲ ପରିସରରେ ଏକ ବିରାଟ ଭୋଜିର ଆୟୋଜନ କରାଯାଇଥିଲା। ଭୋଜିରେ ବହୁ ପ୍ରକାର ଖାଦ୍ୟ ବ୍ୟବସ୍ଥା ସହିତ ତହସିଲର ସମସ୍ତ କର୍ମଚାରୀଙ୍କୁ ଆପ୍ୟାୟିତ କରାଯାଇଥିଲା। ତେବେ ତହସିଲ କର୍ମଚାରୀଙ୍କୁ କେଉଁ ଉଦ୍ଦେଶ୍ୟରେ ଭୋଜି ଦିଆଯାଉଥିଲା ଏହାକୁ ନେଇ ଚାରିଆଡେ ଚର୍ଚ୍ଚା ହେଉଛି। ଏକ ବଡ଼ ଧରଣର ଜମି କେଳେଙ୍କାରୀକୁ ଘୋଡାଇବାପାଇଁ ଏଭଳି ଆୟୋଜନ ହୋଇଥିବା ଅଭିଯୋଗ ହୋଇଛି। ଏନେଇ ତହସିଲଦାର ନୀଳକଣ୍ଠ ବେହେରାଙ୍କୁ ପଚାରିବାରୁ ଏକଥାକୁ ସେ ଏଡାଇ ଯାଇଥିଲେ। ତହସିଲ କର୍ମଚାରୀଙ୍କ କହିବା ଅନୁସାରେ ସେମାନେ ପହଞ୍ଚିବା ପୂର୍ବରୁ ରୋଷେଇ ଆରମ୍ଭ ହୋଇ ସାରିଥିଲା।

# ଓଡିଶା କ୍ରୀଡ଼ାରେ ଯୋଡ଼ି ହେଲା ନୂଆ ଫର୍ଦ୍ଦ

ଭୁବନେଶ୍ୱର, ୧୪।୯(ସଂଚାର ବ୍ୟୁରୋ): ଓଡିଶାର କ୍ରୀଡା ଫର୍ଦ୍ଦରେ ଯୋଡିହୋଇ ଯାଇଛି ଆଉ ଏକ ଅଧ୍ୟାୟ । ବିଶ୍ୱର ଅନ୍ୟତମ କ୍ରୀଡାକେନ୍ଦ୍ର ଓଡିଶା ଆଉ ପାଦେ ଆଗେଇଛି । ସମଗ୍ର ବିଶ୍ୱର କ୍ରୀଡାପ୍ରେମୀଙ୍କ ଦୃଷ୍ଟି ଆକର୍ଷଣ ସହିତ ବାର୍ଷିକ ୧୩୦୦ କୋଟି ଟଙ୍କା ବ୍ୟୟରେ ଓଡ଼ିଶା କ୍ରୀଡ଼ାକ୍ଷେତ୍ରରେ ଏକ ନୂଆ ମାନଦଣ୍ଡ ସୃଷ୍ଟି କରିଛି ଇଣ୍ଡୋର ଆଥଲେଟିକ୍ସ ସେଣ୍ଟର, ଭାରତର ସର୍ବବୃହତ କ୍ରୀଡ଼ା ବିଜ୍ଞାନ କେନ୍ଦ୍ର ଓ ଫିଫା ଟ୍ୟାଲେଣ୍ଟ ଏକାଡେମୀ ଭଳି ବିଶ୍ୱସ୍ତରୀୟ ସୁବିଧା ସୁଯୋଗ ।



ଅତ୍ୟାଧୁନିକ ଜ୍ଞାନକୌଶଳଠାରୁ ଆରମ୍ଭ କରି ବିଶାଳ କ୍ରୀଡ଼ା ଉପତ୍ୟକା ପର୍ଯ୍ୟନ୍ତ ଓଡ଼ିଶା କ୍ରୀଡ଼ା ଉତ୍କର୍ଷରେ ଏକ ନୂଆ ଯୁଗର ମାର୍ଗ ପ୍ରଶସ୍ତ କରୁଛି।

ବାର୍ଷିକ ୧୩୦୦ କୋଟି ଟଙ୍କାର କ୍ରୀଡ଼ା ବଜେଟ୍ ସହ ଓଡ଼ିଶା ଏକ ବିଶ୍ୱସ୍ତରୀୟ କ୍ରୀଡ଼ା ସଂସ୍କୃତିର ସାମଗ୍ରିକ ବିକାଶ କରିବାକୁ ଲକ୍ଷ୍ୟ ରଖିଛି। ହକି, ଫୁଟବଲ, ସନ୍ତରଣ, ଭାରୋତ୍ତୋଳନ, ଆଥଲେଟିକ୍ସ, ସୁଟିଂ ଓ ବ୍ୟାଡମିଣ୍ଟନ ପାଇଁ ହାଇ ପରଫର୍ମାନ୍ସ ସେଣ୍ଟର (ଏଚପିସି) ପ୍ରତିଷ୍ଠା କରାଯାଇଛି।

ଅଭିଜ୍ଞ ପ୍ରଶିକ୍ଷକଙ୍କ ବ୍ୟତୀତ ରାଜ୍ୟ ସରକାର ଅତ୍ୟାଧୁନିକ ଜ୍ଞାନକୌଶଳର ଉପଯୋଗ କରି କ୍ରୀଡ଼ାବିତ୍ମାନଙ୍କୁ ଉନ୍ନତ ଫିଜିଓଥେରାପି, ଥଇଥାନ ଓ ପ୍ରଶିକ୍ଷଣ ପ୍ରଦାନ କରୁଛନ୍ତି। ଉଦାହରଣ ସ୍ୱରୂପ ଦକ୍ଷିଣ ଏସିଆର ସର୍ବବୃହତ ଇନଡୋର ଆଥଲେଟିକ୍ସ ସେଣ୍ଟରରେ ଭାରତର ସର୍ବବୃହତ ଟ୍ରେଡମିଲ ଏବଂ ବିଶ୍ୱ ଆଥଲେଟିକ୍ସର ସମ୍ମାନଜନକ କ୍ୟାଟେଗୋରୀ-୧ ସାର୍ଟିଫିକେଟ୍ ରହିଛି। ଭାରତର ସର୍ବବୃହତ କ୍ରୀଡ଼ା ବିଜ୍ଞାନ କେନ୍ଦ୍ର ମଧ୍ୟ ଓଡ଼ିଶାରେ ରହିଛି ଏବଂ ଏଥିରେ 'ଡ୍ରିମ୍ପୋଡ୍ ଫ୍ଲୋଟ୍ ଟ୍ୟାଙ୍କ୍' ରହିଛି, ଯାହା କ୍ରୀଡ଼ା ଆଘାତରୁ ଶୀଘ୍ର ଆରୋଗ୍ୟ ଲାଭ କରିବ।

ଏହି କେନ୍ଦ୍ରରେ କ୍ରାୟୋଥେରାପି ଚେମ୍ବର ମଧ୍ୟ ଅଛି - ପୁନରୁଦ୍ଧାର-ପ୍ରୋତ୍ସାହିତ ତାପମାତ୍ରା -୧୪୦ ଡିଗ୍ରୀ ସେଲସିୟସ ପର୍ଯ୍ୟନ୍ତ - ଆଥଲେଟମାନଙ୍କୁ ସର୍ବୋତ୍ତମ ମାନସିକ-ଶରୀର ପ୍ରଦର୍ଶନ ହାସଲ କରିବାରେ ସାହାଯ୍ୟ କରେ । ଏହା ବ୍ୟତୀତ ଓଡ଼ିଶା ଭାରତର ପ୍ରଥମ ଫିଫା ଟ୍ୟାଲେଣ୍ଟ ଏକାଡେମୀ ଏବଂ ଏକ ଅନନ୍ୟ ବ୍ୟାଡମିଣ୍ଟନ ଏଚପିସି ମଧ୍ୟ ନିର୍ମାଣ କରିଛି ଯାହା ପୁଲେଲା ଗୋପୀଚାନ୍ଦଙ୍କ ତତ୍ତ୍ୱାବଧାନରେ ଚାଲିବ ।

ଓଡ଼ିଶା ମଧ୍ୟ ଭୁବନେଶ୍ୱର ନିକଟରେ ତୀରନ୍ଦାଜି ଷ୍ଟାଡିୟମ, ସାଇକେଲିଂ ଭେଲୋଡ୍ରମ୍ ଏବଂ ଆମ୍ଫିଥିଏଟର ସହିତ ୧୫୦ ଏକର 'ସ୍ପୋର୍ଟସ ଭ୍ୟାଲି' ପ୍ରତିଷ୍ଠା କରୁଛି।

# ୧୫ରୁ ମୋଦିଙ୍କ ୩ ରାଜ୍ୟ ଗସ୍ତ



ଭୁବନେଶ୍ୱର, ୧୪।୯ (ସଂଚାର ବ୍ୟୁରୋ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୧୫ ତାରିଖ (ଶନିବାର) ଠାରୁ ୧୭ ତାରିଖ ପର୍ଯ୍ୟନ୍ତ ଝାଡ଼ଖଣ୍ଡ, ଓଡ଼ିଶା ଏବଂ ଗୁଜରାଟ ଗସ୍ତ କରି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦାନ କରିବା ସହିତ ସୁଭଦ୍ରା ଯୋଜନା ଓ ଅନ୍ୟାନ୍ୟ ପ୍ରକଳ୍ପର ଉଦ୍‌ଘାଟନ କରିବେ। ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ୧୫ରେ ଝାଡ଼ଖଣ୍ଡର ଟାଟାନଗରରେ ୬୬୦ କୋଟି ଟଙ୍କାର ରେଳବାଇ ପ୍ରକଳ୍ପର ଭିତ୍ତି ସ୍ଥାପନ ଓ ଉଦ୍‌ଘାଟନ କରିବେ। ୧୬ରେ ଗୁଜରାଟର ଗାନ୍ଧିନଗରରେ ପିଏମ୍ ମାଗଣା ବିଜୁଳି ଯୋଜନା ହିତାଧିକାରୀଙ୍କ ସହ ଆଲୋଚନା କରିବିଶ୍ୱ ବେ। ଏହାସହିତ ୪ର୍ଥ ଅଣପାରମ୍ପରିକ ଶକ୍ତି ସମ୍ମିଳନୀରେ ଯୋଗଦେବେ। ୧୭ରେ ସେ ଓଡ଼ିଶା ଆସି ସୁଭଦ୍ରା ଯୋଜନା ହିତାଧିକାରୀ ଓ ପିଏମ୍ ଆବାସ ଯୋଜନା ହିତାଧିକାରୀଙ୍କୁ ପ୍ରଥମ କିସ୍ତି ପ୍ରଦାନ କରିବେ ବୋଲି ସୂଚନା ମିଳିଛି।

# ୬ ବର୍ଷ ପରେ ଖୋଲିଲା କୋଲାବ ଗେଟ୍

ଜୟପୁର ୧୪।୯ (ସଂଚାର ବ୍ୟୁରୋ): କୋରାପୁଟ ଜିଲ୍ଲାର ବିଭିନ୍ନ ସ୍ଥାନରେ ଲଗାଣ ବର୍ଷା ଫଳରେ କୋଲାବ ଜଳ ଭଣ୍ଡାରର ଜଳସ୍ତର ୮୫୭.୧୬ ମିଟର ରହିଛି। ଜଳ ଭଣ୍ଡାରର ଜଳ ଧାରଣ କ୍ଷମତା ୮୫୮ ମିଟର ଥିବାରୁ ଜଳ ନିଷ୍କାସନ କରାଯାଇଛି।

ଏହି ପରିପ୍ରେକ୍ଷୀରେ ଦୀର୍ଘ ୬ବର୍ଷ ପରେ ବର୍ଷା ଜଳ ନିଷ୍କାସନ ପାଇଁ ଖୋଲିଲା କୋଲାବ ଜଳ ଭଣ୍ଡାରର ଗୋଟିଏ ଗେଟ୍ । ଆଗକୁ ଆହୁରି ବର୍ଷାର ସମ୍ଭାବନା ରହିଛି । ତେଣୁ ଜଳ ଭଣ୍ଡାରର ସୁରକ୍ଷା ଦୃଷ୍ଟିରୁ ଶନିବାର ଜଳ ଭଣ୍ଡାରର ୬ ନମ୍ବର ଗେଟ୍ ଖୋଲାଯାଇଛି । ପ୍ରତି ସେକେଣ୍ଡ ପିଛା ୩୫୦୦ ଘନ ଫୁଟ ଜଳ ଏବେ ନିଷ୍କାସନ କରାଯାଉଛି । ଆବଶ୍ୟକ ପଡିଲେ ଆହୁରି ଗେଟ୍ ଖୋଲା ଯାଇପାରେ । ୨୦୧୮ ମସିହା ଅଗଷ୍ଟ ୨୬ ତାରିଖରେ ଶେଷ ଥର ପାଇଁ କୋଲାବ ଜଳ ଭଣ୍ଡାରର ଗେଟ୍ ଖୋଲାଯାଇଥିଲା । ସୁରକ୍ଷା ଦୃଷ୍ଟି କୋଣରୁ ତଳିଆ ଅଞ୍ଚଳର ଲୋକ ମାନଙ୍କୁ ଆଗୁଆ ସୂଚନା ଦିଆଯିବା ସହ ସତର୍କତା କରାଯାଇଛି।

# ସରକାରୀ ଅଫିସରେ ଗଣ୍ଡଗୋଳ କରି ଫସିଲେ ଯୁବକ

ରାଉରକେଲା, ୧୪।୯ (ସଂଚାର ବ୍ୟୁରୋ): ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଦପ୍ତରରେ ବାରମ୍ବାର ଗଣ୍ଡାଗୋଳ କରିବା, ମହିଳା ଓ ଶିଶୁଙ୍କୁ ଦପ୍ତର ଭିତରେ ପୂରାଇ ଧାରଣାରେ ବସିବା, ଅଧିକାରୀମାନଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା, ମୁଖ୍ୟ ଫାଟକରେ ତାଲା ପକାଇବା ଏବଂ ସର୍ବୋପରି ସରକାରୀ କାର୍ଯ୍ୟରେ ବାରମ୍ବାର ବାଧା ସୃଷ୍ଟି କରି ରବୀନ୍ଦ୍ର କୁମାର ପ୍ରଧାନ ନାମକ ଜଣେ ଯୁବକ ଫସିଛନ୍ତି । ଖୋଦ୍ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କର୍ତ୍ତୃପକ୍ଷ ତାଙ୍କ ନାଁରେ ରଘୁନାଥପାଲି ଥାନାରେ ଏତାଲା ଦେଇଥିବାବେଳେ ପୁଲିସ୍ ଭାରତ ନ୍ୟାୟ ସଂହିତାର ୬ଟି ଦଫାରେ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି । ବୋର୍ଡ କର୍ତ୍ତୃପକ୍ଷ ତାଙ୍କ ଏତାଲାରେ ଦର୍ଶାଇଛନ୍ତି ଯେ ରବୀନ୍ଦ୍ର କୁମାର ପ୍ରଧାନ ନାମକ ଜଣେ ଯୁବକ ବିନା ପୂର୍ବ ସୂଚନାରେ ୧୨ତାରିଖ ଦିନ ମହିଳା ଓ ଶିଶୁମାନଙ୍କ ଆଣି ଦପ୍ତର ଭିତରେ ଗଣ୍ଡଗୋଳ କରିବା ସହିତ ମୁଖ୍ୟ ଫାଟକରେ ତାଲା ପକାଇଥିଲେ । ସମ୍ପୃକ୍ତ ଯୁବକ ବେଦବ୍ୟାସ ସେବା ସଂଘ ଲେଖାଥିବା ପ୍ୟାଡ୍‌ରେ ଅଭିଯୋଗ କରିଥିବାବେଳେ ସମ୍ପୃକ୍ତ ପ୍ୟାଡ୍‌ରେ ସଂସ୍ଥାର ପଞ୍ଜିକରଣ ନମ୍ବର କିମ୍ବା ଠିକଣା ନାହିଁ । ଆଗାମୀ ଦିନରେ ବୋର୍ଡର ଆଞ୍ଚଳିକ ଦପ୍ତରକୁ ବନ୍ଦ କରିଦେବାପାଇଁ ଧମକ ବି ଦେଇଛନ୍ତି । ତେଣୁ ସରକାରୀ ଅଫିସରେ ପଶି ଅଫିସରଙ୍କ ଧମକାଇବା, ଉଦ୍ଦେଶ୍ୟମୂଳକ ଭାବେ ଗଣ୍ଡଗୋଳକରିବା ଓ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବାର ପୁଙ୍ଖାନୁପୁଙ୍ଖ ତଦନ୍ତ ପାଇଁ ବୋର୍ଡ ପକ୍ଷରୁ ଏତାଲାରେ ଅନୁରୋଧ କରାଯାଇଛି । ରଘୁନାଥପାଲି ପୁଲିସ୍ ଅଭିଯୋଗକୁ ଗମ୍ଭୀରତାର ସହ ନେଇ ଆଜି ମାମଲା ରୁଜୁ କରିଛି । ରୁଜୁ ହୋଇଥିବା ୪୫୧ ନମ୍ବର ମାମଲାରେ ପୁଲିସ୍ ପକ୍ଷରୁ ୧୯୧(୨)/ ୧୩୨/ ୨୯୬/ ୧୨୭ (୨)/ ୩୫୧ (୩)/ ୧୯୦ ଦଫାରେ ମାମଲା ରୁଜୁ କରାଯିବା ସହିତ ତଦନ୍ତ ଆରମ୍ଭ ହୋଇଛି ।

# କେନ୍ଦ୍ରାପଡ଼ାବାସୀଙ୍କୁ ଟାଟା ପାୱାରର 'ସକ୍'

ମୋଟ ଶୀର୍ଷକ:

- ଜାଣିଶୁଣି ବିଳମ୍ବରେ କରୁଛନ୍ତି ମିଟର ରିଡିଂ
- ବାରମ୍ବାର କରୁଛନ୍ତି ବିଦ୍ୟୁତ୍ କାଟ
- ୟୁନିଟ୍ ପିଛା ୨ଟଙ୍କା ୯୦ ପଇସା ବଦଳରେ ଉପଭୋକ୍ତାଙ୍କଠାରୁ ନେଉଛି ୪ଟଙ୍କା ୭୦




କେନ୍ଦ୍ରାପଡ଼ା,୧୪।୯(ସଂଚାର ବ୍ୟୁରୋ): ରାଜ୍ୟ ସରକାର ଯେବେ ଠାରୁ କମ୍ପାନୀଙ୍କୁ ବିଦ୍ୟୁତ୍ ବିତରଣ ଦାୟିତ୍ୱ ହସ୍ତାନ୍ତର କଲେ ବିଦ୍ୟୁତ୍ ଶୋଷଣର ଶିକାର ହେଉଛନ୍ତି ବିଦ୍ୟୁତ୍ ଗ୍ରାହକ। ଏବେ ନିଆରା ଢଙ୍ଗରେ ଗ୍ରାହକଙ୍କଠାରୁ ହଜାର ହଜାର ଟଙ୍କା ଆଦାୟ କରାଯାଉଛି। ମାସିକ ବଦଳରେ ଦେଢ଼ ମାସରେ ମିଟର ରିଡିଂ ନିଆଯାଉଛି ଏବଂ ସେହି ଅନୁଯାୟୀ ୟୁନିଟ୍ ପିଛା ବିଲ୍ ଆସୁଛି। ଯେଉଁଥିପାଇଁ ଗ୍ରାହକଙ୍କୁ ନିର୍ଦ୍ଧାରିତ ଦେୟଠାରୁ ଅଧିକ ଅର୍ଥ ଦେବାକୁ ପଡୁଛି। ଜଣେ କି ଦୁଇ ଜଣ ନୁହଁ, କେନ୍ଦ୍ରାପଡ଼ା ଜିଲ୍ଲାର କେନ୍ଦ୍ରାପଡ଼ା, ମାର୍ଶାଘାଇ, ନୂଆପଡ଼ା, ଗରଦପୁର,ଡେରାବିଶ,ମହାକାଳପଡ଼ା ଆଦି ଅଞ୍ଚଳର ଶତାଧିକ ଗ୍ରାହକ ଏଭଳି ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ଏହି ଘଟଣା ପଦାକୁ ଆସିବା ପରେ ଗ୍ରାହକ ନିକଟସ୍ଥ ବିଦ୍ୟୁତ୍ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ କୌଣସି ସୁଫଳ ମିଳୁନି। ଆଉ କିଛି ଗ୍ରାହକ କାନ, ମୁଣ୍ଡ ଆଉଁସି ବିଜୁଳି ବିଲ୍ ପଇଠ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ସେସୁ ଦାୟିତ୍ୱରେ ଥିବା ବେଳେ ଗ୍ରାହକଙ୍କର ପ୍ରତି ମାସର ବିଦ୍ୟୁତ୍ ବିଲ୍ ୧୦ରୁ ୨୦ ତାରିଖ ଭିତରେ ଆସୁଥିଲା। ଏବେ ଟାଟା ପାୱାର (TPCODL) ଦାୟିତ୍ୱ ନେବାଠୁ ଆରମ୍ଭ କରିଛି ଶୋଷଣ ତେବେ ଗତ ଜୁଲାଇରେ ଗ୍ରାହକଙ୍କ ବିଲ୍ ୧୫ରୁ ୨୦ ତାରିଖ ଭିତରେ ଆସିଥିବା ବେଳେ ଅଗଷ୍ଟ ମାସର ବିଲ୍ ନିୟମିତ ତାରିଖ ମଧ୍ୟରେ ନଆସି ବରଂ ସେପ୍ଟେମ୍ବର ୧ରୁ ୫ ତାରିଖ ମଧ୍ୟରେ ଆସିଛି। ଫଳରେ ଗ୍ରାହକଙ୍କୁ ୧୨ରୁ ୧୫ଦିନର ଅଧିକ ବିଲ୍ ଦେବାକୁ ପଡ଼ିଛି। ଉଦାହରଣ ସ୍ୱରୂପ, ଯଦି ଜଣେ ଗ୍ରାହକ ଦିନକୁ ୧୦ ୟୁନିଟ୍ ବ୍ୟବହାର କରୁଥାନ୍ତି, ତେବେ ସେହି ଅନୁଯାୟୀ ମାସକୁ ୩୦୦ ୟୁନିଟ୍ ଆସିବା କଥା। ୧୫ଦିନ ବିଳମ୍ବରେ ବିଲ୍ ଆସିବା ଦ୍ୱାରା ଗ୍ରାହକଙ୍କୁ ୪୫୦ ୟୁନିଟ୍‌ର ଦେୟ ପଇଠ କରିବାକୁ ପଡ଼ିଛି। ୩୦୦ ୟୁନିଟ୍ ଲାଗି ଜଣେ ଗ୍ରାହକ ୧୪୧୩ ଟଙ୍କା ଦେବାକୁ ଥିବା ବେଳେ ୪୫୦ ୟୁନିଟ୍ ଲାଗି ୨,୨୯୫ ଟଙ୍କା ଦେବାକୁ ପଡ଼ିଛି। ପ୍ରଥମ ୫୦ ୟୁନିଟ୍ ଲାଗି ୨ ଟଙ୍କା ୯୦ ହିସାବରେ ୧୪୫ ଟଙ୍କା, ଏହା ପର ୧୫୦ ୟୁନିଟ୍ ପାଇଁ ୪ ଟଙ୍କା ୭୦ ପଇସା ହିସାବରେ ୭୦୫ ଓ ପରବର୍ତ୍ତୀ ୟୁନିଟ୍‌ଗୁଡ଼ିକ ପିଛା ୫ଟଙ୍କା ୭୦ ପଇସା ଲେଖାଏଁ ଆଦାୟ କରାଯାଉଛି। ସେହି ଦୃଷ୍ଟିରୁ ହିସାବ ନେଲେ, ମାସକୁ ୩୦୦ ୟୁନିଟ୍‌ର ବିଲ୍ ଦେଉଥିବା ଜଣେ ଗ୍ରାହକଙ୍କଠାରୁ ୧୦୦୫ ଟଙ୍କା ଅଧିକ ନିଆଯାଉଛି। ଜଣେ ଗ୍ରାହକ ୧୫୦ ୟୁନିଟ୍ ବାବଦରେ କାହିଁକି ୧୦୦୫ ଟଙ୍କା ଅଧିକ ଅର୍ଥ ଦେବେ? ଯଦି ପ୍ରତି ମାସରେ ଏଭଳି ବିଳମ୍ବିତ ବିଲ୍ ଆସିବ, ତେବେ ଗ୍ରାହକ ଶୋଷଣର ଶିକାର ହେବେ ନାହିଁ କି? ଲୋକଙ୍କୁ ଠକିବାର ଏହା ଏକ ନୂଆ କୌଶଳ ନୁହେଁ କି ବୋଲି କିଛି ଗ୍ରାହକ ପ୍ରଶ୍ନ କରିଛନ୍ତି।

ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା, ସେସୁ ଦାୟିତ୍ୱରେ ଥିବା ସମୟରେ ବିଲ୍ ପଇଠ ଲାଗି ଗ୍ରାହକଙ୍କୁ ୧୫ ଦିନର ସମୟ ଦିଆଯାଉଥିଲା। ଗ୍ରାହକ ବି ଆଗୁଆ ବିଲ୍ ପଇଠ କରି ସବ୍‌ସିଡ୍ ଆକାରରେ ବେଶ୍ କିଛି ଟଙ୍କା ଲାଭ ପାଉଥିଲେ। ଟାଟା ପାୱାର ଦାୟିତ୍ୱ ନେବା ପରେ ଏବେ ବିଲ୍ ପଇଠ ଲାଗି ଗ୍ରାହକଙ୍କୁ ମାତ୍ର ୫ରୁ ୭ଦିନ ସମୟ ମିଳିଛି, ତାହା ପୁଣି ଗ୍ରାହକଙ୍କ ଅଗୋଚରରେ। ଏ ପର୍ଯ୍ୟନ୍ତ କୌଣସି ସୂଚନା ଦିଆଯାଇ ନାହିଁ। ଯଦି ୨୫ ତାରିଖରେ ବିଲ୍ ଆସିଛି ତେବେ ୫ଦିନ ଭିତରେ ପଇଠ ନ କଲେ ଯେଉଁ ସବ୍‌ସିଡ୍(ରିବେଟ୍) ମିଳୁଥିଲା, ତାହା ଆଉ ଦିଆଯାଉ ନାହିଁ। ଏମିତିକି ପୂର୍ବରୁ ଛୁଟି ଦିନରେ ବି ବିଦ୍ୟୁତ୍ ସେକ୍ସନ୍‌ରେ ବିଲ୍ ଆଦାୟ କରାଯାଉଥିଲା। ଟାଟା ପାୱାର ଦାୟିତ୍ୱ ନେବା ପରେ ଛୁଟି ଦିନରେ କଲେକ୍ସନ କାଉଣ୍ଟର ବନ୍ଦ ରହୁଛି। ସବୁଠୁ ବଡ଼ କଥା ହେଉଛି ବିଭିନ୍ନ ସମୟରେ ବିଦ୍ୟୁତ୍ କାଟ ମଧ୍ୟ କରାଯାଉଛି ଯାହାର ପ୍ରଭାବରେ ଲାଗିଥିବା ନୂତନ ଡିଜିଟାଲ ମିଟର ପାଇଁ ଉପଭୋକ୍ତା ଉପରେ ଅଧିକ ଆର୍ଥିକ ବୋଝ ପଡୁଛି । ଏ ସଂପର୍କରେ ଟାଟା ପାୱାରର ଜଣେ ଉପରିସ୍ଥ ଅଧିକାରୀଙ୍କ ସହିତ ଆଲୋଚନା କରିବାରୁ ସେ ଗୋପନରେ କହିଛନ୍ତି କି, ଯେଉଁ ମାନେ ମିଟର ରିଡିଂ ଦାୟିତ୍ୱରେ ଥିଲେ ସେମାନେ କିଛିଦିନ ଷ୍ଟାଇକ୍ ରେ ଥିଲେ ସେହି ସମୟରେ ବିଭାଗ କୌଣସି ପଦକ୍ଷେପ ନେଇନଥିଲେ ଯାହା ଫଳରେ । ଅନେକ ଉପଭୋକ୍ତାଙ୍କ ଏଭଳି ସମସ୍ୟା ହୋଇଥାଇପାରେ। ଯେଉଁମାନଙ୍କର ଏଭଳି ହୋଇଛି ସେମାନେ ବିଭିନ୍ନ ସମୟରେ ଅଭିଯୋଗ କରୁଛନ୍ତି କିନ୍ତୁ ଏପର୍ଯ୍ୟନ୍ତ ବିଭାଗୀୟ ବରିଷ୍ଠ ଅଧିକାରୀ ମାନେ କୌଣସି ଆଲୋଚନା କିମ୍ବା ପଦକ୍ଷେପ ଗ୍ରହଣ ପାଇଁ ନିର୍ଦ୍ଦେଶ ଦେଇନାହାନ୍ତି । ଯାହା ଫଳରେ ଏହାର ସ୍ଥାୟୀ ସମାଧାନ ଦିଗରେ ଟାଟା ପାୱାର ଏପର୍ଯ୍ୟନ୍ତ ଚିନ୍ତା କରିନି। ଏଥି ପ୍ରତି ଯଦି ବିଦ୍ୟୁତ୍ ବିତରଣ ସଂସ୍ଥା ଟାଟା ପାୱାର କୌଣସି ପଦକ୍ଷେପ ଗ୍ରହଣ ନକରେ ତେବେ ଉପଭୋକ୍ତା ମାନେ ଖୁବ୍ ଶୀଘ୍ର ଆନ୍ଦୋଳନ କୁ ଓହ୍ଲାଇବେ ବୋଲି ସୂଚନା ଦେଇଛନ୍ତି।

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776

Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର